# ଧରିତ୍ରୀ
DHARITRI

ବାଲେଶ୍ୱର, ରବିବାର, ଜାନୁୟାରୀ ୨୩/୨୦୨୨ (୧୨ ପୃଷ୍ଠା+ଛୁଟିଦିନ) | Balasore, Sunday, January 23/2022 | ★★★★

୪୮ଶ ଭାଗ ୬୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




## କ୍ରିକେଟ ଛାଡ଼ିଲେ ପରେଶ

କ୍ରିକେଟର ସବୁ ଫର୍ମାଟରୁ ଓଡ଼ିଶା ରଣଜୀ ଖେଳାଳି ପରେଶ ପଟେଲ ଅବସର ଘୋଷଣା କରିଛନ୍ତି।

୧୨

୦୨

## ମା' ହେଲେ ପ୍ରିୟଙ୍କା ଚୋପ୍ରା

ସରୋଗେସି ମାଧ୍ୟମରେ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଏବଂ ନିକ୍ ଜୋନାସ୍ ମାତାପିତା ହୋଇଛନ୍ତି।





ସ୍ୱାଧୀନତା ସଂଗ୍ରାମର ଦୁଇ ବିପ୍ଳବୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ଧରିତ୍ରୀର ପ୍ରଣିପାତ।

### ଆଜିର ସମ୍ପାଦକୀୟ

**ବିପଜ୍ଜନକ ସ୍ଥିତି**

### ଆଜିର ମନ୍ତବ୍ୟ

" ଜମ୍ମୁ-କଶ୍ମୀରରେ ସ୍ଥିତି ସ୍ୱାଭାବିକ ହେଲେ ଏହି କେନ୍ଦ୍ରଶାସିତ ଅଞ୍ଚଳକୁ ରାଜ୍ୟ ମାନ୍ୟତା ଫେରାଇଦିଆଯିବ।

**-ଅମିତ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ**

**ସୁସ୍ଥ ହେବାର ୩ ମାସ ପରେ କୋଭିଡ୍ ଟିକା**

........୨........

**ଦୁର୍ଘଟଣାରେ ଗଲା ୧୧ ଜୀବନ**

........୩........

# ଆମେରିକା ଦେଲା ଘାତକ ସହାୟତା

## ୟୁକ୍ରେନ ଉପରେ ରୁଷିଆର ଆକ୍ରମଣ ଆଶଙ୍କା

*ୟୁକ୍ରେନ୍ ଉପରେ ରୁଷିଆ ଯେକୌଣସି ସମୟରେ ଆକ୍ରମଣ କରିପାରେ। ସୀମାରେ ସୈନ୍ୟ ଠୁଳ ସହ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ଆଭିମୁଖ୍ୟରୁ ଏଭଳି ଆଶଙ୍କା ଦୃଢ଼ୀଭୂତ ହେବାରେ ଲାଗିଥିବାବେଳେ ୟୁକ୍ରେନ୍ ସମର୍ଥନରେ ଆଗେଇ ଆସିଛି ଶକ୍ତିଶାଳୀ ଆମେରିକା। ରୁଷିଆର ସାମରିକ ବଳ ପଛଘୁଞ୍ଚା ଦେବାର ନାଁ ନେଉ ନ ଥିବାରୁ ୱାଶିଂଟନ୍ ସମ୍ଭାବ୍ୟ ଯୁଦ୍ଧ ପାଇଁ ୟୁକ୍ରେନକୁ ଘାତକ ସହାୟତା ପଠାଇଛି। ପ୍ରଥମ ଥର ପାଇଁ ୯୦ ଟନ୍ ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ରାଜଧାନୀ କ୍ୱିଭ୍‌ରେ ପହଞ୍ଚିଛି। ଆଗକୁ ମଧ୍ୟ ଆମେରିକା ସାମରିକ ସହାୟତା ଜାରି ରଖିବ ବୋଲି ରାଷ୍ଟ୍ରପତି ଜୋ ବାଇଡେନ୍ ୟୁକ୍ରେନ୍‌କୁ ପ୍ରତିଶ୍ରୁତି ଦେଇଛନ୍ତି। ଫଳରେ ଦୁଇ ମହାଶକ୍ତି ଆମେରିକା ଓ ରୁଷିଆ ଏବେ ମୁହାଁମୁହିଁ ସ୍ଥିତିରେ।*

### ଦୁଇ ମହାଶକ୍ତି ମୁହାଁମୁହିଁ



ଭ୍ଲାଡିମିର ପୁଟିନ



ଜୋ ବାଇଡେନ୍



ଆମେରିକା ପଠାଇଥିବା ୯୦ ଟନ୍ ଅସ୍ତ୍ରଶସ୍ତ୍ର ୟୁକ୍ରେନ ରାଜଧାନୀ କ୍ୱିଭ୍‌ରେ ପହଞ୍ଚିଛି।

**କ୍ୱିଭ୍, ୨୨।୧**

ୟୁକ୍ରେନ୍ ଉପରେ ରୁଷିଆ ଯେ କୌଣସି ମୁହୂର୍ତ୍ତରେ ଆକ୍ରମଣ କରିପାରେ ବୋଲି ଆମେରିକା ସମେତ ପାଶ୍ଚାତ୍ୟ ଦେଶଗୁଡ଼ିକର ଗୋଇନ୍ଦା ସଂସ୍ଥା ବାରମ୍ବାର ଚେତାବନୀ ଦେଇଆସୁଛନ୍ତି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ମଧ୍ୟ ସମାନ ଆଶଙ୍କା କରୁଥିବା ବୁଧବାର ଏକ ନ୍ୟୁଜ୍ କନଫରେନ୍ସରେ କହିଥିଲେ। ଏହି ଅନୁମାନ କରିବାର ମାତ୍ର ଦିନକ ପରେ ଆମେରିକା ୟୁକ୍ରେନ୍‌କୁ ପ୍ରଥମ ପର୍ଯ୍ୟାୟରେ ଘାତକ ସାମରିକ ସହାୟତା ପ୍ରଦାନ କରିଛି। ଶୁକ୍ରବାର ରାତିରେ ଆମେରିକା ତରଫରୁ ପ୍ରାୟ ୨ କୋଟି ଟଙ୍କାର ଅସ୍ତ୍ରଶସ୍ତ୍ର ୟୁକ୍ରେନ ରାଜଧାନୀ କ୍ୱିଭ୍‌ରେ ପହଞ୍ଚିଛି। ଏ ନେଇ କ୍ୱିଭ୍‌ରେ ଥିବା ଆମେରିକୀୟ ଦୂତାବାସ ପକ୍ଷରୁ ଟୁଇଟ ଯୋଗେ ସୂଚନା ଦିଆଯାଇଛି। ଏଥିରେ ପ୍ରାୟ ୯୦ ଟନ୍‌ର ଘାତକ ଅସ୍ତ୍ରଶସ୍ତ୍ର ଏବଂ ଗୋଳାବାରୁଦ ରହିଛି। ୟୁକ୍ରେନ୍ ସୀମାରେ ରୁଷିଆ ଲକ୍ଷାଧିକ ସୈନ୍ୟ ମୁତୟନ ସହ ୟୁକ୍ରେନ୍‌କୁ ଚାରିପଟୁ ଘେରିବାକୁ ରଣନୀତି ପ୍ରସ୍ତୁତ କରୁଥିବାବେଳେ ଏହାର ଜବାବରେ ଆମେରିକା ନିଜ ବନ୍ଧୁ ରାଷ୍ଟ୍ରକୁ ସାମରିକ ସହାୟତା ପ୍ରଦାନ ଆରମ୍ଭ କରିଛି। ଏହି ଅସ୍ତ୍ରଶସ୍ତ୍ର ସମେତ ୨୦୧୪ରୁ ୟୁକ୍ରେନ୍‌କୁ ପ୍ରାୟ ୨.୭ ବିଲିୟନ ଡଲାର ସହାୟତା ଯୋଗାଯାଇଛି। ରୁଷିଆ ଆକ୍ରମଣରୁ ୟୁକ୍ରେନ୍‌କୁ ରକ୍ଷା କରିବା ସହ ଏହାର ପ୍ରତିରକ୍ଷା ବ୍ୟବସ୍ଥା ମଜଭୁତ କରିବା ନିମନ୍ତେ ଆମେରିକାର ପ୍ରତିବଦ୍ଧତାକୁ ଏହା ଦର୍ଶାଉଛି ବୋଲି ଦୂତାବାସରୁ କରାଯାଇଥିବା ଟୁଇଟ୍‌ରେ ଉଲ୍ଲେଖ କରାଯାଇଛି। ଏଥିଯୋଗୁ ଦୁଇ ମହାଶକ୍ତି ମୁହାଁମୁହିଁ ହେବାର ଆଶଙ୍କା ଆହୁରି ଘନେଇଛି।

ଗତ ସପ୍ତାହରେ ୟୁକ୍ରେନ ପ୍ରତି ରୁଷିଆର ଆକ୍ରମଣାତ୍ମକ ମନୋଭାବ ବୃଦ୍ଧି ପାଇବାପରେ ଆମେରିକା କ୍ରେମେଲିନର ପ୍ରତ୍ୟେକ ଗତିବିଧି ଉପରେ କଡ଼ା ନଜର ରଖିଛି। ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣ କଲେ ଏହାର ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ ବୋଲି ଆମେରିକା ବାରମ୍ବାର ଚେତାବନୀ ଦେଇଆସୁଛି। ଯୁଦ୍ଧ ସ୍ଥିତି ଏଡ଼ାଇବାକୁ ଆମେରିକା ଏବଂ ରୁଷିଆ ମଧ୍ୟରେ ଏକାଧିକ ଥର ବୈଠକ ଆୟୋଜିତ ହୋଇଛି। କିନ୍ତୁ ପ୍ରଥମେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ରୁଷିଆ ପ୍ରତିପକ୍ଷ ଭ୍ଲାଡିମିର ପୁଟିନ୍‌ଙ୍କ ପରେ ଏବେ ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ଓ ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସେରେଗି ଲାଭ୍‌ରୋଭଙ୍କ ମଧ୍ୟରେ ଆଲୋଚନା ଏକ ପ୍ରକାର ☞ପୃଷ୍ଠା-୪

# ସ୍ୱାମୀଙ୍କୁ ଆଜୀବନ, ସ୍ତ୍ରୀଙ୍କୁ ୨୦ବର୍ଷ ଜେଲ

### ନାବାଳିକା ଅପହରଣ, ବଳାତ୍କାର ମାମଲା

**କଟକ ଅଫିସ, ୨୨।୧**

୨୦୧୯ରେ ଜଣେ ନାବାଳିକାଙ୍କୁ ବିକ୍ରି ଉଦ୍ଦେଶ୍ୟରେ ଅପହରଣ ଏବଂ ବଳାତ୍କାର ଘଟଣାରେ କଟକର ସ୍ୱତନ୍ତ୍ର ପ୍ରୋଟେକ୍ସନ ଅଫ୍ ଚିଲ୍‌ଡ୍ରେନ୍ ଫ୍ରମ୍ ସେକ୍ସୁଆଲ୍ ଅଫେନ୍ସେସ(ପୋକ୍‌ସୋ) ଅଦାଲତ ଶନିବାର ଏକ ଦମ୍ପତିଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ଦମ୍ପତି ହେଲେ ଅମୀତ ବିନ୍ଧାଣୀ ଏବଂ ସ୍ତ୍ରୀ ଆଶା ଲୋହାର ଓରଫ ଚୁନିଆ। ଅମୀତଙ୍କୁ ଯାବତ୍‌ଜୀବନ(ମୃତ୍ୟୁ ପର୍ଯ୍ୟନ୍ତ) କାରାଦଣ୍ଡାଦେଶ ହୋଇଥିବାବେଳେ ସ୍ତ୍ରୀ ଲୋହାରଙ୍କୁ ୨୦ ବର୍ଷ ଦଣ୍ଡାଦେଶ ହୋଇଛି। ଏପରି କି ଅଭିଯୁକ୍ତ ଲୋହାର ୫ହଜାର ଟଙ୍କାର ଅର୍ଥ ଦଣ୍ଡରେ ଦଣ୍ଡିତ ହୋଇଛନ୍ତି। ଜରିମାନା ଅନାଦାୟ କ୍ଷେତ୍ରରେ ଅଧିକ ୬ମାସ ଅତିରିକ୍ତ ଦଣ୍ଡ ଭୋଗିବେ। ଏଥିସହିତ ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦ ୫ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ କ୍ଷତିପୂରଣ ରାଶିରୁ ୩ଲକ୍ଷ ଟଙ୍କା ପୀଡ଼ିତାଙ୍କ ନାମରେ ସ୍ଥାୟୀ ଜମା(ଫିକ୍ସଡ଼ି ଡିପୋଜିଟ୍) ରହିବ ଏବଂ ବାକି ୨ଲକ୍ଷ ପୀଡ଼ିତାଙ୍କ ଅଭିଭାବକଙ୍କୁ ପ୍ରଦାନ କରାଯିବ।

ମାମଲାର ବିବରଣୀରୁ ଜଣାପଡ଼ିଛି ଯେ, ସତୀଚଉରା ବସ୍ତିରେ ପରିବାର ସହ ରହୁଥିବା ଜଣେ ୧୦ବର୍ଷୀୟା ଝିଅକୁ ୨୦୧୯ ଜୁଲାଇ ୧୮ରେ ଅଭିଯୁକ୍ତ ଦମ୍ପତି ବିକ୍ରି କରିବା ଉଦ୍ଦେଶ୍ୟରେ ନିଶା ଦେଇ ଅପହରଣ କରିନେଇଥିଲେ। ଜାମସେଦ୍‌ପୁର ଟାଟା ଅଞ୍ଚଳକୁ ନେଇ ସେଠାରେ ୮ଦିନ ରଖିଥିଲେ। ଏପରି କି ଏହି ସମୟରେ ବିନ୍ଧାଣୀ ପୀଡ଼ିତା ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଏଥିରେ ତାଙ୍କ ସ୍ତ୍ରୀ ଲୋହାର ସହଯୋଗ କରିଥିଲେ। ଅପରପକ୍ଷରେ ନାବାଳିକାଙ୍କୁ ଅପହରଣ କରାଯାଇଥିବାନେଇ ପରିବାର ଲୋକ ବିଡ଼ାନାସୀ ଥାନାରେ ଅଭିଯୁକ୍ତ ଦମ୍ପତିଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୋଲିସ ଅଭିଯୁକ୍ତ ଦମ୍ପତିଙ୍କୁ ଜାମ୍‌ସେଦପୁରରୁ ଠାବ କରି ଗିରଫ କରିବା ସହ ପୀଡ଼ିତାଙ୍କୁ ଉଦ୍ଧାର କରିଥିଲା। ମାମଲାର ବିଚାର କଟକ ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତରେ ହୋଇଥିଲା। ବିଚାରପତି ଗୟାଧର ପଣ୍ଡା ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଅଭିଯୁକ୍ତ ଦମ୍ପତିଙ୍କୁ ଦଣ୍ଡାଦେଶ ଦେଇଛନ୍ତି। ମାମଲାକୁ ସରକାରୀ ଓକିଲ ବିଶ୍ୱଜିତ୍ ରାୟ ପରିଚାଳନା କରୁଥିଲେ।








| | କିଛି ନାହିଁ | କପଡ଼ା ମାସ୍କ | ସର୍ଜିକାଲ ମାସ୍କ | N95 ମାସ୍କ (10%) |
|---|---|---|---|---|
| କିଛି ନାହିଁ | 15 ମିନିଟ | 20 ମିନିଟ | 30 ମିନିଟ | 2.5ଘଣ୍ଟା |
| କପଡ଼ା ମାସ୍କ | 20 ମିନିଟ | 27 ମିନିଟ | 40 ମିନିଟ | 3.3ଘଣ୍ଟା |
| ସର୍ଜିକାଲ ମାସ୍କ | 30 ମିନିଟ | 40 ମିନିଟ | 60 ମିନିଟ | 5ଘଣ୍ଟା |
| N95 ମାସ୍କ (10%) | 2.5ଘଣ୍ଟା | 3.3ଘଣ୍ଟା | 5ଘଣ୍ଟା | 25ଘଣ୍ଟା |

*ଏହି ସର୍ତ୍ତରେ ଯେ ଉଭୟ N95 କିମ୍ବା ଏହାର ତୁଳନାତ୍ମକ FFP2 ମାସ୍କ ଗୁଡ଼ିକ ସଠିକ ଭାବରେ ପ୍ରଦାନ କରାଯାଇଛି।
#ସାରଣୀ ଦେଖନ୍ତୁ। ACGIH® ମହାମାରୀ ଟାସ୍କ ଫୋର୍ସ ଫ୍ୟାକ୍ଟ ଶୀଟ୍‌ରୁ: ଶ୍ରମିକଙ୍କୁ ରେସ୍ପିରେଟର୍ସର ଆବଶ୍ୟକ ହୋଇଥାଏ।

## ଚାଇନାକୁ ୪୪ ବିମାନ ବାତିଲ କଲା ଆମେରିକା

କିଛି ଦିନ ପୂର୍ବରୁ ଚାଇନା କୋଭିଡ୍ ସଂକ୍ରମଣ କାରଣ ଦର୍ଶାଇ ଆମେରିକାର କେତେକ ବିମାନ ଉଡ଼ାଣକୁ ବାତିଲ କରିଦେଇଥିଲା। ଏହାର ଜବାବରେ ଆମେରିକା ଚାଇନାର ୪୪ ବିମାନ ଉଡ଼ାଣକୁ ବାତିଲ କରାଯିବାକୁ ଶୁକ୍ରବାର ଘୋଷଣା କରିଛି। ଜାନୁୟାରୀ ୩୦ରୁ ମାର୍ଚ୍ଚ ୨୯ ପର୍ଯ୍ୟନ୍ତ ଚାଇନା ଯିବାକୁ ଥିବା ବିମାନ ଉପରେ ଏହି କଟକଣା ଲାଗୁ ହେବ। କିଛି ଯାତ୍ରୀ କରୋନା ସଂକ୍ରମିତ ହେବା ପରେ ଚାଇନା ଡିସେମ୍ବର ୩୦ଠାରୁ ଆମେରିକା ଆସିବାକୁ ଥିବା ବହୁ ଫ୍ଲାଇଟ୍‌କୁ ବାତିଲ କରିଥିଲା।

**ସଂକ୍ଷେପରେ**

## ସାଧାରଣତନ୍ତ୍ର ଦିବସ ଧ୍ୱଜାବତରଣ ଉତ୍ସବରୁ ହଟିଲା ଗାନ୍ଧିଜୀଙ୍କ ଗୀତ

**ନୂଆଦିଲ୍ଲୀ,୨୨।୧:** ସାଧାରଣତନ୍ତ୍ର ଦିବସ ଉତ୍ସବର ଉଦ୍‌ଯାପନୀ ସ୍ୱରୂପ ଜାନୁୟାରୀ ୨୯ରେ ଅନୁଷ୍ଠିତ ହେଉଥିବା ଧ୍ୱଜାବତରଣ ଉତ୍ସବରୁ ମହାତ୍ମା ଗାନ୍ଧୀଙ୍କ ପ୍ରିୟ ଗୀତ 'ଆବାଇଡ୍ ୱିଥ୍ ମି'କୁ ବାଦ୍ ଦିଆଯାଇଛି। ୧୯୫୦ରୁ ପାରମ୍ପରିକ ଭାବେ ଗାନ୍ଧିଜୀଙ୍କ ପ୍ରିୟ ଗୀତ ଧ୍ୱଜାବତରଣ ଉତ୍ସବରେ ଗାନ ହେଉଥିଲା। ଦିଲ୍ଲୀର ବିଜୟ ଚୌକଠାରେ ଜାନୁୟାରୀ ୨୯ ସନ୍ଧ୍ୟାରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥାଏ। ଇଣ୍ଡିଆ ଗେଟ୍ ନିକଟରେ ଥିବା ଅମର ଯବାନ ଜ୍ୟୋତିକୁ ଜାତୀୟ ଯୁଦ୍ଧ ସ୍ମାରକୀକୁ ସ୍ଥାନାନ୍ତର କରାଯିବାର ଦିନକ ପରେ ଧ୍ୱଜାବତରଣ ଉତ୍ସବରୁ ଗାନ୍ଧିଜୀଙ୍କ ପ୍ରିୟ ଗୀତ ହଟାଇବାକୁ ନିଷ୍ପତ୍ତି ନିଆଯାଇଛି।

## ୬୦% କୋଭିଡ୍ ମୃତକ ଟିକା ନେଇନାହାନ୍ତି

**ନୂଆଦିଲ୍ଲୀ, ୨୨।୧:** କୋଭିଡ୍ ମହାମାରୀର ତୃତୀୟ ଲହରରେ ମୃତ୍ୟୁ ଘଟିଥିବା ଲୋକଙ୍କ ମଧ୍ୟରୁ ୬୦ ପ୍ରତିଶତଙ୍କ ସମ୍ପୂର୍ଣ୍ଣ ଟିକାକରଣ ହୋଇନାହିଁ। ସେମାନଙ୍କ ମଧ୍ୟରୁ ଅନେକେ ମାତ୍ର ଗୋଟିଏ ଡୋଜ୍ ନେଇଥିବାବେଳେ ଅଧିକାଂଶ ଆଦୌ ଭାକ୍ସିନ ନେଇ ନ ଥିବା ଘରୋଇ ହସ୍ପିଟାଲ ମାକ୍ସ ହେଲ୍‌ଥକେୟାର ପକ୍ଷରୁ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି। ସେହିପରି ତୃତୀୟ ଲହରରେ ମୃତକଙ୍କ ମଧ୍ୟରେ ବିଭିନ୍ନ ରୋଗରେ ପୀଡ଼ିତ ଥିବା ଏବଂ ୭୦ ବର୍ଷରୁ ଊର୍ଦ୍ଧ୍ୱ କରୋନା ଆକ୍ରାନ୍ତ ରହିଛନ୍ତି। ଟିକା ନେଇ ନ ଥିବା ଏବଂ ଜଟିଳ ସ୍ୱାସ୍ଥ୍ୟ ସମସ୍ୟା ଥିବା ବ୍ୟକ୍ତିଙ୍କ ମଧ୍ୟରୁ ଅଧିକାଂଶଙ୍କ ଓମିକ୍ରନ୍ ଲହରରେ ମୃତ୍ୟୁ ଘଟିଥିବା ଦିଲ୍ଲୀ ସ୍ୱାସ୍ଥ୍ୟମନ୍ତ୍ରୀ ସତ୍ୟେନ୍ଦ୍ର ଜୈନ୍ କହିଛନ୍ତି। ପ୍ରଥମ, ଦ୍ୱିତୀୟ ଲହର ତୁଳନାରେ ତୃତୀୟ ଲହରରେ ମାତ୍ର ୨୩.୪ ପ୍ରତିଶତ ସଂକ୍ରମିତଙ୍କୁ ଅକ୍ସିଜେନ ସପୋର୍ଟ ଆବଶ୍ୟକ ପଡ଼ିଥିବା ଅଧ୍ୟୟନରୁ ଜଣାପଡ଼ିଛି। ଦ୍ୱିତୀୟ ଲହରରେ ୭୪ ପ୍ରତିଶତ ଏବଂ ପ୍ରଥମ ଲହରରେ ୬୩ ପ୍ରତିଶତ ଆକ୍ରାନ୍ତଙ୍କୁ ଅକ୍ସିଜେନ ଆବଶ୍ୟକ ପଡ଼ିଥିଲା।

## ବିଦେଶ ଫେରନ୍ତାଙ୍କ ପାଇଁ ଆଇସୋଲେଶନ ବାଧ୍ୟତାମୂଳକ ନୁହେଁ

**ନୂଆଦିଲ୍ଲୀ, ୨୨।୧:** ବିଦେଶରୁ ଭାରତ ଆସୁଥିବା ଯାତ୍ରୀଙ୍କ କୋଭିଡ୍ ରିପୋର୍ଟ ପଜିଟିଭ୍ ଆସିଲେ ସେମାନଙ୍କୁ ଆଇସୋଲେଶନରେ ରଖାଯିବା ବାଧ୍ୟତାମୂଳକ ନୁହେଁ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି। ଏହି ଗାଇଡଲାଇନ ଶନିବାରଠାରୁ ଲାଗୁ ହୋଇଛି। ତେବେ ସଂକ୍ରମିତ ବ୍ୟକ୍ତି ପ୍ରୋଟୋକଲ ଅନୁସାରେ ଘରେ କ୍ୱାରାଣ୍ଟାଇନରେ ରହିବେ ବୋଲି କୁହାଯାଇଛି। ବିଦେଶ ଫେରନ୍ତାଙ୍କ ପାଇଁ ଜାରି ସଂଶୋଧିତ ଗାଇଡଲାଇନ ଅନୁସାରେ, ଭାରତରେ ପହଞ୍ଚିବା ପରେ କୌଣସି ବ୍ୟକ୍ତି କରୋନା ପଜିଟିଭ୍ ବାହାରିଲେ ତାଙ୍କୁ ୭ ଦିନ ପର୍ଯ୍ୟନ୍ତ ଘରେ କ୍ୱାରାଣ୍ଟାଇନରେ ରହିବାକୁ ପଡ଼ିବ। ଅଷ୍ଟମ ଦିନରେ ଆକ୍ରାନ୍ତଙ୍କୁ ଆର୍‌ଟି-ପିସିଆର୍ ଟେଷ୍ଟ କରିବାକୁ ପଡ଼ିବ। ପୂର୍ବ ନିୟମ ଅନୁସାରେ, ବାହାର ଦେଶରୁ ଆସୁଥିବା ବ୍ୟକ୍ତିଙ୍କୁ ଆଇସୋଲେଶନ କେନ୍ଦ୍ରରେ ରହିବା ବାଧ୍ୟତାମୂଳକ ଥିଲା। ତେବେ ସ୍କ୍ରିନିଂବେଳେ କୌଣସି ବ୍ୟକ୍ତିଙ୍କଠାରେ ଲକ୍ଷଣ ଦେଖାଗଲେ ତାଙ୍କୁ ତୁରନ୍ତ ଆଇସୋଲେଟ କରାଯାଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯିବା ନିମନ୍ତେ ବ୍ୟବସ୍ଥା କରାଯିବାକୁ ମଧ୍ୟ କେନ୍ଦ୍ର ସରକାର କହିଛନ୍ତି।



ସାଧାରଣତନ୍ତ୍ର ଦିବସ ପରେଡରେ ଭାଗନେବାକୁ ଥିବା ହରିୟାଣାର ପ୍ରଜ୍ଞାପନ ମେଢ଼ ସହ ଶିଳ୍ପୀମାନେ ଶନିବାର ନୃତ୍ୟର ଝଲକ ଦେଖାଉଛନ୍ତି।

## ୭୫ ମିନିଟ୍‌ରେ ଗୁଜରାଟରୁ ହାତ ପହଞ୍ଚିଲା ମହାରାଷ୍ଟ୍ରରେ

ଅହମଦାବାଦ,୨୨।୧

ଗୁଜରାଟର ସୁରଟ ସହରରୁ ଜଣେ ୬୭ ବର୍ଷୀୟ ବ୍ରେନ୍ ଡେଡ୍ ବ୍ୟକ୍ତିଙ୍କ ହାତ ମାତ୍ର ୭୫ ମିନିଟରେ ମହାରାଷ୍ଟ୍ରରେ ପହଞ୍ଚି ଜଣେ ମହିଳାଙ୍କଠାରେ ସଫଳ ପ୍ରତିରୋପଣ କରାଯାଇପାରିଛି। କାନୁ ବାଶ୍ରମଭାଇ ପଟେଲ ନାମକ ବ୍ୟକ୍ତି ଜାନୁୟାରୀ ୧୮ରେ ପାରାଲିଟିକ୍ ଆକ୍ରାନ୍ତ ହୋଇ ସୁଯଣର ଏକ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସିଟି ସ୍କାନ୍‌ରୁ ତାଙ୍କର ବ୍ରେନ୍‌ରେ ରକ୍ତ ଜମାଟ ବାନ୍ଧିବା ସହ ହାମରେଜ୍ ହୋଇଥିବା ଜଣାପଡ଼ିଥିଲା। ସର୍ଜରି ସତ୍ତ୍ୱେ ୨୦ ତାରିଖରେ ଡାକ୍ତର ତାଙ୍କୁ ବ୍ରେନ୍ ଡେଡ୍ ଘୋଷଣା କରିଥିଲେ। ଡୋନେଟ୍ ଲାଇଫ୍ ଟିମ୍‌ର ସ୍ୱେଚ୍ଛାସେବୀମାନେ ପଟେଲଙ୍କ ପରିବାର ସହ ଯୋଗାଯୋଗ କରି ତାଙ୍କ ଅଙ୍ଗଦାନ କରି ଅନ୍ୟମାନଙ୍କ ଜୀବନ ବଞ୍ଚାଇବା ଲାଗି ପରାମର୍ଶ ଦେଇଥିଲେ। ଫଳରେ ପଟେଲ ପରିବାର କାନୁଙ୍କ ହାତ, କିଡ୍‌ନୀ, ଲିଭର ଆଦି ଦାନ କରିବାକୁ ରାଜି ହୋଇଥିଲେ। ତେବେ ୬ରୁ ୮ ଘଣ୍ଟା ମଧ୍ୟରେ ହାତ ପ୍ରତିରୋପଣ କରା ନ ଗଲେ ତାହା ଅକାମୀ ହୋଇଯିବ। ସୁରଟ ହସ୍ପିଟାଲରୁ ୨୯୨ କିଲୋମିଟର ଦୂରରେ ଅବସ୍ଥିତ ମୁମ୍ବାଇର ଗ୍ଲୋବାଲ ହସ୍ପିଟାଲରେ ହାତ ପହଞ୍ଚାଇବା ପାଇଁ ଗ୍ରୀନ୍ କରିଡର କରାଯାଇଥିଲା। ସ୍ୱତନ୍ତ୍ର ବିମାନ ଯୋଗେ ମାତ୍ର ୭୫ ମିନିଟରେ ଗ୍ଲୋବାଲ ହସ୍ପିଟାଲରେ ହାତ ପହଞ୍ଚିଥିଲା। ବୁଲଧାନାର ଜଣେ ୩୫ ବର୍ଷୀୟା ମହିଳାଙ୍କଠାରେ ଏହାକୁ ପ୍ରତିରୋପଣ କରାଯାଇଛି। ୩ ବର୍ଷ ପୂର୍ବେ ମହିଳା ଜଣକ ବଜ୍ରପାତରେ ଦୁଇ ହାତ ହରାଇଥିଲେ।

**ମହିଳାଙ୍କଠାରେ ସଫଳ ପ୍ରତିରୋପଣ**



# ୩୧ ଯାଏ ନିର୍ବାଚନୀ ରାଲି ବନ୍ଦ

ନୂଆଦିଲ୍ଲୀ,୨୨।୧



- ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଲାଗି ୨୮ ପରେ ସଭାକୁ ଅନୁମତି
- ଘରକୁ ଘର ପ୍ରଚାରରେ ୧୦ ଜଣ ଯୋଗଦେଇପାରିବେ

କୋଭିଡ୍-୧୯ ସଂକ୍ରମଣ ବଢୁଥିବାରୁ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ୫ ରାଜ୍ୟରେ ସଭା, ଶୋଭାଯାତ୍ରା ଓ ରୋଡ୍ ଶୋ' ଉପରେ ଲଗାଯାଇଥିବା ନିଷେଧାଦେଶକୁ ଜାନୁୟାରୀ ୩୧ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ମହାମାରୀର ତୃତୀୟ ଲହରକୁ ଦୃଷ୍ଟିରେ ରଖି ପ୍ରଥମେ ଜାନୁୟାରୀ ୧୫ ପର୍ଯ୍ୟନ୍ତ ସଭା, ଶୋଭାଯାତ୍ରା ଓ ରୋଡ୍ ଶୋ' ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ପରେ ଏହି ସମୟସୀମା ୨୨ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ଶନିବାର ନିର୍ବାଚନ କମିଶନ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏବଂ ନିର୍ବାଚନ ହେବାକୁ ଥିବା ରାଜ୍ୟଗୁଡ଼ିକର ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କ ସହ କୋଭିଡ୍ ସ୍ଥିତି ସମୀକ୍ଷା କରିବା ପରେ କଟକଣାକୁ ପୁନର୍ବାର ୩୧ ପର୍ଯ୍ୟନ୍ତ ବଢ଼ାଇବାକୁ ନିଷ୍ପତ୍ତି ନେଇଛନ୍ତି।

ଅନ୍ୟପକ୍ଷରେ ରାଜନୈତିକ ଦଳଗୁଡ଼ିକ ପାଇଁ ନିର୍ବାଚନ କମିଶନ କଟକଣାରେ କେତେକ କୋହଳ ଘୋଷଣା କରିଛନ୍ତି। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଲଢୁଥିବା ଦଳ ଓ ପ୍ରାର୍ଥୀମାନେ ଜାନୁୟାରୀ ୨୮ ପରେ ସାଧାରଣ ସଭା କରିବାକୁ ଅନୁମତି ମିଳିଛି। ତେବେ ନିର୍ଦ୍ଧାରିତ ଖୋଲା ସ୍ଥାନରେ ସଭା ହେବ ଏବଂ ସେଠାରେ ସର୍ବାଧିକ ୫୦୦ ଲୋକ କିମ୍ବା ପଡ଼ିଆରେ ବସିବା ସ୍ଥାନର ୫୦ ପ୍ରତିଶତ ଲୋକ ଯୋଗଦେଇପାରିବେ। ସେହିପରି ଘରକୁ ଘର ପ୍ରଚାରରେ ୫ ପରିବର୍ତ୍ତେ ୧୦ ଜଣ ଲୋକ ସାମିଲ ହୋଇପାରିବେ। ନିୟମ ଉଲ୍ଲଂଘନ ପାଇଁ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଫଳ ହେଲେ ନିର୍ବାଚନ କମିଶନ ଉକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ସିଇସି ସୁଶୀଲ ଚନ୍ଦ୍ରା କହିଛନ୍ତି। କୋଭିଡ୍ ସମ୍ପର୍କିତ ସମସ୍ତ ନିୟମାବଳୀ ପାଳନରେ ଖିଲାପ ପାଇଁ ମୁଖ୍ୟ ସଚିବ କିମ୍ବା ଜିଲାପାଳ ବ୍ୟକ୍ତିଗତ ଭାବେ ଦାୟୀ ରହିବେ ବୋଲି ସିଇସି କହିଛନ୍ତି।

ଫେବୃୟାରୀ ୧୦ରୁ ମାର୍ଚ୍ଚ ୭ ମଧ୍ୟରେ ଉତ୍ତରପ୍ରଦେଶ, ପଞ୍ଜାବ, ଉତ୍ତରାଖଣ୍ଡ, ମଣିପୁର ଏବଂ ଗୋଆରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଉତ୍ତରପ୍ରଦେଶରେ ୭ ପର୍ଯ୍ୟାୟ ଓ ମଣିପୁରରେ ୨ ପର୍ଯ୍ୟାୟରେ ଭୋଟ ହେବାକୁ ଥିବାବେଳେ ଅନ୍ୟ ରାଜ୍ୟରେ ଗୋଟିଏ ଲେଖାଏ ପର୍ଯ୍ୟାୟରେ ମତଦାନ ହେବ। ମାର୍ଚ୍ଚ ୧୦ରେ ସବୁ ରାଜ୍ୟରେ ଭୋଟଗଣତି ହୋଇ ଫଳାଫଳ ପ୍ରକାଶ ପାଇବ।

## 'କଶ୍ମୀର ପ୍ରସଙ୍ଗର ଶାନ୍ତିପୂର୍ଣ୍ଣ ସମାଧାନ ଲାଗି ଆଶାବାଦୀ'



ଆଣ୍ଟୋନିଓ ଗୁଟେରେସ୍

ଜାତିସଂଘ,୨୨।୧(ପି.ଟି.)

ଭାରତ ଓ ପାକିସ୍ତାନ ମଧ୍ୟରେ କଶ୍ମୀର ପ୍ରସଙ୍ଗର ଶାନ୍ତିପୂର୍ଣ୍ଣ ସମାଧାନ ହୋଇପାରିବ ବୋଲି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ଆଶାବ୍ୟକ୍ତ କରିଛନ୍ତି। ଏହି ପ୍ରସଙ୍ଗ ଉପରେ ଜାତିସଂଘର ସମାନ ଆଭିମୁଖ୍ୟ ରହିଆସିଛି। ସେଠାରେ ଜାତିସଂଘର ଭୂମିକା ଶାନ୍ତିରକ୍ଷାକାରୀ ଭାବେ ସୀମିତ ଓ ଏଥିପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି ଗୁଟେରେସ୍ କହିଛନ୍ତି। ସେ ଅନେକ ଥର ପ୍ରସଙ୍ଗର ଶାନ୍ତିପୂର୍ଣ୍ଣ ସମାଧାନ ଲାଗି ପ୍ରସ୍ତାବ ଦେଇଛନ୍ତି। କଶ୍ମୀର ପ୍ରସଙ୍ଗ ସହିତ ମାନବାଧିକାର ଏବଂ ଜନସାଧାରଣଙ୍କ ଶାନ୍ତି ଓ ସୁରକ୍ଷା ଜଡ଼ିତ ବୋଲି ଗୁଟେରେସ୍ କହିଛନ୍ତି। ଏକ ଖବରଦାତା ସମ୍ମିଳନୀରେ ଜଣେ ପାକିସ୍ତାନୀ ସାମ୍ବାଦିକଙ୍କ ପ୍ରଶ୍ନରେ ଜାତିସଂଘ ମୁଖ୍ୟ ଏହା କହିଥିଲେ। ସୂଚନାଯୋଗ୍ୟ, ଭାରତ ଓ ପାକିସ୍ତାନ ମଧ୍ୟରେ କଶ୍ମୀର ବିବାଦର ସମାଧାନ ଲାଗି ତୃତୀୟ ପକ୍ଷର ମଧ୍ୟସ୍ଥତାକୁ ନୂଆଦିଲ୍ଲୀ ପ୍ରତ୍ୟାଖ୍ୟାନ କରିଆସିଛି। ୨୦୧୯ ଅଗଷ୍ଟରେ ଗୁଟେରେସ୍ ଦୁଇଦେଶ ମଧ୍ୟରେ ୧୯୭୨ରେ ହୋଇଥିବା ଶିମ୍‌ଲା ରାଜିନାମା କଥା ମନେ ପକାଇଦେଇଥିଲେ। ଏଥିରେ ତୃତୀୟ ପକ୍ଷକୁ ଅନୁମତି ଦିଆଯାଇ ନ ଥିଲା। ୨୦୧୯ ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ଏବଂ ଉକ୍ତ ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିବର୍ତ୍ତନ କରାଯିବା ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି।

## ସୁସ୍ଥ ହେବାର ୩ ମାସ ପରେ ଟିକା

ନୂଆଦିଲ୍ଲୀ, ୨୨।୧

ଟିକା ନେଇ ନ ଥିବା ତଥା ବୁଷ୍ଟର ଡୋଜ୍ ପାଇ ନ ଥିବା କରୋନା ଆକ୍ରାନ୍ତ ଏଣିକି ସୁସ୍ଥ ହେବାପରେ ସଙ୍ଗେ ସଙ୍ଗେ ଟିକା ନେଇପାରିବେ ନାହିଁ। ଏଥିପାଇଁ ସେମାନଙ୍କୁ ୩ ମାସ ଅପେକ୍ଷା କରିବାକୁ ପଡ଼ିବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ଗାଇଡ୍‌ଲାଇନ ଜାରି କରାଯାଇଛି। ପ୍ରଥମ, ଦ୍ୱିତୀୟ ଡୋଜ୍ ସମେତ ବୁଷ୍ଟର ଡୋଜ୍ ନେବାକୁ ଥିବା ନିର୍ଦ୍ଦିଷ୍ଟ ବର୍ଗର ଲୋକେ କରୋନା ନେଗେଟିଭ୍ ରିପୋର୍ଟ ଆସିବାର ୩ ମାସ ପରେ ହିଁ ଟିକା ନେଇ ପାରିବେ। ଏ ସମ୍ପର୍କରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅତିରିକ୍ତ ସଚିବ ବିକାଶ ଶୀଲ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଚିଠି ଲେଖିଛନ୍ତି। ଲାବ୍ ଟେଷ୍ଟ ରିପୋର୍ଟ କରୋନା ପଜିଟିଭ୍ ଆସିଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସୁସ୍ଥ ହେବା ଯାଏ ଅପେକ୍ଷା କରିବାକୁ ପଡ଼ିବ ଏବଂ ଏହାର ୩ ମାସ ପରେ ହିଁ ସେ ଟିକା ନେଇପାରିବେ ବୋଲି ସେ ପ୍ରକାଶ କରିଛନ୍ତି। ଟିକାକରଣ ଦାୟିତ୍ୱରେ ଥିବା ସମ୍ପୃକ୍ତ ଅଧିକାରୀମାନେ ଏ ଦିଗରେ ଦୃଷ୍ଟି ଦେବାକୁ ଚିଠିରେ ଉଲ୍ଲେଖ ରହିଛି। ବୈଜ୍ଞାନିକ କାରଣ ଓ ସୁପାରିସ ଆଧାରରେ ଏବଂ ଇମ୍ୟୁନାଇଜେଶନ ଉପରେ ଜାତୀୟ ବୈଷୟିକ ପରାମର୍ଶଦାତା ଗୋଷ୍ଠୀର ପ୍ରସ୍ତାବ ଅନୁସାରେ କେନ୍ଦ୍ର ସରକାର ଏହି ନିଷ୍ପତ୍ତି ନେଇଥିବା ସେ କହିଛନ୍ତି।

**କେନ୍ଦ୍ରର ନୂଆ କୋଭିଡ୍ ଗାଇଡ୍‌ଲାଇନ**

ସୂଚନାଯୋଗ୍ୟ, ଜାନୁୟାରୀ ୧୫ଠାରୁ ଦେଶରେ ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ ବର୍ଗ, ସ୍ୱାସ୍ଥ୍ୟକର୍ମୀ ତଥା ସମ୍ମୁଖ ଯୋଦ୍ଧାଙ୍କୁ ବୁଷ୍ଟର ଡୋଜ୍ ପ୍ରଦାନ ଆରମ୍ଭ କରାଯାଇଛି। ଏଥିସହ ଜାନୁୟାରୀ ୩ରୁ ୧୫ରୁ ୧୮ ବର୍ଷ ବୟସର ପିଲାଙ୍କୁ କୋଭିଡ୍ ଟିକା ଦିଆଯାଉଛି। ଦ୍ୱିତୀୟ ଡୋଜ୍ ନେବାର ୯ ମାସ ବା ୩୯ ସପ୍ତାହ ପରେ ଉପରୋକ୍ତ ବର୍ଗର ବ୍ୟକ୍ତି ବୁଷ୍ଟର ଡୋଜ୍ ନେଇପାରିବେ।

## ୨୦ ମହଲା ବିଲ୍ଡିଂରେ ନିଆଁ: ୬ ମୃତ

ମୁମ୍ବାଇ,୨୨।୧

ମୁମ୍ବାଇର ଏକ ୨୦ ମହଲା ବିଲ୍ଡିଂରେ ଶନିବାର ସକାଳେ ନିଆଁ ଲାଗି ୬ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୨୮ ଜଣ ଆହତ ହୋଇଛନ୍ତି। ମହାନଗରୀର ଟାରଦେଓ ଅଞ୍ଚଳର ନାନା ଚୌକଠାରେ ଥିବା କମଳା ବିଲ୍ଡିଂର ୧୮ତମ ମହଲାରେ ସକାଳ ପ୍ରାୟ ୭ଟା ୩୦ ସମୟରେ ନିଆଁ ଲାଗିଯାଇଥିଲା। ଏହାକୁ ଲେବଲ୍-୩ ଅଗ୍ନିକାଣ୍ଡ ବୋଲି ମୁମ୍ବାଇ ଅଗ୍ନିଶମ ବିଭାଗ କହିଛନ୍ତି। ନିଆଁ ଲିଭା କାର୍ଯ୍ୟରେ ୧୩ ଦମକଳ ନିୟୋଜିତ ହୋଇଥିଲା। ଆହତଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାର ଲାଗି ୨ ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ଘୋଷଣା କରିଛନ୍ତି। ଏଥିସହିତ ଆହତମାନଙ୍କୁ ୫୦ ହଜାର ଟଙ୍କା ଲେଖାଏ ଦେବା ଲାଗି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଆଦିତ୍ୟ ଠାକ୍‌ରେ ଘଟଣାସ୍ଥଳ ପରିଦର୍ଶନ କରିବା ସହ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଯୋଗାଇ ଦିଆଯିବ ବୋଲି ଘୋଷଣା କରିଛନ୍ତି। ଶର୍ଟ୍ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ଅଗ୍ନିକାଣ୍ଡରେ ଆହତମାନଙ୍କୁ ଚିକିତ୍ସା କରିବା ପାଇଁ ସ୍ଥାନୀୟ ୩ଟି ହସ୍ପିଟାଲ ମନା କରୁଥିବା ଅଭିଯୋଗ ହୋଇଥିଲା। ସେମାନେ ଅଗ୍ରିମ ଅର୍ଥ ଦାବି କରିବା ସହ କୋଭିଡ୍ ନେଗେଟିଭ୍ ରିପୋର୍ଟ ଆଣିବାକୁ କହିଥିଲେ। ଉକ୍ତ ହସ୍ପିଟାଲଗୁଡ଼ିକ ଆହତମାନଙ୍କୁ ଫେରାଇଦେବା କାରଣରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇଲା ବୋଲି ଭାଜପା ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ କହିଛନ୍ତି।



## ମାତାପିତା ହେଲେ ପ୍ରିୟଙ୍କା-ନିକ୍

ନୂଆଦିଲ୍ଲୀ, ୨୨।୧

ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଏବଂ ନିକ୍ ଜୋନାସ୍ ମାତାପିତା ହୋଇଛନ୍ତି। ସରୋଗେସି ମାଧ୍ୟମରେ ଉଭୟେ ସେମାନଙ୍କ ପ୍ରଥମ ସନ୍ତାନକୁ ସ୍ୱାଗତ କରିଥିବା ଶୁକ୍ରବାର ସୋସିଆଲ ମିଡିଆ ମାଧ୍ୟମରେ ପ୍ରଶଂସକମାନଙ୍କୁ ଜଣାଇଛନ୍ତି। ଶିଶୁର ଜନ୍ମ ପରେ ସେ ବେଶ ଖୁସି ଏବଂ ଉତ୍ସାହୀ ଥିବା ପ୍ରିୟଙ୍କା କହିଛନ୍ତି। ରିପୋର୍ଟ ଅନୁସାରେ ପ୍ରିୟଙ୍କା ଏବଂ ନିକ୍‌ଙ୍କ ଶିଶୁକନ୍ୟା ହୋଇଛି। ଶିଶୁଟି ୧୨ ସପ୍ତାହ ପୂର୍ବରୁ ଜନ୍ମ ହୋଇଥିବାରୁ ପ୍ରି-ମାଚ୍ୟୁଓର ବା ଅପରିପକ୍ୱ ରହିଥିବା ଜଣାପଡ଼ିଛି। ସମ୍ପୂର୍ଣ୍ଣ ସୁସ୍ଥ ହେବା ପର୍ଯ୍ୟନ୍ତ ଶିଶୁଟି ହସ୍ପିଟାଲରେ ରହିବ। ସୂଚନାଯୋଗ୍ୟ, ପ୍ରିୟଙ୍କା ଏବଂ ନିକ୍ ୨୦୧୮ ଡିସେମ୍ବରରେ ବିବାହ କରିଥିଲେ।



# ପ୍ରଶାସନ ଓ ଲୋକଙ୍କ ମଧ୍ୟରେ ପ୍ରତ୍ୟକ୍ଷ ସମ୍ପର୍କ ରହୁ

ନୂଆଦିଲ୍ଲୀ,୨୨।୧ (ପି.ଟି.)



- ଜିଲାପାଳଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଆଲୋଚନା
- ଅଭିବୃଦ୍ଧିର ଉତ୍ପ୍ରେରକ ସାଜିଛନ୍ତି ଆକାଂକ୍ଷୀ ଜିଲା

ସେବା ଓ ସୁବିଧାର ୧୦୦ ପ୍ରତିଶତ ପରିପୂର୍ଣ୍ଣତା ହାସଲ କରିବା ଆଜି ଦେଶ ଆଗରେ ଲକ୍ଷ୍ୟ ରହିଛି। ଏହାକୁ ହାସଲ କରିବା ଲାଗି ସରକାରୀ କାର୍ଯ୍ୟକ୍ରମଗୁଡ଼ିକ ପାଇଁ ସମୟାବଦ୍ଧ ଲକ୍ଷ୍ୟ ଧାର୍ଯ୍ୟ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର, ରାଜ୍ୟ ଓ ସ୍ଥାନୀୟ ପ୍ରଶାସନର ଟିମ୍ ୱାର୍କ ଆକାଂକ୍ଷୀ ଜିଲାଗୁଡ଼ିକରେ ଉତ୍ତମ ଫଳାଫଳ ଦେଇପାରିବ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ଶନିବାର ବିଭିନ୍ନ ଜିଲାର ଜିଲାପାଳ ଓ କେତେଜଣ ମୁଖ୍ୟମନ୍ତ୍ରୀଙ୍କ ସହ ଭର୍ଚୁଆଲ ଆଲୋଚନା କରିଛନ୍ତି। ପ୍ରଶାସନ ଏବଂ ସାଧାରଣ ଜନତା ମଧ୍ୟରେ ପ୍ରତ୍ୟକ୍ଷ ଏବଂ ଭାବପୂର୍ଣ୍ଣ ସମ୍ପର୍କ ପାଇଁ ସେ ଆହ୍ୱାନ ଦେଇଛନ୍ତି। ଏହାଦ୍ୱାରା ଶାସନର ପ୍ରବାହ ଶୀର୍ଷରୁ ତଳକୁ ଏବଂ ତୃଣମୂଳ ସ୍ତରରୀ ଶୀର୍ଷକୁ ସୁନିଶ୍ଚିତ ହୋଇପାରିବ।

ଦେଶର ପ୍ରଗତି ଲାଗି ଆକାଂକ୍ଷୀ ଜିଲାଗୁଡ଼ିକ ଏବେ ସମସ୍ତ ପ୍ରତିବନ୍ଧକକୁ ଦୂର କରିଛନ୍ତି। ସମସ୍ତଙ୍କର ଉଦ୍ୟମ ବଳରେ ଏହି ଜିଲାଗୁଡ଼ିକ ଅଭିବୃଦ୍ଧିର ଉତ୍ପ୍ରେରକ ହୋଇପାରିଛନ୍ତି। ବିଭିନ୍ନ ଯୋଜନା କାର୍ଯ୍ୟକାରିତା କ୍ଷେତ୍ରରେ ରହିଥିବା ପ୍ରତିବନ୍ଧକଗୁଡ଼ିକୁ ହଟାଇ ଦିଆଯିବା ଦ୍ୱାରା ସମ୍ବଳର ସର୍ବାଧିକ ବିନିଯୋଗ ହୋଇପାରିବ ଏହା ଆକାଂକ୍ଷୀ ଜିଲାଗୁଡ଼ିକ ପ୍ରମାଣ କରି ଦେଖାଇଛନ୍ତି। ଏହି ସଂସ୍କାରର ଲାଭ ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିବା ସହ ପ୍ରତିବନ୍ଧକ ହଟାଇ ଦିଆଗଲେ ଏକ ଏବଂ ଏକ ମିଶି ଦୁଇ ନୁହେଁ ବରଂ ଏଗାର ହେବ ବୋଲି କହିଥିଲେ।

୨୦୧୮ ଜାନୁୟାରୀରେ ପ୍ରଧାନମନ୍ତ୍ରୀ ଆକାଂକ୍ଷୀ ଜିଲା କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଦେଶର ୧୧୨ଟି ଅନୁନ୍ନତ ଜିଲାର ଦ୍ରୁତ ତଥା ପ୍ରଭାବୀ ପରିବର୍ତ୍ତନ ଆଣିବା ଥିଲା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ଆଜି ଉକ୍ତ ଜିଲାଗୁଡ଼ିକରେ ସାମୂହିକ ଶକ୍ତି ଦେଖିବାକୁ ମିଳିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଆକାଂକ୍ଷୀ ଜିଲାରେ ଯେଉଁଭଳି ସାମୂହିକ ଆଭିମୁଖ୍ୟରେ କାର୍ଯ୍ୟ କରାଯାଉଛି, ଅନ୍ୟ ଜିଲାଗୁଡ଼ିକରେ ମଧ୍ୟ ସେହିଭଳି ହେବା ଆବଶ୍ୟକ। ସବୁ ସରକାରଙ୍କ ପାଇଁ ଏହା ଏକ ଚ୍ୟାଲେଞ୍ଜ। ସମସ୍ତେ ମିଳିତ ଭାବେ ଏହି ଚ୍ୟାଲେଞ୍ଜକୁ ସମ୍ପୂର୍ଣ୍ଣ କରିବାକୁ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଟିମ୍ ଇଣ୍ଡିଆ ଉତ୍ସାହର ସହିତ ପରିଚାଳିତ ଆକାଂକ୍ଷୀ ଜିଲା କାର୍ଯ୍ୟକ୍ରମଗୁଡ଼ିକ ପ୍ରତିଦ୍ୱନ୍ଦ୍ୱିତା ତଥା ସହଯୋଗିତାର ସହ କାର୍ଯ୍ୟକାରୀ କରାଯାଉଛି। ତେଣୁ ସବୁ କ୍ଷେତ୍ରରେ ଏହି ଜିଲାଗୁଡ଼ିକ ବେଶ୍ ଉନ୍ନତ ପ୍ରଦର୍ଶନ କରିପାରିଛନ୍ତି ବୋଲି ନୀତି ଆୟୋଗ ସିଇଓ ଅମିତାଭ କାନ୍ତ କହିଛନ୍ତି। ବିଶ୍ୱସ୍ତରରେ ମଧ୍ୟ ଏହି କାର୍ଯ୍ୟକ୍ରମଗୁଡ଼ିକୁ ସ୍ୱୀକୃତି ମିଳିଛି। ବିହାରର ବାଙ୍କା ଜିଲାରେ ସ୍ମାର୍ଟ ଶ୍ରେଣୀଗୃହ କାର୍ଯ୍ୟକ୍ରମ, ଓଡ଼ିଶାର କୋରାପୁଟ ଜିଲାରେ ବାଲ୍ୟ ବିବାହ ବନ୍ଦ ଲାଗି ମିଶନ ଅପରାଜିତା କାର୍ଯ୍ୟକ୍ରମ ଆଦିକୁ ଅନ୍ୟ ଜିଲାଗୁଡ଼ିକ ଅନୁକରଣ କରିଥିବା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩୪,୭୮,୪୪,୯୭୪ | ୫୬,୦୬,୦୯୫ | ୨୭,୭୨,୪୨,୯୪୪ |
| ଭାରତ | ୩,୮୯,୦୩,୭୩୧ | ୪,୮୮,୯୧୧ | ୩,୬୩,୦୧,୪୮୨ |
| ଓଡ଼ିଶା | ୧୧,୯୬,୧୪୦ | ୮୫୧୪(+୫୩) | ୧୧,୧୦,୭୬୭ |

ଶନିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଖାଇବାକୁ ଦେବାରେ ବିଳମ୍ବ, ଜେଜେମାଙ୍କୁ ହତ୍ୟା
#### ମାନସିକ ବିକାରଗ୍ରସ୍ତ ନାତି ଅଟକ

**ରାଇକିଆ,୨୨।୧(ଡି.ଏନ.ଏ.):** କନ୍ଧମାଳ ଜିଲା ରାଇକିଆ ବ୍ଲକ ମଣ୍ଡାକିଆ ପଞ୍ଚାୟତର କାମ୍ଭାଗୁଡ଼ା ଗ୍ରାମରେ ଶୁକ୍ରବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଖାଇବାକୁ ଦେବାରେ ବିଳମ୍ବ ହେବାରୁ ମାନସିକ ବିକାରଗ୍ରସ୍ତ ନାତି ନିଜ ଜେଜେମାଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ସରୋଜିନୀ ପ୍ରଧାନ(୭୨)। ରାଇକିଆ ପୋଲିସ ମୃତଦେହ ଜବତ କରିବା ସହ ନାତିଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଏ ନେଇ ନଂ. ୧୧/୨୨ରେ ଏକ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, କାମ୍ଭାଗୁଡ଼ା ଗ୍ରାମରେ ଜେଜେମା ସରୋଜିନୀଙ୍କ ସହ ନାତି ମନୋଜ ପ୍ରଧାନ ଏକୁଟିଆ ରହୁଥିଲେ। ଶୁକ୍ରବାର ରାତିରେ ମନୋଜ ସରୋଜିନୀଙ୍କୁ ଖାଇବାକୁ ମାଗିଥିଲେ। କିନ୍ତୁ ତାଙ୍କ ଜେଜେମା ଖାଇବାକୁ ଦେବାରେ ବିଳମ୍ବ କରିଥିଲେ। ଏଥିରେ ରାଗିଯାଇ ମନୋଜ ସରୋଜିନୀଙ୍କୁ ମାଡ଼ ମାରି ଘର ବାହାରକୁ ଚାଲିଯାଇଥିଲେ। ଘରେ କେବଳ ଜେଜେମା ଏବଂ ନାତି ରହୁଥିବାରୁ ଘଟଣା ସମ୍ପର୍କରେ ସକାଳେ ଜଣାପଡିଥିଲା। ସକାଳୁ ବୃଦ୍ଧାଙ୍କର ମୃତଦେହ ଘରେ ପଡିରହିଥିବା ଏବଂ ବାହାରେ ନାତି ଥିବା ଦେଖି ଗ୍ରାମବାସୀ ପୋଲିସକୁ ଜଣାଇଥିଲେ।

### ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଆବେଦନ ଅବଧି ବୃଦ୍ଧି

**ଭୁବନେଶ୍ୱର, ୨୨।୧(ବ୍ୟୁରୋ):** ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ପକ୍ଷରୁ ୨୦୨୨-୨୩ ଶିକ୍ଷା ବର୍ଷରେ ନାମଲେଖା ପାଇଁ ପ୍ରବେଶିକା ପରୀକ୍ଷାର ଆବେଦନ ଅବଧି ବୃଦ୍ଧି କରାଯାଇଛି। ଆସନ୍ତା ୨୬ ତାରିଖ ଯାଏ ଛାତ୍ରୀଛାତ୍ର ଅନଲାଇନ୍ ଜରିଆରେ ଆବେଦନ କରିପାରିବେ। ଷଷ୍ଠ ଶ୍ରେଣୀରେ ନାମଲେଖା ପାଇଁ ପ୍ରବେଶିକା ପରୀକ୍ଷା ସହିତ ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀରେ ଲାଟେରାଲ୍ ଏଣ୍ଟ୍ରି ପାଇଁ ମଧ ଛାତ୍ରୀଛାତ୍ର ଆବେଦନ କରିପାରିବେ। ଫେବୃୟାରୀ ୧୮ ତାରିଖରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ ବୋଲି ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ପୂର୍ବରୁ ଆବେଦନର ଶେଷ ତାରିଖ ଜାନୁୟାରୀ ୧୯ ତାରିଖ ରହିଥିଲା।

# ଦୁର୍ଘଟଣାରେ ଗଲା ୧୧ ଜୀବନ



ବିଦୁ ଛକରେ ଓଲଟି ପଡ଼ିଥିବା ବସ୍ ଓ ଟ୍ରକ୍।



ଦୁର୍ଘଟଣାରେ ବୋଲେରୋ ଭାଙ୍ଗି ରୁଜି ଯାଇଛି।

## ଟ୍ରକ୍ ଧକ୍କାରେ ଓଲଟିଲା ବସ୍
### ୬ ମୃତ, ୨୦ରୁ ଊର୍ଦ୍ଧ୍ୱ ଆହତ

**ବାଲେଶ୍ୱର ଅଫିସ/ସୋର/ବାହାନଗା, ୨୨।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସୋର ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର ବିଦୁ ଛକରେ ଶନିବାର ଅପରାହ୍ନରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ମୟୂରଭଞ୍ଜ ଜିଲା ଉଦଳାରୁ ଭୁବନେଶ୍ୱର ଯାଉଥିବା ଶାନ୍ତିଲତା ବସ୍ ବିଦୁ ଛକରେ ଛିଡ଼ା ହୋଇ ଯାତ୍ରୀଙ୍କୁ ଓହ୍ଲାଉଥିବାବେଳେ ପଛପଟୁ ଏକ କୋଇଲା ବୋଝେଇ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ଉଭୟ ଟ୍ରକ୍ ଓ ବସ୍ ରାସ୍ତା ପାର୍ଶ୍ୱ ୧୦ଫୁଟ ତଳେ ଥିବା ନୟନଯୋରି ମଧ୍ୟକୁ ଓଲଟି ପଡ଼ିଥିଲେ। ଘଟଣାସ୍ଥଳରେ ଜଣେ ୧ବର୍ଷର ଶିଶୁଙ୍କ ସମେତ ୬ ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତକମାନେ ହେଲେ ସୋର ଥାନା ଅଧୀନ ମୁଗୁନିପୁର ଗ୍ରାମର ସଙ୍ଗୀତା ମୁର୍ମୁ(୧୪), ଉଦଳା ଅଞ୍ଚଳର ବିଜୟଲକ୍ଷ୍ମୀ ପ୍ରିୟଦର୍ଶିନୀ(୧୦), ଖୁଣ୍ଟା ଥାନା ଅଞ୍ଚଳର ସନ୍ଦୀପ କୁମାର ବଙ୍ଗାଳ(୨୩), ବସ୍ ହେଲପର ଡୁକୁରା ହାତୀବନ୍ଧ ଅଞ୍ଚଳର ଚାନ୍ଦ୍ରାୟ ହେମ୍ବ୍ରମ୍(୪୦)। ଅନ୍ୟ ୨ଜଣଙ୍କ ପରିଚୟ ମିଳିପାରି ନାହିଁ। ଏଥିରେ ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୮ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଚିକିତ୍ସା ପାଇଁ ସେମାନଙ୍କୁ ସୋର ଓ ବାଲେଶ୍ୱର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବରପାଇ ବାଲେଶ୍ୱର ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ସୋର ବିଧାୟକ ପର୍ଶୁରାମ ଧଡ଼ା, ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର, ଆରଟିଓ ରଶ୍ମିରଞ୍ଜନ ଦଳବେହେରା, ସୋର ତହସିଲଦାର ଡ. ଅଶୋକ କୁମାର ଦାସ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ତ୍ୱରାନ୍ୱିତ କରିଥିଲେ। ବାଲେଶ୍ୱର ହସ୍ପିଟାଲରେ ବିଧାୟକ ସ୍ୱରୂପ ଦାସଙ୍କ ସମେତ ବହୁ ରାଜନେତା ପହଞ୍ଚି ଆହତଙ୍କ ଚିକିତ୍ସା ବ୍ୟବସ୍ଥା ତଦାରଖ କରିଥିଲେ। ଉଲ୍ଲେଖଯୋଗ୍ୟ, ଜାତୀୟ ରାଜପଥ କାମ ଚାଲୁଥିବାରୁ ଗୋଟିଏ ପାର୍ଶ୍ୱ ଦେଇ ଦୁଇପଟୁ ଗାଡ଼ି ଯିବା ଆସିବା କରୁଛନ୍ତି। ରାସ୍ତା କାମ ପାଇଁ ଆବଶ୍ୟକୀୟ ସାମଗ୍ରୀ ମଧ ରାସ୍ତା କଡ଼ରେ ଗଦା ହୋଇଛି। ଫଳରେ ଦ୍ରୁତଗତିରେ ଯାଉଥିବା ଗାଡ଼ି ବାରମ୍ବାର ଦୁର୍ଘଟଣାଗ୍ରସ୍ତ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

### ୨ ଲକ୍ଷ ଅନୁକମ୍ପା ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ରାଜ୍ୟରେ ୨୪ ଘଣ୍ଟା ମଧ୍ୟରେ ୨ଟି ପୃଥକ୍ ସଡ଼କ ଦୁର୍ଘଟଣା ଘଟି ୧୧ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୫ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ସୋନପୁର ସହର ନିକଟସ୍ଥ ମହାନଦୀ ପୋଲ ଉପରେ ବାହାଘର ଭୋଜିରୁ ଫେରୁଥିବା ଏକ ବୋଲେରୋ ଏବଂ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାଫଳରେ ୫ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୫ଜଣ ଗୁରୁତର ଆହତ ହୋଇ ଜୀବନ ସହ ସଂଘର୍ଷ କରୁଛନ୍ତି। ଅନ୍ୟ ଏକ ଘଟଣାରେ ଶନିବାର ବାଲେଶ୍ୱରରୁ ଭୁବନେଶ୍ୱରକୁ ଫେରୁଥିବା ଏକ ଯାତ୍ରୀବାହୀ ବସ୍ ପଛପାର୍ଶ୍ୱକୁ ସୋର ବିଦୁଛକ ନିକଟରେ ଏକ କୋଇଲା ବୋଝେଇ ଟ୍ରକ୍ ଧକ୍କା ଦେବାରୁ ଉଭୟ ଟ୍ରକ୍ ଏବଂ ବସ୍ ଓଲଟି ୬ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଉଭୟ ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ଆତ୍ମୀୟଙ୍କ ପାଇଁ ୨ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ଏହାବ୍ୟତୀତ ଆହତଙ୍କୁ ଉତ୍ତମ ଚିକିତ୍ସା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ବୋଲେରୋ-ଟ୍ରକ୍ ମୁହାଁମୁହିଁ : ୫ମୃତ
### ବାହାଘର ଭୋଜି ଖାଇ ଫେରୁଥିଲେ

**ସୋନପୁର,୨୨।୧(ନି.ପ୍ର.)**

ସୋନପୁର ସହର ଉପକଣ୍ଠ ମହାନଦୀ ସେତୁ ଉପରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବାହାଘର ଭୋଜିରେ ଯୋଗଦେଇ ବରଯାତ୍ରୀଙ୍କୁ ନେଇ ଫେରୁଥିବା ଏକ ବୋଲେରୋ ଗାଡ଼ି ଓ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୫ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ବୋଲେରୋ ମାଲିକ ତଥା ଡ୍ରାଇଭର ପ୍ରମୋଦ କୁମାର ପାଣ୍ଡିଆ(୪୮), ଆଶିଷ ପାଣ୍ଡିଆ(୪୬), ଆଶିଷଙ୍କ ଝିଅ ସିଦ୍ଧି(୧୧), ନିମ୍ନା ଗ୍ରାମର ତ୍ର୍ୟମ୍ବକ ମେହେର(୪୫) ଓ ଶୁଭମ ପାଣ୍ଡିଆ(୧୬)। ବୋଲେରୋରେ ଥିବା ଅନ୍ୟ ୫ଜଣଙ୍କୁ ଗୁରୁତର ଅବସ୍ଥାରେ ପୋଲିସ ଉଦ୍ଧାର କରି ସେମାନଙ୍କୁ ପ୍ରଥମେ ସୋନପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି।

ସୋନପୁର ଜିଲା ଉଲୁଣ୍ଡା ବ୍ଲକ ନିମ୍ନା ଗ୍ରାମର ମନୀଷ ପାଣ୍ଡିଆ(୨୭)ଙ୍କ ବାହାଘର ବିନିକା ବ୍ଲକ କଉଡ଼ିଆମୁଣ୍ଡାରେ ଥିଲା। ବରଯାତ୍ରୀ କଉଡିଆମୁଣ୍ଡାସ୍ଥିତ କନ୍ୟାଙ୍କ ଘରକୁ ଯାଇ ସେଠାରେ ଭୋଜି ଖାଇ ବିଳମ୍ବିତ ରାତିରେ ବୋଲେରୋ(ଓଡ଼ି୩୧-ଏଫ-୧୮୭୦)ରେ ଫେରୁଥିଲେ। ମହାନଦୀ ସେତୁ ଉପରେ ଅଟକିରହିଥିବା ଏକ ଅଟୋକୁ ବୋଲେରୋଟି ଓଭରଟେକ୍ କରୁଥିବାବେଳେ ସାମ୍ନା ପଟୁ ଆସୁଥିବା ଏକ ଧାନ ବୋଝେଇ ଟ୍ରକ୍ (ନଂ ଓଆର୧୫ଜି-୧୨୮୯) ସହିତ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ୫ଜଣଙ୍କ ମୃତ୍ୟୁ ହୋଇଥିଲା। ସେତୁ ତଳେ ଭୋଜି କରୁଥିବା କେତେକ ଲୋକ ପୋଲିସକୁ ସୂଚନା ଦେବାପରେ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିଲା। ପୋଲିସ ଏକ ମାମଲା ରୁଜୁ କରି ଟ୍ରକ୍ ଓ ବୋଲେରୋକୁ ଜବତ କରିଛି। ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହକୁ ସେମାନଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଶନିବାର ସନ୍ଧ୍ୟାରେ ନିମ୍ନା ମହାନଦୀ କୂଳରେ ଆଶିଷ, ଶୁଭମ, ସିଦ୍ଧି ଓ ତ୍ର୍ୟମ୍ବକଙ୍କ ସତ୍କାର କରାଯାଇଛି। ସେହିପରି ଲେକ୍ରିପଡାସ୍ଥିତ ରମ୍ଭା ଯୋର ନିକଟରେ ପ୍ରମୋଦଙ୍କ ସତ୍କାର କରାଯାଇଛି।

## ‘ଫେବୃୟାରୀରେ ତୃତୀୟ ଲହର ଶେଷ’

**ଭୁବନେଶ୍ୱର,୨୨।୧(ବ୍ୟୁରୋ)**

### ପିକ୍ ଅତିକ୍ରମ କରିସାରିଥିବା ଆଶଙ୍କା

- କମୁଛି ସଂକ୍ରମଣ, ବଢ଼ୁଛି ମୃତ୍ୟୁ
- ଆଉ ୮,୮୪୫ ଚିହ୍ନଟ, ୭ ମୃତ
- ଓମିକ୍ରନ ବିଏ-୨ ଆସିଲେ ପୁଣି ସଂକ୍ରମଣ ବଢ଼ିବ



ରାଜ୍ୟରେ କ୍ରମାଗତ ତିନିଦିନ ହେଲା ସଂକ୍ରମଣ କମୁଥିବା ଦେଖାଯାଇଛି। ତୃତୀୟ ଲହରରେ ଗତ ବୁଧବାର ସର୍ବାଧିକ ୧୧ହଜାର ୬୦୭ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଗୁରୁବାର ୧୦ହଜାର ୩୬୮ ଓ ଶୁକ୍ରବାର ଏହା ୯ ହଜାର ୮୩୩କୁ ଖସି ଆସିଥିଲା। ତେବେ ଶେଷ ୨୪ ଘଣ୍ଟାରେ ୬୮,୬୨୫ ନମୁନା ପରୀକ୍ଷା କରାଯାଇଥିବାବେଳେ ମୋଟ ୮,୮୪୫ଜଣ କରୋନା ପଜିଟିଭ୍ ବାହାରିଛନ୍ତି। ଫଳରେ ଦୈନିକ ସଂକ୍ରମଣ ହାର ୧୩.୨୧%ରୁ ୧୨.୮୮%କୁ ଖସି ଆସିଛି। ରାଜ୍ୟର ସଂକ୍ରମଣ ସ୍ଥିତିକୁ ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ନିରୋଜ ମିଶ୍ର କହିଛନ୍ତି, ଆମେ ପିକ୍ କ୍ରସ କରିଯାଇଛୁ। ପାଞ୍ଚ ଛଅ ଦିନ ପୂର୍ବରୁ ପିକ୍ ଅତିକ୍ରମ କରିଗଲା ଭଳି ଲାଗୁଛି। ରାଜ୍ୟରେ ଯେଉଁଭଳି ଦୈନିକ ସଂକ୍ରମଣ କମୁଛି, ସେଥିରୁ ଏହା ସ୍ପଷ୍ଟ ହେଉଛି। ଆଗକୁ ଯଦି କିଛି ବଢ଼ିବ ମାଇନର ସ୍ପାଇକ୍ ହୋଇପାରେ। ବର୍ତ୍ତମାନ ଟ୍ରେଣ୍ଡ୍ ନିମ୍ନଗାମୀ ରହିଲା ଏବଂ ଏହା ଏହିଭଳି ଚାଲିବ। ଆଗାମୀ ସପ୍ତାହ ସୁଦ୍ଧା କେସ୍ ଲୋଡ୍ ବହୁତ କମି ଯାଇଥିବ। ଫେବୃୟାରୀ ୧୫ ସୁଦ୍ଧା ତୃତୀୟ ଲହର କମି ଆସିଥିବ ଏବଂ ଶେଷ ସୁଦ୍ଧା ଏହା ଶେଷ ହୋଇଯାଇଥିବ ବୋଲି ଡା. ମିଶ୍ର କହିଛନ୍ତି। ସେ ଆହୁରି ମଧ କହିଛନ୍ତି, ବ୍ରିଟେନ ସରକାର ଓମିକ୍ରନ ବିଏ-୨କୁ ଭାରିଆଣ୍ଟ ଅଫ୍ ଇଣ୍ଟରେଷ୍ଟ ଘୋଷଣା କରିଛି। ଡେନ୍ମାର୍କରେ ଏହାର ସଂକ୍ରମଣ ଦ୍ରୁତ ଗତିରେ ବ୍ୟାପୁଛି। ଏହି ସବ୍-ଭାରିଆଣ୍ଟ ଭାରତରେ ମଧ ଦେଖାଦେଇଛି। କୌଣସି ଲୋକଙ୍କୁ ଯଦି ଓମିକ୍ରନ ବିଏ -୧ ହୋଇଥାଏ, ତାଙ୍କୁ ମଧ ବିଏ -୨ ମଧ ହୋଇପାରେ। କେତେଜଣ ବିଶେଷଜ୍ଞଙ୍କ ମତରେ ବିଏ-୨ ଲାଗି ଦ୍ୱିତୀୟ ସ୍ପାଇକ୍ ଆସିପାରେ। କିନ୍ତୁ ଭାରତରେ ଏହା ପୂର୍ବରୁ ଅଛି, ତେଣୁ ଦେଶରେ ସେଭଳି କୌଣସି ପ୍ରଭାବ ପଡ଼ି ନ ପାରେ। ଏହା ଏତେ ସାଂଘାତିକ ନୁହେଁ, ମୃତ୍ୟୁ ମଧ ହେଉ ନାହିଁ। କେବଳ ପୁଣିଥରେ ସଂକ୍ରମଣ କରାଇବ ବୋଲି ଡା. ନିରୋଜ ମିଶ୍ର କହିଛନ୍ତି।

ସେପଟେ ରେଡ୍ ଜୋନ୍‌ରେ ଥିବା ଖୋର୍ଦ୍ଧା ଜିଲାରେ ସର୍ବାଧିକ ୨,୫୨୮ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ସୁନ୍ଦରଗଡ଼ରୁ ୧,୦୦୧, କଟକ ୬୨୮, ବାଲେଶ୍ୱର ୨୯୦, ବଲାଙ୍ଗୀର ୨୩୨, ଯାଜପୁର ୨୦୯, କଳାହାଣ୍ଡି ୨୩୯, କୋରାପୁଟ ୨୦୩, ନୂଆପଡ଼ା ୨୦୫, ରାୟଗଡ଼ା ୨୨୧, ସୋନପୁର ୨୦୭ ଓ ବାକି ସବୁ ଜିଲାରେ ଏହାଠାରୁ କମ୍ ପଜିଟିଭ୍ ବାହାରିଛନ୍ତି। ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୧,୯୬,୧୪୦ରେ ପହଞ୍ଚିଛି। ଅପରପକ୍ଷେ ପୂର୍ବରୁ ତୃତୀୟ ଲହରରେ ଦୈନିକ ମୃତ୍ୟୁ ସଂଖ୍ୟା ୧-୨ ରହୁଥିବାବେଳେ ଗତ ୨୪ ଘଣ୍ଟାରେ ୭ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଅନୁଗୋଳରୁ ଦୁଇଜଣ, ଭଦ୍ରକ, କଟକ, ଯାଜପୁର, ମୟୂରଭଞ୍ଜ ଓ ପୁରୀରୁ ଜଣେ ଲେଖାଏ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ କରୋନାଜନିତ ମୃତ୍ୟୁ ୮,୫୧୪କୁ ବୃଦ୍ଧି ପାଇଛି।




## ଗର୍ଭବତୀ ଆଶାକର୍ମୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

**ଭବାନୀପାଟଣା/ଧର୍ମଗଡ଼, ୨୨।୧(ସ୍ୱ.ପ୍ର./ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ଼ରେ ଶନିବାର ସୁମିତ୍ରା ରାଉତ ନାମ୍ନୀ ଜଣେ ଗର୍ଭବତୀ ଆଶାକର୍ମୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ଚିକିତ୍ସାରେ ଅବହେଳା ଯୋଗୁ ତାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ କରି ଜିଲା ଆଶାକର୍ମୀ ସଂଘ ଆନ୍ଦୋଳନକୁ ଓହ୍ଲାଇଥିଲା। ମୃତଦେହ ରଖାଯାଇ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଟା ଯାଏ ଧର୍ମଗଡ଼-ରାୟପୁର ୧୩୦ନଂ. ଜାତୀୟ ରାଜପଥକୁ ଅବରୋଧ କରାଯାଇଥିଲା। ମୃତା ଆଶାକର୍ମୀଙ୍କୁ କରୋନା ଯୋଦ୍ଧା ହିସାବରେ ୫୦ଲକ୍ଷ ଟଙ୍କା କ୍ଷତିପୂରଣ, ଚିକିତ୍ସାରେ ଅବହେଳା କରିଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିଲା। ଏହା ସହ ୩ ଲକ୍ଷ ଟଙ୍କାର ବୀମା ରାଶି ପ୍ରଦାନ, ମୃତାଙ୍କ ୨ ପୁଅଙ୍କୁ ଆଶୀର୍ବାଦ ଯୋଜନାରେ ସାମିଲ ସହ ତାଙ୍କ



ଆଶାକର୍ମୀମାନେ ଜାତୀୟ ରାଜପଥ ଅବରୋଧ କରିଛନ୍ତି।

ସ୍ୱାମୀଙ୍କୁ ନିଯୁକ୍ତି ଆଦି ପ୍ରଦାନ କରିବାକୁ ଦାବିକରି ଆଶାକର୍ମୀମାନେ ରାଜପଥ ଅବରୋଧ କରିଥିଲେ। ଓଡ଼ିଶା ଆଶାକର୍ମୀ ସଂଘ କାର୍ଯ୍ୟକାରୀ ସଭାପତି ପଙ୍କଜିନୀ ନାଏକ ଓ ଜିଲା ସଭାପତି ଶାନ୍ତିଲତା ମାଝି ଏହାର ନେତୃତ୍ୱ ନେଇଥିଲେ।

ଖବର ପାଇ ଘଟଣାସ୍ଥଳରେକଡକ ଧର୍ମଗଡ଼ ତହସିଲଦାର ହରେକୃଷ୍ଣ ବରିହା ପହଞ୍ଚି ଆନ୍ଦୋଳନରତ ଆଶାକର୍ମୀଙ୍କ ସହ ଆଲୋଚନା କରିଥିଲେ। ମାସକ ମଧ୍ୟରେ ଘଟଣାର ତଦନ୍ତ ସହ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ, ରେଡ୍‌କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ପ୍ରଦାନ ସହ ମୃତ୍ୟୁ ବାବଦକୁ ୧ଲକ୍ଷ, ଜନଧନ ଯୋଜନାରେ ୨ଲକ୍ଷ ଟଙ୍କା କ୍ଷତିପୂରଣର ଲିଖିତ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହାର ହୋଇଥିଲା। ଧର୍ମଗଡ଼ ବ୍ଲକ ତେଣ୍ଡାପାଲି ଗ୍ରାମର ଆଶାକର୍ମୀ ସୁମିତ୍ରା ରାଉତଙ୍କୁ ପ୍ରସବ ଯନ୍ତ୍ରଣା ହେବାରୁ ଶୁକ୍ରବାର ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। ଉକ୍ତ ଦିନ ରାତିରେ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟରୁ ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ରାତି ୩ଟାରେ ତାଙ୍କର ମୃତ୍ୟୁ ହୋଇଥିଲା। ଧର୍ମଗଡ଼ରେ ଚିକିତ୍ସାରେ ଅବହେଳା ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ପରିବାରବର୍ଗ ଓ ଆଶାକର୍ମୀମାନେ ଅଭିଯୋଗ କରିଥିଲେ।

### ଚିକିତ୍ସାରେ ଅବହେଳା ଅଭିଯୋଗ
#### ମୃତଦେହ ରଖି ରାଜପଥ ଅବରୋଧ କଲେ ଆଶାକର୍ମୀ

## ଏଣିକି ବର୍ଷସାରା ଜୀବନ ପ୍ରମାଣପତ୍ର ଦାଖଲ ସୁବିଧା

**ଭୁବନେଶ୍ୱର, ୨୨।୧(ବ୍ୟୁରୋ)**

ଇପିଏଫ୍ ପେନ୍‌ସନ ଉପଭୋକ୍ତାଙ୍କ ମାସିକ ପେନ୍‌ସନ ଅବ୍ୟାହତ ରଖିବା ପାଇଁ ପ୍ରତିବର୍ଷ ନଭେମ୍ବରରେ ଡିଜିଟାଲ ଜୀବନ ପ୍ରମାଣପତ୍ର ଦାଖଲ କରାଯାଇଥାଏ। ଏକ ସମୟରେ ସଂଖ୍ୟାଧିକ ପ୍ରମାଣପତ୍ର ଦାଖଲ ସହ ସେସବୁକୁ ତଦାରଖ କରି କାର୍ଯ୍ୟକାରୀ କରିବାରେ ଉଭୟ ଉପଭୋକ୍ତା ଓ କାର୍ଯ୍ୟକାରୀ ସଂସ୍ଥା ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏପରି ସମସ୍ୟା ଦୂର କରିବାକୁ ଏଥିରେ ପରିବର୍ତ୍ତନ କରାଯାଇଛି। ଜୀବନ ପ୍ରମାଣପତ୍ର ଦାଖଲ ପ୍ରକ୍ରିୟା ବର୍ଷସାରା ଜାରି ରଖିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ପ୍ରତି ନଭେମ୍ବର ବଦଳରେ ଏଣିକି ପେନ୍‌ସନ ଉପଭୋକ୍ତାମାନେ ଦାଖଲ ହୋଇଥିବା ପୂର୍ବ ପ୍ରମାଣପତ୍ର ତାରିଖଠାରୁ ଏକବର୍ଷ ସମାପ୍ତ ହେଉଥିବା ମାସରେ ଜୀବନ ପ୍ରମାଣ ପତ୍ର ଡିଜିଟାଲ ମାଧ୍ୟମରେ ଦାଖଲ କରିବାକୁ ହେବ। ଉପଭୋକ୍ତାମାନେ ନିଜ ବ୍ୟାଙ୍କ ଶାଖା କିମ୍ବା ପାଖ ପୋଷ୍ଟ ଅଫିସ୍ ବା ଡାକସେବକ/ଗ୍ରାମ ସେବକ ଜରିଆରେ ଉମଙ୍ଗ ଆପ୍ ମାଧ୍ୟମରେ ଡିଜିଟାଲ ଜୀବନ ପ୍ରମାଣପତ୍ର ଦାଖଲ କରିପାରିବେ। ଯଦି ବ୍ୟାଙ୍କ ପକ୍ଷରୁ କୌଣସି ଅସୁବିଧାର ସମ୍ମୁଖୀନ ହେବାକୁ ପଡେ, ତେବେ ସବିଶେଷ ବିବରଣୀ ସହ ଭୁବନେଶ୍ୱରସ୍ଥିତ ଭବିଷ୍ୟନିଧି କର୍ମଚାରୀ ସଙ୍ଗଠନର ଆଞ୍ଚଳିକ କାର୍ଯ୍ୟାଳୟରେ ଜଣାଇବାକୁ କୁହାଯାଇଛି। ଯଦି ଜୀବନ ପ୍ରମାଣପତ୍ର, ପିପିଓ ଏବଂ ଆଧାର ତଥ୍ୟ ମେଳ ନ ଖାଇ ଖାରଜ ହୋଇଯାଏ, ତେବେ ଉକ୍ତ ତଥ୍ୟକୁ ସୁଧାରି ଆଉଥରେ ଅନ୍‌ଲାଇନରେ ଦାଖଲ କରି ଜୀବନ ପ୍ରମାଣପତ୍ରକୁ କ୍ରିୟାଶୀଳ କରିପାରିବେ ବୋଲି ଇପିଏଫ୍ ସଙ୍ଗଠନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ସେତୁ ନିକଟରୁ ମିଳିଲା ଯୁବକଙ୍କ ମୃତଦେହ

**ଦୁର୍ଘଟଣାଜନିତ ମାମଲା ରୁଜୁ କଲା ପୋଲିସ**

**ମହାକାଳପଡ଼ା,୨୨।୧(ଡି.ଏନ.ଏ.):** କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ପ୍ରଭାକରପୁର-ଖରିନାସି ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାର ରାମଚଣ୍ଡୀ ସେତୁ ନିକଟରୁ ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଶନିବାର ଜବତ କରିଛି। ମୃତକ ହେଲେ ବଡିଘର ପଞ୍ଚାୟତ କଜଳପାତିଆ ଗ୍ରାମର କାଳିଆ ଦାସ(୨୬)। ଏ ସଂକ୍ରାନ୍ତରେ ପୋଲିସ ଦୁର୍ଘଟଣାଜନିତ ମାମଲା(ନଂ. ୭/୨୨)ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତଦେହ ନିକଟରେ ଏକ ବାଇକ୍(ନଂ. ଓଡି ୦୪ ଏନ୍ ୪୨୯୬) ଓ ଚପଲ ପଡିଥିଲା। ମୃତକଙ୍କ ପାଟିରେ ରକ୍ତଛିଟା ଲାଗିଥିଲା। ଜମ୍ବୁ ସାମୁଦ୍ରିକ ଥାନା ଅଧିକାରୀ ପରେଶ କୁମାର ମହାନ୍ତି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଏ ସଂକ୍ରାନ୍ତରେ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

### ବିଜେଡିରେ ମିଶିଲେ ୧୫ କଂଗ୍ରେସ ପରିବାର

**ରାଜନଗର,୨୨।୧(ଡି.ଏନ.ଏ.):** ପଞ୍ଚାୟତ ନିର୍ବାଚନ ପାଇଁ ନାମାଙ୍କନପତ୍ର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି। ନାମାଙ୍କନ ପ୍ରତ୍ୟାହାର ପରେ ୨୫ରେ ପଞ୍ଚାୟତ ଲଢେଇର ସମ୍ପୂର୍ଣ୍ଣ ରୂପରେଖ ସାମ୍ନାକୁ ଆସିବ। ଏପଟେ ଦଳ ଡିଆଁ ଜାରି ରହିଛି। ଶନିବାର ରାଜନଗର ବ୍ଲକ ଘଡିଆମାଳ ପଞ୍ଚାୟତର ୧୫ କଂଗ୍ରେସ ପରିବାର ବିଜୁ ଜନତା ଦଳରେ ଯୋଗଦେଇଛନ୍ତି। ବିଧାୟକ ଧ୍ରୁବ ସାହୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସେମାନଙ୍କୁ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ, ସରପଞ୍ଚ ପ୍ରାର୍ଥୀ ଶୈଳେନ୍ଦ୍ର ମିଶ୍ର, ସମିତିସଭ୍ୟ ପ୍ରାର୍ଥିନୀ ରୁଚିସ୍ମିତା ନାୟକ, ପଞ୍ଚାୟତ ସଭାପତି କୁଳମଣି ନାୟକ, ଅଞ୍ଜନ କୁମାର ଦାସ, ଗୋବର୍ଦ୍ଧନ ପ୍ରଧାନ, ବସନ୍ତ ନାୟକ, ନୃସିଂହ ରାଉତ, ରାକେଶ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ନକଲି ମଦ ଜବତ, ବାର୍ ସିଲ୍

**ବରୀ,୨୨।୧(ଡି.ଏନ.ଏ.):** ଯାଜପୁର ଜିଲା ବରୀ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ବଡ଼ଚନ୍ଦ୍ରଶେଖରପୁର ଗ୍ରାମରେ ଥିବା ସରକାରୀ ଠିପିଖୋଲା ମଦ ଦୋକାନ (ମୁକ୍ତା ବାର୍) ନିକଟ ଏକ ଚାଳଘରୁ ଅବକାରୀ ବିଭାଗ ଶନିବାର ୧୮୦ ମିଲି ଲିଟରର ୩୦ ବୋତଲ ନକଲି ମଦ ଜବତ କରିଛି। ଏହାପରେ ଉକ୍ତ ବାର୍‌କୁ ସିଲ୍ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଘର ମାଲିକ ପୂର୍ଣ୍ଣଚନ୍ଦ୍ର ଜେନାଙ୍କୁ ବିଭାଗ ଗିରଫ କରିଛି। ଏଥିସହିତ ମଦ ଦୋକାନର ସେଲ୍ ରେଜିଷ୍ଟରକୁ ମଧ୍ୟ ବିଭାଗୀୟ ଅଧିକାରୀ ନେଇଯାଇଥିବା ସୂଚନା ମିଳିଛି। ଏହି ଦୋକାନରୁ ବରୀ ଅଞ୍ଚଳକୁ ବ୍ୟାପକ ଭାବେ ନକଲି ମଦ ଯୋଗାଣ କରାଯାଉଥିବା ଅଭିଯୋଗ ହୋଇଆସୁଥିଲା। ବିଗତ ଦିନରେ ବରୀ ଅଞ୍ଚଳର ରାଜାତୋଟା, କଳାମାଟିଆ, ଅଲିପୁର ଓ ବାଲିଆ ଆଦି ଅଞ୍ଚଳକୁ ନକଲି ମଦ ଏକ ବୋଲେରୋ ଯୋଗେ ପଠାଯାଉଥିବାବେଳେ ଅବକାରୀ ବିଭାଗ ଚଢ଼ାଉ କରି ଉକ୍ତ ଗାଡ଼ିକୁ ଜବତ କରିଥିଲା। ଅନ୍ୟପକ୍ଷରେ ବରୀ ଅଞ୍ଚଳରେ ନକଲି ମଦ ତିଆରି ହୋଇ ବିକ୍ରି ହେବା ନେଇ ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶିତ ହୋଇଆସୁଥିଲା। ଏପରିକି ଅଞ୍ଚଳର ଉଦୟନାଥପୁର ଓ ଗୋଳକୁଣ୍ଡରୁ ନକଲି ମଦ ଜବତ ହେବା ପରେ ଅବକାରୀ ବିଭାଗ ଏହାର ଚେର ଖୋଜିବାରେ ଲାଗିଥିଲା। ତେବେ ପଞ୍ଚାୟତ ନିର୍ବାଚନ ପୂର୍ବରୁ ନକଲି ମଦ ଜବତ ହେବା ନେଇ ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଛି।

### ପ୍ରଶାସନ ଶୁଣିଲାନି, ରାସ୍ତା ନିର୍ମାଣ କଲେ ଗ୍ରାମବାସୀ

**ଧର୍ମଶାଳା,୨୨।୧(ଡି.ଏନ.ଏ.):** ଧର୍ମଶାଳା ବ୍ଲକ ଚୋରମୁହାଁ ପଞ୍ଚାୟତ ଅନ୍ତର୍ଗତ ବଡ଼ଚଣାବାରି ଗ୍ରାମ୍ୟରାସ୍ତା ନିର୍ମାଣ ପାଇଁ ପ୍ରଶାସନ ନିକଟରେ ବାରମ୍ବାର ଦାବି ହୋଇ ଆସୁଥିଲା। ହେଲେ ଏଥିପ୍ରତି ପ୍ରଶାସନିକ ଅଧିକାରୀ କର୍ଣ୍ଣପାତ ନ କରିବାରୁ ଶେଷରେ ନିଜସ୍ୱ ଉଦ୍ୟମରେ ଗ୍ରାମବାସୀ ଉକ୍ତ ରାସ୍ତା ନିର୍ମାଣ କରିଛନ୍ତି। ପ୍ରାୟ ୧୦ବର୍ଷ ପୂର୍ବେ ବଡ଼ଚଣାବାରି ଗ୍ରାମ୍ୟରାସ୍ତା ନିର୍ମାଣ କରାଯାଇଥିଲା। ତେବେ କୌଣସି କାରଣବଶତଃ ଉକ୍ତ ରାସ୍ତାର ପାଖାପାଖି ୩୦ଫୁଟ ରାସ୍ତା ନିର୍ମାଣ ହୋଇପାରି ନ ଥିଲା। ଫଳରେ ବର୍ଷାଦିନରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ଶତାଧିକ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ତେଣୁ ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ ଓ ବିଡିଓଙ୍କ ନିକଟରେ ଗୁହାରି କରିଥିଲେ। ହେଲେ କେହି ସେମାନଙ୍କ କଥା ଶୁଣି ନ ଥିଲେ। ବାଧ୍ୟହୋଇ ଗ୍ରାମବାସୀ ଟଙ୍କା ଆଦାୟ କରି ରାସ୍ତା ନିର୍ମାଣ କରିଛନ୍ତି।

# ହାତୀ ଆକ୍ରମଣରୁ ମିଳୁନି ନିସ୍ତାର

**ସ୍ଥାୟୀ ପ୍ରତିକାର ଦାବି**

**ଜଳେଶ୍ୱର,୨୨।୧(ଡି.ଏନ.ଏ)**

ବାଲେଶ୍ୱର ଜିଲା ଜଳେଶ୍ୱରସ୍ଥିତ ରାଇବଣିଆ ଅଞ୍ଚଳରେ ଗତ କିଛିବର୍ଷ ହେଲା ହାତୀ ଉପଦ୍ରବ ଚଳାଇ ଆସୁଛନ୍ତି। କେତେବେଳେ ପଶ୍ଚିମବଙ୍ଗର ଦଲମା ଜଙ୍ଗଲରୁ ତ ପୁଣି କେତେବେଳେ ଝାଡ଼ଖଣ୍ଡୀ କିମ୍ବା ଶିମିଳିପାଳ ହାତୀ ପଶି ଆସି ବ୍ୟପକ କ୍ଷୟକ୍ଷତି କରୁଛନ୍ତି। ଗତ ୩ ବର୍ଷ ମଧ୍ୟରେ ହାତୀ ଆକ୍ରମଣରେ ୩ ଜଣଙ୍କ ପ୍ରାଣହାନି ଘଟିଲାଣି। ଅନେକ ଲୋକଙ୍କ ଘର ଭାଙ୍ଗିବା ସହ ଫସଲ ଉଜୁଡ଼ି ଯାଇଥିବା ଦେଖିବାକୁ ମିଳିଛି। ଗୃହପାଳିତ ପ୍ରାଣୀ ମଧ୍ୟ ନିସ୍ତାର ପାଉ ନାହାନ୍ତି।

ଚଳିତବର୍ଷ ପର୍ଯ୍ୟାୟକ୍ରମେ ୪ଥର ହାତୀପଲ ଆସି ରାଇବଣିଆର ଜଙ୍ଗଲ ଧ୍ୱଂସ କରିବା ସହିତ ଗାଁରେ ପଶି ଆତଙ୍କ ଖେଳାଇ ଚାଲିଛନ୍ତି। ଏକାଧିକ୍ରମେ ୬୮ଟି ହାତୀ କିଛିଦିନ କଳମା, ବରଡିହା ଓ ଖୁଆଡ ପଞ୍ଚାୟତର ବିଭିନ୍ନ ଜଙ୍ଗଲ ନିକଟ ଗ୍ରାମମାନଙ୍କରେ ତାଣ୍ଡବ ରଚିଥିଲେ। ପ୍ରଥମ ପର୍ଯ୍ୟାୟରେ ୧୩ଟି, ୨ୟ ପର୍ଯ୍ୟାୟରେ ୩ଟି, ୩ୟ ପର୍ଯ୍ୟାୟରେ ୨ଟି ଓ ଗତରାତିରେ ଅନ୍ୟ ୩ଟି ଘର ଭାଙ୍ଗିଥିବା ଜଣାଯାଇଛି। ଧାନ ଚାଉଳ, ପନିପରିବା ନଷ୍ଟ କରୁଥିବା ବେଳେ ଲୋକେ ହଇରାଣ ହରକତ ହେଉଛନ୍ତି। ବିଶେଷ କରି ରଙ୍ଗାମାଟିଆ, ପଥରଶୋଳ, ଭାଡାରାପଦା, ଦୁଧିଆଶୋଳ, ଆମ୍ବତୁମ୍ବା, ବାଗବୁଡା ଗ୍ରାମଗୁଡିକରେ ହାତୀପଲ କ୍ଷୟକ୍ଷତି କରିଛନ୍ତି। ଶୁକ୍ରବାର ରାତିରେ ଦଶରଥ ହାଁସଦା, ଦୁଲି ହାଁସଦା, ବୁଧିଆ ମୁର୍ମୁଙ୍କ ଘର ଭାଙ୍ଗିଛନ୍ତି। ସହାୟତା ସହ ସ୍ଥାୟୀ ପ୍ରତିକାର ଲାଗି ଅଞ୍ଚଳବାସୀ ଦାବି କରିଛନ୍ତି। କେତେକ ସ୍ଥାନରେ ଟ୍ରେଞ୍ଚ ଖୋଳାଯାଇଥିଲେ ମଧ୍ୟ ତାହା ଯଥେଷ୍ଟ ନୁହେଁ ଓ ପ୍ରଭାବ ଶୂନ୍ୟ ହୋଇଛି। ଜଳେଶ୍ୱର, ରାସଗୋବିନ୍ଦପୁର ଓ ପଶ୍ଚିମବଙ୍ଗ ସୀମାବର୍ତ୍ତୀ ଅଞ୍ଚଳରେ ହାତୀ ଯାତାୟାତ କରୁଥିବା ବାଟରେ ଦୀର୍ଘ ଟ୍ରେଞ୍ଚ ଖୋଳାଯିବାକୁ ଦିଲ୍ଲୀପ ସାମଲ, ଗିରିଜା ସାସମଲ, ସୁକୁମାର ଘୋଷ, ମନୋଜ ସାସମଲ, ପ୍ରଫୁଲ୍ଲ ସୁର, ଅଜୟ ମହାନ୍ତି, ଅଞ୍ଜନ ସିଂ, ହେମନ୍ତ ଗିରି, ସନ୍ଦିପ ଘୋଷ, ଶ୍ରୀକାନ୍ତ ସିଂ, ଗଂଗାଧର ଦାସ, ସାମଲ ମୁର୍ମୁ, ତପନ ଦାସ, ଅଶ୍ୱିନୀ ଦାସ ପ୍ରମୁଖ ଦାବି କରିଛନ୍ତି।

# ନିର୍ବାଚନ ମଇଦାନରେ ନଣନ୍ଦ-ଭାଉଜ

**ବନ୍ତ,୨୨।୧(ସ୍ୱ.ପ୍ର.)**


ଲିଲି ଗୋଚ୍ଛାୟତ


ମୀନତିଲତା ମଣ୍ଡଳ

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ୨୫ ପଞ୍ଚାୟତର ପ୍ରାର୍ଥୀମାନଙ୍କ ନାମାଙ୍କନପତ୍ର ଦାଖଲ ପରେ ଶନିବାର ଯାଞ୍ଚ ପ୍ରକ୍ରିୟା ସରିଛି। ତେବେ ଓଡ଼ଙ୍ଗ ପଞ୍ଚାୟତରେ ଗୋଟିଏ ପରିବାରର ନଣନ୍ଦ ଓ ଭାଉଜ ଭିନ୍ନ ଭିନ୍ନ ଦଳ ସମର୍ଥନରେ ସରପଞ୍ଚ ପ୍ରାର୍ଥୀ ହେବା ଚର୍ଚ୍ଚାର ବିଷୟ ପାଲଟିଛି। ବନ୍ତ-ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀରୁ ଏହି ପଞ୍ଚାୟତର ପଞ୍ଚାନନ ମଣ୍ଡଳ ଅତୀତରେ କଂଗ୍ରେସର ବିଧାୟକ ଥିଲେ। ଜଣେ ଦକ୍ଷ ରାଜନୀତିଜ୍ଞ ଭାବେ ସେ ପରିଚିତ। ତାଙ୍କ ପରିବାରରୁ ଝିଅ ଓ ବୋହୂ ଭିନ୍ନ ଭିନ୍ନ ଦଳ ସମର୍ଥନରେ ସରପଞ୍ଚ ପାଇଁ ଲଢ଼ିବା ରାଜନୈତିକ ମହଲକୁ ବେଶ୍ ସରଗରମ କରିଛି। ଝିଅ ମୀନତିଲତା ମଣ୍ଡଳ ଭାଜପା ସମର୍ଥନରେ ଓ ବୋହୂ ଲିଲି ଗୋଚ୍ଛାୟତ କଂଗ୍ରେସ ସମର୍ଥନରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଏନେଇ ପୂର୍ବତନ ବିଧାୟକ ମଣ୍ଡଳ କହିଛନ୍ତି, ଝିଅ ବିବାହ କରି ସାରିଛନ୍ତି। ଶ୍ୱଶୁର ଘର ସ୍ୱୀକୃତିରେ ସେ ପ୍ରାର୍ଥୀ ହୋଇଛନ୍ତି। ରାଜନୀତିରେ ଗୋଟିଏ ପରିବାର ସଦସ୍ୟ ଭିନ୍ନ ଭିନ୍ନ ଦଳର ପ୍ରାର୍ଥୀ ହେବା କିଛି ନୂଆ କଥା ନୁହେଁ।

# ପଞ୍ଚାୟତ କାର୍ଯ୍ୟାଳୟରେ ଭଙ୍ଗାରୁଜା


କାର୍ଯ୍ୟାଳୟ ଭିତରେ କାଗଜପତ୍ର ଏଣେତେଣେ ପଡିଛି।

**ଭଦ୍ରକ ଅଫିସ, ୨୨।୧**

ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ସରିବା ପରେ ପଞ୍ଚାୟତ କାର୍ଯ୍ୟାଳୟରେ ଭଙ୍ଗାରୁଜା। ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ତାଳପଦା ପଞ୍ଚାୟତ କାର୍ଯ୍ୟାଳୟରେ ଶୁକ୍ରବାର ବିଳମ୍ବିତ ରାତିରେ ଏଭଳି ଘଟଣା ଘଟିଛି। ଦୁର୍ବୃତ୍ତମାନେ ପଞ୍ଚାୟତ କାର୍ଯ୍ୟାଳୟର ୪ଟି ତାଲା ଭାଙ୍ଗି ଦେଇଛନ୍ତି। ଏଥିସହ ନିକଟରେ ଥିବା ଆରସା ସେବା ସମବାୟ ସମିତିରେ ମଧ୍ୟ ତାଲା ଭଙ୍ଗାଯାଇଛି। ତେବେ କିଏ ଓ କାହିଁକି ଏପରି ଭଙ୍ଗାରୁଜା କରିଛନ୍ତି, ସେ ସମ୍ପର୍କରେ ଜଣାପଡ଼ି ନ ଥିବାବେଳେ ତାଳପଦା ସରପଞ୍ଚ ପ୍ରମୋଦ ବେହେରାଙ୍କ ଅଭିଯୋଗ କ୍ରମେ ତିହିଡ଼ି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବାହାରେ କାଗଜପତ୍ର ପଡ଼ିଛି। ଶୁକ୍ରବାର ଦାଖଲ ହୋଇଥିବା ନାମାଙ୍କନ କାଗଜପତ୍ର ଠିକ୍ ଅଛି କି ନାହିଁ ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ଏ ସମ୍ପର୍କରେ ତିହିଡ଼ି ବିଡିଓ ବସନ୍ତ କୁମାର ସାହାଣୀଙ୍କୁ ପଚାରିବାରୁ ପୋଲିସ ତଦନ୍ତ ଜାରି ରଖିଥିବା କହିଛନ୍ତି।

## ୨୨ ୱାର୍ଡରେ ପ୍ରାର୍ଥୀ ନାହାନ୍ତି

**ଖଇରା,୨୨।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ୩୭ ପଞ୍ଚାୟତ ମଧ୍ୟରୁ ୨୦ ପଞ୍ଚାୟତର ୨୨ୱାର୍ଡରେ ୱାର୍ଡସଭ୍ୟ ପଦବୀ ଖାଲି ପଡ଼ିଛି। ବାଉଁଶଗଡ଼ିଆ ଓ ଡଗରପଡ଼ା ପଞ୍ଚାୟତରେ ୨ଟି ଲେଖାଏଁ ପଦବୀ ଖାଲି ପଡ଼ିଛି। ସେହିଭଳି ଅଚ୍ୟୁତପୁର, ଅମରିଆ, ବଡ଼ନୁଆଗାଁ, ଡାଲଙ୍ଗ, ଡୁଙ୍ଗୁରା, ଗଡ଼ପୋଖରୀ, ଗଗନଧୁଳି, ଜଳଦା, ଖଇରା, କୁପାରୀ, ମାଖନପୁର, ମାଣିତ୍ରୀ, ନହଙ୍ଗ,ପଳସା, ସାରକୋଣା, ସାରଗାଁ, ଶ୍ୟାମସୁନ୍ଦରପୁର, ସୁଣ୍ଡିରା ପଞ୍ଚାୟତରେ ଗୋଟିଏ ଲେଖାଏ ୱାର୍ଡ ସଭ୍ୟ ପଦବୀରେ କେହି ମନୋନୟନ ପତ୍ର ଦାଖଲ କରି ନାହାନ୍ତି। ଏହି ଆସନ ଗୁଡିକ ସଂରକ୍ଷିତ ଥିବା ବେଳେ କୌଣସୀ ବ୍ୟକ୍ତି ପ୍ରାର୍ଥୀପତ୍ର ଦାଖଲ ନ କରିବା ଯୋଗୁ ଖାଲି ପଡ଼ିଛି।

## ଭୋଟ ପୂର୍ବରୁ ୨ ସମିତି ସଭ୍ୟ ଆସନ ହାତେଇଲା ବିଜେଡି

**ପାଟଣା,୨୨।୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକରେ ନିର୍ବାଚନ ପୂର୍ବରୁ ସମିତିସଭ୍ୟ ପାଇଁ ବିଜେଡି ୨ ଆସନ ହାତେଇଛି। ଶନିବାର ବ୍ଲକରେ ଯାଞ୍ଚ ପରେ ଜଣେ ସମିତିସଭ୍ୟ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ଜିତିଥିବା ଜଣା ପଡ଼ିଛି। ସେ ହେଉଛନ୍ତି ଚିନାମାଳିପଶିର ଚାନ୍ଦମଣୀ ପାତ୍ର। ବ୍ଲକ ବିଜେଡି ସଭାପତି ମାଧବାନନ୍ଦ ପୃଷ୍ଟି ଓ ପାଟଣା ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ନାୟକଙ୍କ ଉପସ୍ଥିତିରେ ସେ ଶନିବାର ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଛନ୍ତି। ଅନୁରୂପ ଭାବେ ସରାସକୋଲା ପଞ୍ଚାୟତ ସଂରକ୍ଷିତ ଏସ୍‌ଟି ମହିଳା ସମିତି ସଭ୍ୟ ପାଇଁ ୨ ଜଣ ପ୍ରାର୍ଥିପତ୍ର ଦାଖଲ କରିଥିଲେ ହେଁ ଜଣଙ୍କର ପାର୍ଥୀପତ୍ର ନାକଚ ହେବା ଫଳରେ ପାଟଣା ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ନାୟକଙ୍କ ସ୍ତ୍ରୀ ବୀଣାପାଣି ନାୟକ ମଧ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏଥିସହ ଭୋଟର ସମ୍ମୁଖୀନ ନ ହୋଇ ବିଜେଡି ଦଳ ଅନାୟାସରେ ୨ ଟି ଆସନ ଅକ୍ତିଆର କରିଛି। ପାଟଣା ବ୍ଲକ ୨୦ ପଞ୍ଚାୟତ ସକାଶେ ୯୧ ଜଣ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର କାଏମ ରହିଥିବା ବେଳେ ୬୪ ଜଣ ସମିତି ସଭ୍ୟଙ୍କ ପ୍ରାର୍ଥିପତ୍ର ମଧ୍ୟରୁ ୩ ଜଣଙ୍କ ନାକଚ ହେବା ପରେ ୬୧ ଜଣଙ୍କ କାଏମ ରହିଛି।

## ପଡ଼ୋଶୀଙ୍କ ଘରେ ନିଆଁ ଲଗାଇ ଗିରଫ

**ପାଟଣା,୨୨।୧(ସ୍ୱ. ପ୍ର.)**

କେନ୍ଦୁଝର ଜିଲା ପାଟଣା ଥାନା କୁଦାବେଡା ଗ୍ରାମର ରଥ ନାଏକଙ୍କ ଘରେ ନିଆଁ ଲଗାଇ ଦେଇଥିବା ଅଭିଯୋଗରେ ପୋଲିସ ଶତ୍ରୁଘ୍ନ ନାଏକଙ୍କୁ ଗିରଫ କରିଛି। ଶତ୍ରୁଘ୍ନ ତାଙ୍କ ସ୍ତ୍ରୀ ସହ ଝଗଡା କରିବାରୁ ତାଙ୍କ ସ୍ତ୍ରୀ ପଡୋଶୀ ନାଏକଙ୍କ ଘରେ ଆଶ୍ରୟ ନେଇଥିଲେ। ଏଥିରେ ଶତ୍ରୁଘ୍ନ ରାଗିଯାଇ ରଥଙ୍କୁ ଗାଳି ଗୁଲଜ କରିବା ସହ ତାଙ୍କ ଘର ମଧ୍ୟରେ ନିଆଁ ଲଗାଇଦେଇଥିଲେ। ପୋଲିସ ଏନେଇ ଏକ ମାମଲା (ନଂ.୧୯ /୨୨) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ରାଜେନ୍ଦ୍ର ସ୍ୱାଇଁ କହିଛନ୍ତି।

## ନିର୍ବାଚନ ଲଢ଼ିବେ ଦୁଇ ଯାଆ


ଉର୍ମିଳା ବିଶ୍ୱାଳ।


ପୁଷ୍ପାଞ୍ଜଳି ସାମଲ

**ଧାମନଗର, ୨୨।୧ (ଡି.ଏନ.ଏ)**

ଭଦ୍ରକ ଜିଲା ଧାମନଗର ବ୍ଲକ ଦୋବଲ ୧୧ ନଂ. ଜିଲା ପରିଷଦ ଜୋନ୍ ପାଇଁ ପ୍ରାର୍ଥୀ ହୋଇଛନ୍ତି ଦୁଇ ଯାଆ। ଏହି ଜୋନ୍ ଅତୀତରୁ ଭାଜପା ହାତରେ ରହିଆସିଛି। ଏଥର ଉଭୟ ବିଜେଡି ଓ ଭାଜପାରୁ ଦୁଇ ଯାଆଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବାକୁ ଯାଉଛି। ଭାଜପା ପ୍ରାର୍ଥୀ ଭାବେ ଖାଦିପଦା ପଞ୍ଚାୟତର ସମିତିସଭ୍ୟ ସୁବ୍ରତ ସାମଲଙ୍କ ସ୍ତ୍ରୀ ପୁଷ୍ପାଞ୍ଜଳି ସାମଲ ନାମାଙ୍କନ ଦାଖଲ କରିଛନ୍ତି। ସୁବ୍ରତ ଜଣେ ଯୁବ ସଙ୍ଗଠକ ଓ ପ୍ରତିଷ୍ଠିତ ବ୍ୟବସାୟିକ ପରିବାରର ହୋଇଥିବାରୁ ନିଜର ସ୍ୱଚ୍ଛ ଭାବମୂର୍ତ୍ତି ରହିଛି। ଏପରିକି ସ୍ଥାନୀୟ ବିଧାୟକ ତଥା ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀଙ୍କ ଲୋକପ୍ରିୟତା ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାକୁ ନେଇ ପୁଷ୍ପାଞ୍ଜଳି ଭୋଟରଙ୍କ ପାଖରେ ପହଞ୍ଚୁଛନ୍ତି। ଅପରପକ୍ଷେ ସୁବ୍ରତଙ୍କ ବଡ଼ଭାଇ ପୂର୍ବତନ ସମିତିସଭ୍ୟ ପ୍ରତାପ ସାମଲଙ୍କ ସ୍ତ୍ରୀ ତଥା ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ଉର୍ମିଳା ବିଶ୍ୱାଳ ବିଜେଡି ପକ୍ଷରୁ ପ୍ରାର୍ଥୀ ହୋଇଛନ୍ତି। ସ୍ୱାମୀ ପ୍ରତାପଙ୍କ ଲୋକପ୍ରିୟତା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନକଲ୍ୟାଣକାରୀ ଯୋଜନାକୁ ପାଥେୟ କରି ସେ ମତଦାତାଙ୍କ ନିକଟତର ହେଉଛନ୍ତି। ତେବେ ଭାଜପା ତା'ର ବିଜୟଧାରା ବଜାୟ ରଖିବା ପାଇଁ ରଣନୀତି ପ୍ରସ୍ତୁତ କରୁଥିବା ବେଳେ ଏହାକୁ ଭଙ୍ଗ କରି ବିଜେଡି ଏଥର ଏହି ଜୋନ୍‌ରୁ ଜିତିବା ଲାଗି ରଣକୌଶଳ ଆପଣାଇଥିବା ଚର୍ଚ୍ଚା ହେଉଛି।

# ପିସ୍ତଲ ଜବତ, ୫ ଅଭିଯୁକ୍ତ ଗିରଫ

**ବ୍ୟାଙ୍କ ଋଣ ଅଫିସରଙ୍କଠାରୁ ଲୁଟ୍ ମାମଲା**

**ଜଗତ୍‌ସିଂହପୁର ଅଫିସ, ୨୨।୧**


ଗିରଫ ଅଭିଯୁକ୍ତ, ଜବତ ହୋଇଥିବା ମୋବାଇଲ ଓ ପିସ୍ତଲ।

ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ଓଡ଼ିଶୋ ନିକଟରୁ ଗତ ୧୭ ତାରିଖରେ ୟୁନିଟ୍ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଜଗତ୍‌ସିଂହପୁର ଶାଖା ମହିଳା ଲୋନ ଅଫିସରଙ୍କଠାରୁ ପିସ୍ତଲ ଦେଖାଇ ୬୩ ହଜାର ଟଙ୍କା ଲୁଟ୍ କରାଯାଇଥିଲା। ଏନେଇ କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ ଅଲିଆରା ଗ୍ରାମର ତଥା ଲୋନ ଅଫିସର ପ୍ରିୟଙ୍କା ପ୍ରିୟଦର୍ଶିନୀ ମହାନ୍ତି (୧୯) ଜଗତ୍‌ସିଂହପୁର ଥାନାରେ ଅଭିଯୋଗ କରିଥିଲେ। ଏହି ମାମଲାରେ ଶନିବାର ପୋଲିସ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଭରତପୁର ଥାନା ଗୋପାଳସାହି ଜଗନ୍ନାଥ ବିହାରରେ ରହୁଥିବା ସ୍ଥାନୀୟ ଓଡ଼ିଶୋର ଅଭିଜିତ ମହାରଣା (୨୧), ସାଗର ରଞ୍ଜନ ମହାରଣା (୨୩), କାଶୀନାଥ ବିଶ୍ୱାଳ ଓରଫ କାଶୀ (୨୮), କୃଷ୍ଣ ଚନ୍ଦ୍ର ଭୋଇ ଓରଫ ଧୁଣ୍ଡ (୨୦) ଓ ଭରତପୁର ଥାନା ବରମୁଣ୍ଡା ଟେଲ୍‌କୋ କଲୋନୀରେ ରହୁଥିବା ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅନ୍ତର୍ଗତ କଇଣିର ରାକେଶ ପ୍ରଧାନ (୧୯)। ସେମାନଙ୍କ ନିକଟରୁ ନଗଦ ୩୨,୨୮୦ ଟଙ୍କା ସହ କଳା ରଙ୍ଗର ସ୍କୁଟି, ବାଇକ୍, ୪ ମୋବାଇଲ ଫୋନ୍ ଓ ଗୋଟିଏ ମେଟାଲିକ୍ ପିସ୍ତଲ ଜବତ କରାଯାଇଛି ବୋଲି ଜଗତ୍‌ସିଂହପୁର ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ରମେଶ ଚନ୍ଦ୍ର ସିଂହ ଓ ଆଇଆଇସି ପ୍ରଭାସ ଚନ୍ଦ୍ର ସାହୁ କହିଛନ୍ତି। ସେମାନେ କହିଛନ୍ତି, ଲୁଟ୍‌ର ୧୫ ଦିନ ପୂର୍ବରୁ ଅଭିଯୁକ୍ତମାନେ ଏଥିପାଇଁ ଯୋଜନା କରିଥିଲେ। କାରଣ ପ୍ରତ୍ୟେକ ସୋମବାର ଲୋନ୍ ଅଫିସର ମହାନ୍ତି ଗ୍ରୁପଗୁଡିକରୁ ଟଙ୍କା ସଂଗ୍ରହ କରି ଜଗତ୍‌ସିଂହପୁର ଫେରିଥାନ୍ତି। ଗତ ୧୭ ତାରିଖରେ ମହାନ୍ତି ଦେଭୋଗ ଓ ଓଡ଼ିଶୋ ଅଞ୍ଚଳରୁ ଫାଇନାନ୍ସ ଲୋନ୍ ଟଙ୍କା ସଂଗ୍ରହ କରି ନିଜ ସ୍କୁଟିରେ ଓଡ଼ିଶୋରୁ ଫେରୁଥିଲେ। ପୂର୍ବପ୍ରସ୍ତୁତି ମୁତାବକ ୫ ଅଭିଯୁକ୍ତ ଏକ ନିକାଞ୍ଚନ ସ୍ଥାନରେ ତାଙ୍କୁ ଅଟକାଇ ପିସ୍ତଲ ଦେଖାଇ ପ୍ରଥମେ ଭୟଭୀତ କରିବା ପରେ ପାଖାରେ ଥିବା ଟଙ୍କା ଲୁଟ୍ ନେଇଥିଲେ। ଗଲାବେଳେ ମହାନ୍ତିଙ୍କ ସ୍କୁଟି ମଧ୍ୟ ନେଇ ଯାଇଥିଲେ।ଅଭିଯୋଗ ପରେ ପୋଲିସ ମାମଲା (ନଂ.୪୦/୨୨) ରୁଜୁ କରିଥିଲା।ତେବେ ସ୍ଥାନୀୟ କେତେଜଣ ଗୁପ୍ତଚର ଓ କ୍ଷେତ୍ର ପରିଦର୍ଶନ ଆଧାରରେ ଅଭିଯୁକ୍ତମାନଙ୍କ ଗତିବିଧି ସମ୍ପର୍କରେ ଜଣାପଡିଥିଲା। ତା ପରେ ଯୋଜନା ମୁତାବକ ସେମାନଙ୍କୁ ଗିରଫ କରାଯାଇଥିଲା ବୋଲି ପୋଲିସ କହିଛି।

## ପ୍ରମାଣ ଅଭାବରୁ ନିର୍ଦ୍ଦୋଷ

**ବ୍ରହ୍ମପୁର ଅଫିସ,୨୨।୧**

ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ଅନୁପ ରଞ୍ଜନ ପଟ୍ଟନାୟକ ଏକ ବଳାତ୍କାର ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ଜଣେ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ଜଣକ ଦିବାକର ଜେନା। ୨୦୧୭ ଜୁଲାଇରେ ଜନୈକା ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରିଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ୨୦୧୭ ଜୁଲାଇ ୧୫ରେ ଗୋଷଣୀନୂଆଗାଁ ଥାନା ପୋଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ପରେ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ଦିବାକରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାର ବିଚାର ବେଳେ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା। ବିଚାର ବେଳେ ୧୦ଜଣ ସାକ୍ଷୀଙ୍କ ବୟାନ୍ କୋର୍ଟରେ ରେକର୍ଡ଼ କରାଯାଇଥିଲା। ପ୍ରମାଣ ଅଭାବରୁ କୋର୍ଟ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି।

## ଜେଏମ୍ଏମ୍ ପ୍ରାର୍ଥୀଙ୍କ ନାମାଙ୍କନ ଖାରଜ

**କେନ୍ଦୁଝର, ୨୨।୧(ସ୍ୱ.ପ୍ର.)**

କେନ୍ଦୁଝର ଉପଖଣ୍ଡରେ ନାମାଙ୍କନ ପତ୍ର ଯାଞ୍ଚରେ ଜଣଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଥିବା ବେଳେ ଅନ୍ୟ ସବୁ କାଏମ ରହିଛି। ହରିଚନ୍ଦନପୁର ବ୍ଲକର ୩୩ ନଂ ଜୋନରେ ନାମାଙ୍କନ ପତ୍ର ଦାଖଲ କରିଥିବା ଜେଏମ୍ଏମ୍ ପ୍ରାର୍ଥୀ ଫୁଲମଣି ମୁର୍ମୁଙ୍କ ନାମାଙ୍କନ ପତ୍ରରେ ଦସ୍ତଖତ ନ ଥିବାରୁ ନାକଚ ହୋଇଥିବା ଜଣା ପଡ଼ିଛି। ଦସ୍ତଖତ ନ ଥିବାରୁ ନାକଚ ହୋଇଥିବା ତାଙ୍କ ଓକିଲ ସୁରଜ ମହାପାତ୍ର କହିଛନ୍ତି।

# ପରିବେଶ ମଞ୍ଜୁରୀ ମିଳିବାରେ ବିଳମ୍ବ

**ସରକାର ହରାଉଛନ୍ତି ରାଜସ୍ୱ**

**ଆନନ୍ଦପୁର,୨୨।୧(ସ୍ୱ.ପ୍ର.)**


ଆନନ୍ଦପୁର ତହସିଲ ଅଧୀନ ବାଲିସଇରାତ।

କେନ୍ଦୁଝର ଜିଲା ଆନନ୍ଦପୁର ତହସିଲ ଅଧୀନ ବାଲି ସଇରାତର ଷ୍ଟାଟସ୍‌କୁ ଦେଖିଲେ ସ୍ପଷ୍ଟ ହୋଇଯିବ ଯେ, ଅଧିକାରୀଙ୍କ ଉଦାସୀନତା ପାଇଁ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଇବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଆନନ୍ଦପୁର ତହସିଲ ଅଧୀନ ବାଲି ସଇରାତ ଗୁଡିକର ଲିଜ୍ ପ୍ରକ୍ରିୟା ବର୍ଷେରୁ ଅଧିକ ଦିନ ହେବ ଶେଷ ହୋଇଥିଲେ ବି ପରିବେଶ ମଞ୍ଜୁରୀ ମିଳି ନ ଥିବାରୁ ଏହା କାର୍ଯ୍ୟକାରୀ ହୋଇପାରୁନି। ଫଳରେ ବିଭିନ୍ନ ସମୟରେ ବେଆଇନ ବାଲି ଚାଲାଣ କରାଯାଉଛି। ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ସରକାରୀ ସ୍ତରରେ ହେଉ ଅବା ଘରୋଇ ହେଉ ଚୋରା ବାଲି ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି। ତହସିଲ ଅଧୀନରେ ସମସ୍ତ ବାଲି ସଇରାତ ବନ୍ଦ ରହିଥିବା ସତ୍ତ୍ୱେ ଚୋରା ବାଲି ଦ୍ୱାରା ସରକାରୀ ଉନ୍ନୟନ ମୂଳକ କାର୍ଯ୍ୟ ସ୍ୱାଭାବିକ ଚାଲୁଛି। ଏହାଦ୍ୱାରା ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି।

ଆନନ୍ଦପୁର ତହସିଲ ପକ୍ଷରୁ ୨୦୨୧ ଏପ୍ରିଲରୁ ୨୦୨୨ ଜାନୁୟାରୀ ୭ ତାରିଖ ପର୍ଯ୍ୟନ୍ତ ଚୋରା ବାଲି ଚାଲାଣ ରୋକିବାକୁ ଉଦ୍ୟମ କରାଯାଇ ୧୧୭ ଗାଡ଼ି ଜବତ କରାଯାଇଛି। ଜରିମାନା ବାବଦକୁ ୧୯ ଲକ୍ଷ ୩୦ ହଜାର ଟଙ୍କା ଆଦାୟ କରାଯାଇଥିବା ସୂଚନା ମିଳିଛି। ତହସିଲ ପକ୍ଷରୁ ପରିବେଶ ମଞ୍ଜୁରୀ କାଗଜ ପତ୍ର ବର୍ଷେରୁ ଊର୍ଦ୍ଧ୍ୱ ଦିନ ହେବ ପଠାଯାଇଥିଲେ ବି ଘଟଣାକୁ ଗୁରୁତ୍ୱ ଦିଆ ନ ଯାଇ ଏଥିରେ ବିଳମ୍ବ ହେବା ପରିତାପର ବିଷୟ। ଏସମ୍ପର୍କରେ ଆନନ୍ଦପୁର ତହସିଲଦାର ତପନ କୁମାର ନାୟକ କହିଛନ୍ତି ଯେ, କାର୍ଯ୍ୟାଳୟ ପକ୍ଷରୁ ପରିବେଶ ମଞ୍ଜୁରୀ ନିମନ୍ତେ ଠିକଣା ସମୟରେ ଆବଶ୍ୟକ କାଗଜପତ୍ର ପ୍ରଦାନ କରାଯାଇଛି। ପରିବେଶ ମଞ୍ଜୁରୀ ପତ୍ର ମିଳିବା ପରେ ବାଲି ସଇରାତ ଗୁଡିକ ସ୍ୱାଭାବିକ ଭାବେ କାର୍ଯ୍ୟକାରୀ ହେବ।

## ଭୋଟ ବର୍ଜନ ଚେତାବନୀ

**ଭୋଟ ଗ୍ରହଣ କେନ୍ଦ୍ର ପରିବର୍ତ୍ତନ ଅଭିଯୋଗ**

**ଖଇରା,୨୨।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ମହତୀପୁର ଗ୍ରାମ ପଞ୍ଚାୟତ ଅଧୀନ ଗୋପାଳବେଢା ବିଶାପୁର (୭ନମ୍ବର ୱାର୍ଡ) ଗ୍ରାମର ଭୋଟଗ୍ରହଣ କେନ୍ଦ୍ରକୁ ପରିବର୍ତ୍ତନ କରାଯାଇଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିବା ସହ ଭୋଟ ବର୍ଜନ ପାଇଁ ଚେତାବନୀ ଦେଇଛନ୍ତି। ଖୁବଶୀଘ୍ର ସେମାନେ ଏ ସମ୍ପର୍କରେ ବିଡିଓଙ୍କୁ ଦାବୀପତ୍ର ପ୍ରଦାନ କରିବେ ବୋଲି ଗ୍ରାମର ପୂର୍ଣ୍ଣଚନ୍ଦ୍ର ଗିରି,ଅନିରୁଦ୍ଧ ରାଉତ,ଅନିରୁଦ୍ଧ ଗିରି,ରମାକାନ୍ତ ଗିରି,ଅଭିରାମ ରାଉତ, ଜୟରାମ ଜେନା ପ୍ରମୁଖ ପ୍ରକାଶ କରିଛନ୍ତି। ଗୋପାଳବେଢ଼ା ଗ୍ରାମର ମଠଠାରେ ଭୋଟ ଗ୍ରହଣ କେନ୍ଦ୍ର ନିର୍ମାଣ କରାଯାଇ ଆସୁଥିଲା। ହେଲେ ଚଳିତ ନିର୍ବାଚନରେ ଏହି ଭୋଟ ଗ୍ରହଣ କେନ୍ଦ୍ରକୁ ମହତୀପୁର ସ୍କୁଲକୁ ସ୍ଥାନାନ୍ତର କରିଦିଆଯାଇଛି। ଏଥିଯୋଗୁ ଗ୍ରାମବାସୀଙ୍କୁ ପାଖାପାଖି ଦେଢ କି.ମି. ଯିବାକୁ ପଡ଼ିବ ବୋଲି ଅଭିଯୋଗ କରିଛନ୍ତି।

**WANTED**
**SALES ENGINEER** for Mechanical Equipment Selling. Qualification: Diploma/B.Tech., Experience: 0 - 2 Years, Job Location: Odisha.
Email: supraenggc@gmail.com
Contact No.: 8297555565

**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017
**Corrigendum to Notice Inviting Tender (NIT)**
Tender Notice No. TPWODL/MK/O/SER/079/Corrigendum/ 002
Rate Contract for General Civil Works under Various Circles at TPWODL area.
The time period is hereby extended for Submission of Tender Participation Fee and Authorization Letter through e-mail till 28th January 2022, 1500Hrs, after which link from e-Tender system shall be shared. A Corrigendum to the said notice has been uploaded in our website www.tpwesternodisha.com. Prospective bidders are requested to visit the website for detailed amendment and updated tender document.
Sd /- Chief-Contracts and Stores

> ପ୍ରତ୍ୟେକ ଧର୍ମ ମନୁଷ୍ୟ ଜାତିକୁ ସାହାଯ୍ୟ କରିଛି। ପ୍ରତ୍ୟେକ ଧର୍ମ ମଧ୍ୟ କେତେକ ସଂଖ୍ୟକ ଆତ୍ମାକୁ ଉଦ୍ଧାର କରିଛନ୍ତି। କିନ୍ତୁ କୌଣସି ଧର୍ମ ଏ ପର୍ଯ୍ୟନ୍ତ ମନୁଷ୍ୟ ଜାତିକୁ ସାମଗ୍ରିକ ଭାବେ ଆଧ୍ୟାତ୍ମିକ ଭାବାପନ୍ନ କରି ପାରିନାହାନ୍ତି। ସେଥିପାଇଁ ପରମ୍ପରା ବା ପ୍ରଥାର ଆବଶ୍ୟକତା ନାହିଁ। ଆଧ୍ୟାତ୍ମିକ-ବିବର୍ତ୍ତନ ପାଇଁ ଏକ ନିରନ୍ତର ଓ ସର୍ବବ୍ୟାପୀ ପ୍ରୟାସର ଆବଶ୍ୟକତା ରହିଛି। – ଶ୍ରୀଅରବିନ୍ଦ

# ବିପଜ୍ଜନକ ସ୍ଥିତି



**ଆକାର ପଟେଲ**

ଭାରତର ରାସ୍ତାରେ ଏକୁଟିଆ ଜଣେ ମହିଳା ସୁରକ୍ଷିତ କି ? ସୁରକ୍ଷାକୁ ନେଇ ସେମାନେ ସବୁବେଳେ ବିପଦ ଓ ଭୟ ଅନୁଭବ କରୁଛନ୍ତି କି ? ଉତ୍ତର ଜାଣିବା ଲାଗି ମୁଁ ୫୦ ଜଣ ପୁରୁଷଙ୍କୁ ଏହି ପ୍ରଶ୍ନ ପଚାରିଥିଲି। ମହିଳାମାନେ ସୁରକ୍ଷିତ ମଣନ୍ତି ଓ ସେଥିରେ କୌଣସି ସମସ୍ୟା ନାହିଁ ବୋଲି ସେମାନେ ମୋତେ ନିଶ୍ଚିତ କରିଥିଲେ। ଅବଶ୍ୟ ଏହି ଲୋକମାନେ କେବେ ବି ଏଭଳି ପରିସ୍ଥିତିର ସମ୍ମୁଖୀନ ହୋଇ ନ ଥିବାରୁ ଏହାର ବାସ୍ତବତା ସମ୍ପର୍କରେ ସେମାନଙ୍କର ଧାରଣା ନ ଥିଲା। ମହିଳାମାନେ ସୁରକ୍ଷିତ କି ନାହିଁ ଆମେ ଏଭଳି ପ୍ରଶ୍ନ ମହିଳାମାନଙ୍କୁ ହିଁ ପଚାରିବା ଉଚିତ। କାରଣ ସେମାନେ ବିପଦରେ ଓ ଭୟରେ ରହିଛନ୍ତି। ଏବେ ଜିନୋସାଇଡ ବା ନିର୍ଦ୍ଦିଷ୍ଟ ବର୍ଗର ନରସଂହାର ଆହ୍ୱାନକୁ ଭାରତ ପ୍ରୋତ୍ସାହିତ କରୁଥିବାରୁ ବିଶ୍ୱ ସମୁଦାୟ ଏହାକୁ ନେଇ ଚିନ୍ତିତ। ଦି ଇକୋନୋମିଷ୍ଟର ୧୫ ଜାନୁୟାରୀ ସଂସ୍କରଣରେ 'ନିଆଁ ସହିତ ଖେଳ: ଭାରତ ସରକାର ଅଣଦେଖା କରୁଛନ୍ତି ଏବଂ ଏପରି କି ବେଳେବେଳେ ସଂଖ୍ୟାଲଘୁଙ୍କ ପ୍ରତି ଘୃଣା ଭାବକୁ ପ୍ରୋତ୍ସାହିତ କରୁଛନ୍ତି' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ସେହି ସମାନ ଦିନରେ ସିଏନ୍‌ଏନ୍ 'ଭାରତର ହିନ୍ଦୁ କଠୋରପନ୍ଥୀମାନେ ମୁସଲମାନଙ୍କ ବିରୋଧରେ ନରସଂହାର ଆହ୍ୱାନ ଦେଉଛନ୍ତି ; ଏହାକୁ ବନ୍ଦ କରିବା ଲାଗି କାହିଁକି କମ୍ ପଦକ୍ଷେପ ନିଆଯାଉଛି' ଶୀର୍ଷକରେ ଏକ ଖବର ମଧ୍ୟ ପ୍ରକାଶ କରିଥିଲା। କିଛିଦିନ ପୂର୍ବରୁ ନ୍ୟୁୟର୍କ ଟାଇମ୍ସରେ ପ୍ରକାଶିତ ଏକ ଶୀର୍ଷକ ଥିଲା, 'ହିନ୍ଦୁ କଠୋରପନ୍ଥୀମାନେ ଭାରତରେ ମୁସଲମାନମାନଙ୍କୁ ହତ୍ୟା କରିବାକୁ ଆହ୍ୱାନ ଦେଉଥିବାବେଳେ ଭାରତୀୟ ନେତାମାନେ ନୀରବ ରହୁଛନ୍ତି।' ଲଣ୍ଡନରେ ଦି ଟାଇମ୍ସ 'ମୁସଲମାନଙ୍କ ବିରୋଧରେ ହିନ୍ଦୁଙ୍କ ଘୃଣା ମନ୍ତବ୍ୟ ସମ୍ପର୍କରେ ଆଇନଜୀବୀମାନେ ଭାରତର ମୁଖ୍ୟ ବିଚାରପତିଙ୍କୁ ଲେଖିଛନ୍ତି'– ଶୀର୍ଷକ ପ୍ରକାଶ କରିଥିଲା। ଟାଇମ୍ ମାଗାଜିନ 'ଭାରତ କ'ଣ ଏକ ମୁସଲମାନ ବିରୋଧୀ ନରସଂହାର ଆଡ଼କୁ ମୁହାଁଉଛି କି' ଶୀର୍ଷକରେ ଏକ ଆର୍ଟିକଲ ଛାପିଥିଲା। ଆମ ସମ୍ପର୍କରେ ବିଶ୍ୱ କ'ଣ କହୁଛି ଓ ଭାବନା କ'ଣ ରହିଛି ତାହା ଜାଣିବାକୁ ଏହିସବୁ ପ୍ରକାଶିତ ଶୀର୍ଷକ ଯଥେଷ୍ଟ। ଏହି ରିପୋର୍ଟଗୁଡ଼ିକ କେବଳ ସେମାନଙ୍କର ମତ ନୁହେଁ ବରଂ ଆମଦେଶରେ ଘଟୁଥିବା ଘଟଣା, ନିକଟରେ ଖ୍ରୀଷ୍ଟିଆନ୍ ଓ ମୁସଲମାନଙ୍କ ଉପରେ ହୋଇଥିବା ଆକ୍ରମଣ ଏବଂ ସରକାରଙ୍କ ଉଦାସୀନତାକୁ ସୂଚାଇ ଦେଇଛନ୍ତି। ବିଶ୍ୱ ଏହାର ଭୟାବହତା ଉପରେ ସ୍ୱର ଉଠାଇବା ପରେ ହରିଦ୍ୱାରରେ ଏକ ହିନ୍ଦୁ ଉତ୍ସବରେ ମୁସଲିମ୍‌ଙ୍କ ଗଣହତ୍ୟା ପାଇଁ ଆହ୍ୱାନ ଦେଇଥିବା ଲୋକଙ୍କ ବିରୋଧରେ ଏଫ୍ଆଇଆର୍ ଦାଏର କରାଗଲା।

ସରକାର ହିଂସାକୁ ଉତ୍ସାହିତ କରୁଛନ୍ତି ବୋଲି ଯେଉଁ ଅଭିଯୋଗ ହେଉଛି ତାହାକୁ ସରକାର ମାନିବାକୁ ନାରାଜ। ଏହାବାଦ୍ ହିନ୍ଦୁତ୍ୱ ଏବଂ ଭାଜପା ଅଧୀନରେ ଭାରତ ମୁସଲମାନଙ୍କ ପାଇଁ କମ୍ ସୁରକ୍ଷିତ ବୋଲି ଯେଉଁ ଅଭିଯୋଗ ଉଠିଛି ତାହାକୁ ମଧ୍ୟ ଗ୍ରହଣ କରୁନାହିଁ। ଏହା ସତ କି ମିଛ ତାହା ହିଁ ମୁଖ୍ୟ ପ୍ରଶ୍ନ। ଏହାର ଉତ୍ତର ଜାଣିବାକୁ ହେଲେ ଯେଉଁମାନେ ଭୟ ସୃଷ୍ଟି କରୁଛନ୍ତି ଓ ତାହାକୁ ଉତ୍ସାହିତ କରୁଛନ୍ତି ସେମାନଙ୍କୁ ପ୍ରଶ୍ନ ନ ପଚାରି ବାସ୍ତବରେ ଭୟ ଅନୁଭବ କରୁଥିବା ମୁସଲମାନଙ୍କୁ ପଚାରିବାକୁ ପଡ଼ିବ। ଯେହେତୁ ମୁଁ ସେମାନଙ୍କୁ ପଚାରିଛି ସେଥିପାଇଁ କହିପାରିବି ଯେ, ଆମେ ଯାହା କରିଛେ ଓ କରୁଛେ ସେଥିରେ ସେମାନେ ବାସ୍ତବରେ ଚିନ୍ତିତ ଓ ଭୟଭୀତ। ସେମାନେ ଏଭଳି ବିବ୍ରତ ହେବାର କାରଣ ବି ରହିଛି ଓ ସେଥିପାଇଁ ଆମେ ଦାୟୀ। ଦଣ୍ଡକୁ ଖାତିର ନ କରି ବିନା ଶିଷ୍ଟତାରେ ମୁସଲମାନଙ୍କ ସମ୍ପର୍କରେ ଏବେ ସର୍ବସାଧାରଣରେ ସବୁଠୁ ଘୃଣିତ ମନ୍ତବ୍ୟ ଦିଆଯାଇପାରୁଛି। ଦଣ୍ଡପାଇବାର ଭୟ ରହୁନାହିଁ କେବଳ ଶାସକ ଦଳ ଯୋଗୁ। ଆମେ ଭାରତୀୟ ସମାଜକୁ ଅସମ୍ବେଦନଶୀଳ କରିଦେଇଥିବାରୁ ଆମମାନଙ୍କ ମଧ୍ୟରେ ଲଜ୍ଜା ବା ଶିଷ୍ଟତା ପ୍ରକାଶ ପାଉନାହିଁ। ସଂଖ୍ୟାଲଘୁ, ବିଶେଷକରି ମୁସଲମାନଙ୍କର ଦାନବୀକରଣ ଏବଂ ଅମାନବୀୟକରଣ କରି ଅପହରଣ ଏବଂ ଯୌନଗତ ହିଂସା ପାଇଁ ସାର୍ବଜନୀନ ସ୍ଥାନରେ ପ୍ରକାଶ କରାଯାଉଛି।

ଆମେ ଭାରତର ଆଭ୍ୟନ୍ତରୀଣ ଓ ବାହ୍ୟ କ୍ଷତି ଯାହା କରିଛୁ ତାହା ଦୀର୍ଘଦିନ ରହିବ। ଆମ ବିରୋଧରେ ଯେଉଁ ଅଭିଯୋଗ ଉଠୁଛି ତାହାକୁ ଗ୍ରହଣ କରୁ ନ ଥିବାରୁ ଏଭଳି ହେବ ଏବଂ ବିଶ୍ୱ ଆମ ବିରୋଧରେ ଏମିତି କହିଚାଲିବ। ଏଭଳି କାର୍ଯ୍ୟରେ ସ୍ୱାର୍ଥ ରହିଛି ବୋଲି ଶାସକ ଦଳ ମନେକରୁଥିବାରୁ ତାହା ସେମିତି ଜାରି ରହିବ। ହରିଦ୍ୱାର ଘଟଣାରେ ଆଟର୍ନି ଜେନେରାଲ(ଏଜି) କୋର୍ଟ ଅବମାନନା ପାଇଁ ଜଣେ ପୂଜକ ଯତି ନରସିଂହାନନ୍ଦଙ୍କ ବିରୋଧରେ ମକଦ୍ଦମା ଚଳାଇବା ଲାଗି ମଞ୍ଜୁରୀ ଦେଇଛନ୍ତି। ''ଯେଉଁମାନେ ଉକ୍ତ ବ୍ୟବସ୍ଥାରେ, ଏହି ରାଜନେତାଙ୍କ ଉପରେ, ସୁପ୍ରିମକୋର୍ଟ ଏବଂ ଆର୍ମି ଉପରେ ବିଶ୍ୱାସ କରନ୍ତି, ସେମାନେ ସମସ୍ତେ କୁକୁର ଭଳି ମରିବେ'', ନରସିଂହାନନ୍ଦଙ୍କ ଉକ୍ତ ମନ୍ତବ୍ୟ ସାଧାରଣରେ ସୁପ୍ରିମକୋର୍ଟଙ୍କ ଅଧିକାର କ୍ଷୁଣ୍ଣ କରିବା ଭଳି ଏକ ସିଧାସଳଖ ପ୍ରୟାସ ବୋଲି ଏଜି ଜାଣିବାକୁ ପାଇଥିବା କହିଛନ୍ତି। ପୂଜକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଜଣେ ଆକ୍ଟିଭିଷ୍ଟ ଦାବି କରି ଚିଠି ଦେବା ପରେ ଏଜି ଏହା ପ୍ରକାଶ କହିଛନ୍ତି। ହେଲେ ସରକାର କାହିଁକି ତାଙ୍କ ପକ୍ଷରୁ ଏଭଳି କଲେ ନାହିଁ? ବିଶ୍ୱ କାହିଁକି ଆମ ସମ୍ପର୍କରେ ଏଭଳି କହୁଛି ତାହାର ଉତ୍ତର ହିଁ ଏଥିରୁ ମିଳିଯାଉଛି। ସାଧାରଣରେ ମୁସଲମାନଙ୍କ ବିରୋଧୀ ଆହ୍ୱାନ ସମ୍ପର୍କରେ କେନ୍ଦ୍ର ସରକାର ବା ଶାସକ ଦଳ ସମ୍ପୂର୍ଣ୍ଣ ଉଦାସୀନ। ଏ ସମ୍ପର୍କରେ ମୁଁ ତିନି ଦଶନ୍ଧି ଧରି ଲେଖି ଆସୁଛି। କିନ୍ତୁ ଯେତେବେଳେ ନିୟନ୍ତ୍ରଣ ବାହାରକୁ ଚାଲିଯାଉଛି ସେତେବେଳେ ସାଧାରଣରେ ଏଭଳି ପ୍ରକାଶ କରାଯାଉଛି। ଆମ ସହରର ରାସ୍ତାଗୁଡ଼ିକରେ ସଂଖ୍ୟାଲଘୁଙ୍କ ବିରୋଧରେ ହିଂସାକୁ ପ୍ରୋତ୍ସାହିତ କରିବା ସମୟରେ ପରିଣାମ କ'ଣ ହୁଏ ତାହା ଆମେ ଦେଖିଛେ। ଦେଖିବାକୁ ଗଲେ ଆମେ ଏବେ ଏକ ବିପଜ୍ଜନକ ସ୍ଥିତିରେ ରହିଛେ ଏବଂ ବିଶ୍ୱ ସମୁଦାୟ ଆମ ପାଇଁ ବିବ୍ରତ। ସେମାନେ ଯାହା କହୁଛନ୍ତି ତାହା ଶୁଣିବା ଏବଂ ଯେଉଁ ବିପଜ୍ଜନକ ସ୍ଥିତିରେ ରହିଛେ ସେଥିରୁ ପଛକୁ ହଟି ଆସିବା ହିଁ ଆମ ପାଇଁ ବୁଦ୍ଧିମାନର କାର୍ଯ୍ୟ ହେବ। ନରସଂହାର ବା ଗଣହତ୍ୟା ଭଳି ଶବ୍ଦ ଯେ କେତେ ଭୟଙ୍କର ସେ ସମ୍ପର୍କରେ ଚିନ୍ତା ନ କରିବା ଆଦୌ ସୁରକ୍ଷିତ ନୁହେଁ।

Email:aakar.patel@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 7 | 3 | | | | |
| | | 7 | | 1 | | | | |
| 8 | | | | | 4 | | | 5 |
| | | 3 | | 6 | | | | |
| | 9 | | | | 7 | | 4 | |
| | | | 3 | | | | 1 | |
| | | | 9 | | 4 | 5 | | |
| | 4 | | 1 | | | 3 | | |
| | | | | 7 | | 8 | 6 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 4 | 2 | 9 | 3 | 8 | 6 | 1 | 5 |
| 1 | 9 | 6 | 7 | 5 | 4 | 3 | 8 | 2 |
| 5 | 8 | 3 | 6 | 1 | 2 | 9 | 7 | 4 |
| 6 | 3 | 9 | 5 | 2 | 7 | 8 | 4 | 1 |
| 8 | 5 | 1 | 4 | 6 | 9 | 2 | 3 | 7 |
| 2 | 7 | 4 | 3 | 8 | 1 | 5 | 9 | 6 |
| 3 | 2 | 7 | 1 | 9 | 6 | 4 | 5 | 8 |
| 4 | 6 | 5 | 8 | 7 | 3 | 1 | 2 | 9 |
| 9 | 1 | 8 | 2 | 4 | 5 | 7 | 6 | 3 |

ଗତ କାଲିର ଉତ୍ତର

# ଗୋଟିଏ ନଦୀ, ଦୁଇଟି ଧାରା



**ଡ.ପ୍ରଫୁଲ୍ଲ କୁମାର ସାହୁ**

ଜାତିର ଜନକ ମହାତ୍ମା ଗାନ୍ଧୀ ଓ ଭାରତୀୟ ଅସ୍ମିତାର କିମ୍ବଦନ୍ତୀ ପୁରୁଷ ସୁଭାଷ ଚନ୍ଦ୍ର ବୋଷ– ଉଭୟ ବିଶ୍ୱ ଇତିହାସର ସର୍ବମାନ୍ୟ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ। ଦେଶପ୍ରେମ ବହ୍ନିର ଅନିର୍ବାଣ ଜ୍ୟୋତି। ଜଣେ ଅହିଂସା ସଂଗ୍ରାମର ବେସାଲିସ୍ କର୍ଣ୍ଣଧାର, ଅନ୍ୟ ଜଣେ ସଶସ୍ତ୍ର ସଂଗ୍ରାମର ଅପ୍ରତିଦ୍ୱନ୍ଦ୍ୱୀ ସେନାଧ୍ୟକ୍ଷ। ଜଣେ କହୁଥିଲେ ଶୁଦ୍ଧ ସାଧନା ବଳରେ ସମ୍ଭବ ଅସାଧ୍ୟ ସାଧନ। ଆଉ ଜଣେ କହୁଥିଲେ ବିନା ରକ୍ତପାତରେ ଅରି ହାତରୁ ଅଧିକାର ଛଡ଼ାଇ ଆଣିବା ଅସମ୍ଭବ। ବିଧିପ୍ରେରିତ ଉଭୟ ମହାପୁରୁଷଙ୍କ ଲକ୍ଷ୍ୟ ଥିଲା ଗୋଟିଏ, ମାତ୍ର ନ୍ୟାୟ ଓ ସାଧନକୁ ନେଇ ପରସ୍ପର ମଧ୍ୟରେ ଥିଲା ମୌଳିକ ପାର୍ଥକ୍ୟ। ଅର୍ଥାତ୍ ଗୋଟିଏ ନଦୀ, ଦୁଇଟା ଧାରା ଏବଂ ଗୋଟିଏ ଆକାଶ, ଦୁଇଟି ତାରା।

ଗାନ୍ଧିଜୀଙ୍କ ତାରୁଣ୍ୟର ଆବେଗିକ, ବୌଦ୍ଧିକ ଓ ଆଧ୍ୟାତ୍ମିକ ସଚେତନତା ନିର୍ମାଣ ଅନ୍ତରାଳରେ ଥିଲା ଅନେକ ଭାରତୀୟ ସନ୍ଥ ସନ୍ନ୍ୟାସୀଙ୍କ ପ୍ରଭାବ। ଅନ୍ୟପକ୍ଷରେ ଛାତ୍ର ଜୀବନରୁ ଆଧ୍ୟାତ୍ମିକ ଗୁରୁ ରାମକୃଷ୍ଣ ପରମହଂସ ଓ ସ୍ୱାମୀ ବିବେକାନନ୍ଦଙ୍କ ବାଣୀରେ ଉଦ୍‌ବୋଧିତ ହୋଇ ଦେଶ ପାଇଁ ପ୍ରାଣବଳି ଦେବାକୁ ସଂକଳ୍ପ ନେଇଥିଲେ ସମର୍ପିତ ରାଷ୍ଟ୍ର ଭକ୍ତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ।

ଗାନ୍ଧିଜୀ ଦକ୍ଷିଣ ଆଫ୍ରିକାରୁ ଫେରି (୧୯୧୫) 'ସତ୍ୟାଗ୍ରହ ଆଶ୍ରମ' ପ୍ରତିଷ୍ଠା କଲେ, ଯେଉଁଠି ସତ୍ୟ ଓ ଅହିଂସାର ଆଧ୍ୟାତ୍ମିକ ପରୀକ୍ଷା ସହିତ ପ୍ରସ୍ତୁତ ହେଲା ପୃଥିବୀର ସବୁଠାରୁ ଉଦ୍ଧତ ଓ ପ୍ରଭାବଶାଳୀ ସାମ୍ରାଜ୍ୟ ବିରୋଧରେ ଅହିଂସା ଆନ୍ଦୋଳନର ଖସଡ଼ା। ଜାତୀୟ କଂଗ୍ରେସର ନାଗପୁର ଅଧିବେଶନ (୧୯୨୦)ରେ ଅସହଯୋଗ ଆନ୍ଦୋଳନ ପ୍ରସ୍ତାବ ଗୃହୀତ ହେଲା ପରେ କଂଗ୍ରେସର ଜଣେ ଅପ୍ରତିହତ ନେତା ଭାବରେ ଉଭା ହେଲେ ଗାନ୍ଧିଜୀ। ତାଙ୍କ ଅହିଂସା ନୀତିକୁ ନେଇ ଲୋକଙ୍କ ଭିତରେ ଖେଳିଗଲା ଏକ ଅଦ୍ଭୁତ ଉନ୍ମାଦନା। ତାଙ୍କର ଆହ୍ୱାନକୁ ଐଶ୍ୱରିକ ମୁକ୍ତିଦାତାର ଅକାଟ୍ୟ ବାଣୀ ମନେକରି ରାଜରାସ୍ତାକୁ ଓହ୍ଲାଇ ଆସିଲେ ଲୋକେ। ସ୍କୁଲ, କଲେଜ ଓ ସରକାରୀ ଚାକିରି ଛାଡ଼ି ସତ୍ୟାଗ୍ରହରେ ସାମିଲ ହେଲେ ଲକ୍ଷ ଲକ୍ଷ ଛାତ୍ର, ଶିକ୍ଷକ ଓ ସରକାରୀ କର୍ମଚାରୀ। ଅନ୍ୟପକ୍ଷରେ ଆଇସିଏସ୍ ଚାକିରିକୁ ପାଦରେ ଏଡ଼ାଇ ଦେଇ ନେତାଜୀ ଯେତେବେଳେ ଲଣ୍ଡନରୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କଲେ(୧୯୨୧), ସେତେବେଳେ ସାରା ଦେଶରେ ଜଳୁଥିଲା ଅସହଯୋଗ ଆନ୍ଦୋଳନର ନିଆଁ। ସେ ସିଧାସଳଖ ବମ୍ବେରେ ଗାନ୍ଧିଜୀଙ୍କୁ ସାକ୍ଷାତ୍ କରି କଂଗ୍ରେସରେ ଯୋଗ ଦେଲେ ଏବଂ କଲିକତାରେ ରହି ସାଙ୍ଗଠନିକ କାର୍ଯ୍ୟରେ ଲାଗିପଡ଼ିଲେ ଚିତ୍ତରଞ୍ଜନ ଦାସଙ୍କ ପରାମର୍ଶକ୍ରମେ। ତାଙ୍କ ସାଙ୍ଗଠନିକ ଦକ୍ଷତା, ନିଷ୍ଠା, ଦୂରଦୃଷ୍ଟି ଓ ଦୃଢ଼ ମନୋବଳ ଗାନ୍ଧିଜୀଙ୍କୁ ମୁଗ୍ଧ କରିବା ସହିତ ତାଙ୍କ ଅପରିସୀମ ଦେଶଭକ୍ତି ଓ ଜ୍ୱାଳାମୟୀ ଭାଷଣରେ ପ୍ରଭାବିତ ହେଲେ ଦେଶବାସୀ। ବିଶେଷକରି ଭାରତୀୟ ଯୁବସମାଜ ପାଇଁ ସେ ପାଲଟିଗଲେ ଆଦର୍ଶ। ତେଣୁ କଂଗ୍ରେସ ଭିତରେ ଦିନକୁଦିନ ତାଙ୍କର ସମ୍ମାନ ଓ ପ୍ରତିଷ୍ଠା ବଢ଼ିଲା ଏବଂ ଲବଣ ସତ୍ୟାଗ୍ରହ ବେଳକୁ ସେ ଜଣେ ଶୀର୍ଷ ସ୍ଥାନୀୟ ନେତାରେ ପରିଣତ ହୋଇ ସାରିଥିଲେ ନିଜର ନିଷ୍ଠା ବଳରେ। ମାତ୍ର ଜଣେ କଠୋର ବାସ୍ତବବାଦୀ ନେତା ଭାବରେ ସେ ଧୀରେ ଧୀରେ ତାଙ୍କ ଭିତରେ ପ୍ରକାଶ ପାଇଲା ଉଗ୍ର ଇଂରେଜ ବିରୋଧୀ ଆଭିମୁଖ୍ୟ। ତେଣୁ ଗାନ୍ଧିଜୀଙ୍କ ଅହିଂସା ଆନ୍ଦୋଳନର ସଫଳତା ଉପରୁ ଆସ୍ଥା ହରାଇ ସେ କଂଗ୍ରେସ ଆଗରେ ଥୋଇଲେ ସଶସ୍ତ୍ର ଗଣବିପ୍ଳବ ପ୍ରସ୍ତାବ। ଏହାକୁ ତୀବ୍ର ବିରୋଧ କଲେ ଗାନ୍ଧିଜୀ। ଫଳରେ ଏକ ମର୍ମସ୍ପର୍ଶୀ ଆନ୍ତରିକତା ସତ୍ତ୍ୱେ ଉଭୟ ନେତାଙ୍କ ମଧ୍ୟରେ ସୃଷ୍ଟି ହେଲା ମତଭେଦ। ନେତାଜୀ କହୁଥିଲେ– ସ୍ୱାଧୀନତା ଭିକ୍ଷା ଆକାରରେ ନୁହେଁ, ତାହା ଇଂରେଜମାନଙ୍କଠାରୁ ଛଡ଼ାଇ ଆଣିବାକୁ ହେବ ବଳପୂର୍ବକ। କାରଣ ସେମାନେ ଅନ୍ୟ କିଛି ଭାଷା ନୁହେଁ, କେବଳ ବୁଝନ୍ତି ଶକ୍ତିର ଭାଷା। ଅନ୍ୟପକ୍ଷରେ ଗାନ୍ଧିଜୀଙ୍କ ପାଇଁ ଅହିଂସା କେବଳ ଏକ ବିଶ୍ୱାସ ନଥିଲା, ବରଂ ଥିଲା ଜୀବନ ସଂହିତା। ତାଙ୍କ ସମଗ୍ର ଜୀବନକୁ ଧାରଣ କରିଥିବା ଏକ ମହାନ୍ ଆଦର୍ଶ। ବାସ୍ତବରେ ସତ୍ୟ ଓ ଅହିଂସାକୁ ସେ ଏମିତି ଘୋରି ବାଟି ପିଇ ଦେଇଥିଲେ ଯେ, ତା'ର ସାମାନ୍ୟତମ ବ୍ୟତିକ୍ରମକୁ ସେ ଗ୍ରହଣ କରି ପାରୁନଥିଲେ କୌଣସି ପରିସ୍ଥିତିରେ। ନେତାଜୀଙ୍କ ସହ ଆଦର୍ଶଗତ ଭିନ୍ନତା ବଢ଼ିଚାଲିଲା ଏବଂ ଶେଷରେ ତାହା ଉଗ୍ରରୂପ ଧାରଣ କଲା ତାଙ୍କ ବିରୋଧ ସତ୍ତ୍ୱେ ନେତାଜୀ ଦ୍ୱିତୀୟ ଥର ପାଇଁ କଂଗ୍ରେସର ସଭାପତି ନିର୍ବାଚିତ (୧୯୩୯) ହେବା ପରେ। ଗାନ୍ଧିଜୀ ଓ ତାଙ୍କ ଅନୁଗତଙ୍କ ଦ୍ୱାରା ପ୍ରବଳ ବିରୋଧର ସମ୍ମୁଖୀନ ହୋଇ ନେତାଜୀ ସଭାପତି ପଦରୁ ଇସ୍ତଫା ଦେବା ସହିତ କଂଗ୍ରେସରୁ ଅଲଗା ହୋଇ ଗଠନ କଲେ ନୂଆ ରାଜନୈତିକ ଦଳ ଫରୱାର୍ଡ ବ୍ଲକ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଇଂରେଜ ବିରୋଧୀ ସଶସ୍ତ୍ର ଆନ୍ଦୋଳନ ପାଇଁ ବନ୍ଦୀହେଲେ ନେତାଜୀ ଓ ଫରୱାର୍ଡ ବ୍ଲକର ହଜାର ହଜାର କର୍ମୀ। ଏଗାର ଥର ବନ୍ଦୀ ଜୀବନ କାଟିଥିବା ନେତାଜୀଙ୍କୁ ଏଥର ନଜରବନ୍ଦୀ ଭାବରେ ରଖାଗଲା ତାଙ୍କ କଲିକତାସ୍ଥିତ ଏଲ୍‌ଗିନ ରୋଡ଼ ବାସଭବନରେ। ସେଠାରୁ ସେ ଇଂରେଜ ସରକାରଙ୍କ ଆଖିରେ ଧୂଳି ଦେଇ ଜଣେ କାବୁଲିବାଲା ବେଶରେ ଖସି ବିଦେଶ ଚାଲିଗଲେ (୧୭।୧।୧୯୪୧) ଖୁବ୍ ଚତୁରତାର ସହିତ। ଜର୍ମାନୀ ରେଡିଓ ଯେଉଁଦିନ (ଏପ୍ରିଲ ୧୯୪୧) ଘୋଷଣା କଲା ଭାରତର ସର୍ବାଧିକ ଜନପ୍ରିୟ ନେତା ନିଜ ଦେଶକୁ ସ୍ୱାଧୀନ କରିବା ଲକ୍ଷ୍ୟରେ ହିଟ୍‌ଲରଙ୍କ ସହ ଆଲୋଚନା ପାଇଁ ଏବେ ବର୍ଲିନ୍‌ରେ, ସେତେବେଳେ କେବଳ ଭାରତ ନୁହେଁ, ଚକିତ ହୋଇ ଉଠିଲା ସମଗ୍ର ବିଶ୍ୱ। ଇଂରେଜ ସରକାରଙ୍କ ଆଖିରୁ ହଜିଗଲା ନିଦ।

ହିଟ୍‌ଲରଙ୍କ ସହ ନେତାଜୀଙ୍କ ଐତିହାସିକ ଆଲୋଚନା ପରେ ବର୍ଲିନ୍‌ରେ ପ୍ରତିଷ୍ଠା ହେଲା ଆଜାଦ୍ ହିନ୍ଦ୍ ରେଡିଓ। ଜାପାନର ଟୋକିଓରେ ମହାନ୍ ବିପ୍ଲବୀ ରାସ ବିହାରୀ ବୋଷ ପ୍ରତିଷ୍ଠା କରିଥିବା ଆଜାଦ୍ ହିନ୍ଦ୍



ନେତାଜୀ ଜୟନ୍ତୀ ଉପଲକ୍ଷେ

ଫୌଜର ନେତୃତ୍ୱ ନେଲେ ନେତାଜୀ। ଫୌଜକୁ ଶକ୍ତିଶାଳୀ କରିବା ପାଇଁ ସେ ମାଳୟ, ଥାଇଲାଣ୍ଡ, ବ୍ରହ୍ମଦେଶ ଓ ଇଣ୍ଡୋନେସିଆ ଆଦି ବିଭିନ୍ନ ଦେଶ ବୁଲିଲେ ଏବଂ ଏ ସମ୍ପର୍କରେ ନିଜ ଦେଶବାସୀଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ ଆଜାଦ୍ ହିନ୍ଦ୍ ରେଡିଓରେ ତାଙ୍କର ଘୋଷଣା (୭।୧୨।୧୯୪୧) ଥିଲା– ''ମୁଁ ସୁଭାଷ କହୁଛି। ବହୁଦିନ ପରେ ଦେଶବାସୀଙ୍କୁ କିଛି କହିବାର ସୁଯୋଗ ପାଇଛି। ଇଂରେଜ ସରକାର ଯଦି ନିଜର ସମ୍ମାନ ରକ୍ଷା ପାଇଁ ରୁଷ ଓ ଆମେରିକାର ଦ୍ୱାରସ୍ଥ ହୋଇପାରୁଛି, ଭାରତ ସ୍ୱାଧୀନତା ପାଇଁ ଅନ୍ୟ କୌଣସି ଜାତିର ସାହାଯ୍ୟ ନେବାରେ ଅସୁବିଧା କେଉଁଠି ?'' ଆଜାଦ୍ ହିନ୍ଦ୍ ରେଡିଓରେ ସୁଭାଷଙ୍କ ଏହି ଘୋଷଣା ଶୁଣି ଆଶ୍ୱସ୍ତ ହେଲେ ଦେଶବାସୀ। ଲୋକଙ୍କ ମନରେ ସଞ୍ଚାର ହେଲା ନୂଆ ଆଶା।

୧୯୪୨ ଅଗଷ୍ଟ ୮ ତାରିଖରେ ସ୍ୱାଧୀନତାର ଅନ୍ତିମ ଲଢ଼େଇ ଲଢ଼ିବା ପାଇଁ ଡାକରା ଦେଲେ ଗାନ୍ଧିଜୀ। ସତ୍ୟାଗ୍ରହୀଙ୍କ ଉଦ୍ଦେଶ୍ୟରେ ଶୁଣାଇଲେ 'କର ବା ମର' ମନ୍ତ୍ର। ସେ ମନ୍ତ୍ର ପ୍ରତିଧ୍ୱନିତ ହେଲା ଆକୁମାରୀ ହିମାଚଳ। ଚାରିଆଡ଼େ ଖେଳିଗଲା ଏକ ଅଦ୍ଭୁତ ଆଲୋଡ଼ନ। ଇଂରେଜ ସରକାରଙ୍କ ଗୁଳିଗୋଳାକୁ ଖାତିର ନ କରି ରାସ୍ତାକୁ ଓହ୍ଲାଇ ଆସିଲେ ଆବାଳବୃଦ୍ଧବନିତା। ସେପଟେ ୧୯୪୩ ଜୁଲାଇ ୫ ତାରିଖ ସିଙ୍ଗାପୁର ଟାଉନ ହଲ୍ ସମ୍ମୁଖରେ ଆଜାଦ୍ ହିନ୍ଦ୍ ଫୌଜକୁ ସମ୍ବୋଧିତ କରି ନେତାଜୀ ବଜାଇଲେ 'ଦିଲ୍ଲୀ ଚଲୋ' ବିଗୁଲ। ରେଙ୍ଗୁନ୍ ରେଡିଓରେ ମହାତ୍ମା ଗାନ୍ଧୀଙ୍କୁ ସମ୍ବୋଧନ କରି କହିଲେ– ''ଭାରତର ସ୍ୱାଧୀନତା ପାଇଁ ଏବେ ଆରମ୍ଭ ହୋଇ ସାରିଛି ଯୁଦ୍ଧ। ହେ ରାଷ୍ଟ୍ରପିତା ! ଭାରତର ଏହି ପବିତ୍ର ମୁକ୍ତି ସଂଗ୍ରାମରେ ଆମେ କାମନା କରୁଛୁ ଆପଣଙ୍କ ଆଶୀର୍ବାଦ।''

ଦେଶ ଭିତରେ ଗାନ୍ଧିଜୀଙ୍କ 'କର ବା ମର' ମନ୍ତ୍ର ଓ ଦେଶ ବାହାରେ ନେତାଜୀଙ୍କ 'ଦିଲ୍ଲୀ ଚଲୋ' ଡାକରା ଇଂରେଜ ସରକାରଙ୍କ ପାଇଁ ବଜାଇଲା ବିଦାୟ ଘଣ୍ଟି। ୧୯୪୩ ଅକ୍ଟୋବର ୨୧ ତାରିଖରେ ନେତାଜୀ ଗଠନ କଲେ ଆଜାଦ୍ ହିନ୍ଦ୍ ସରକାର। ଅବିଭକ୍ତ ଭାରତ ବର୍ଷର ପ୍ରଥମ ପ୍ରଧାନମନ୍ତ୍ରୀ ଭାବରେ ଶପଥ ନେଲେ ସୁଭାଷ ବୋଷ। ତାଙ୍କ ସରକାରକୁ ସ୍ୱୀକୃତି ଦେଲା ଜର୍ମାନ୍, ଜାପାନ, କୋରିଆ, ଫିଲିପାଇନ୍ସ, ଚାଇନା, ଇଟାଲୀ ଓ ଆୟର୍ଲାଣ୍ଡ ଆଦି ନଅଟି ଶକ୍ତିଶାଳୀ ରାଷ୍ଟ୍ର। ଭାରତ ଅଭିମୁଖେ ଆଗକୁ ବଢ଼ିଲା ଆଜାଦ୍ ହିନ୍ଦ୍ ଫୌଜ। ସୈନିକମାନଙ୍କ ମନରେ ଆହୁରି ତେଜ ଭରିଦେବା ପାଇଁ ନେତାଜୀ କହିଲେ (୨୨।୯।୧୯୪୪) ତୁମେ ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି। ଭାରତବାସୀଙ୍କୁ ସ୍ୱତନ୍ତ୍ରତା ଦେବା ପାଇଁ ନେତାଜୀଙ୍କ ଏହି ଆହ୍ୱାନ ଆଜି ବି ଦେଶବାସୀଙ୍କ ମନରେ ଭରିଦିଏ ଅଦ୍ଭୁତ ଉନ୍ମାଦନା।

ଉପରୋକ୍ତ ପ୍ରେକ୍ଷାପଟରେ ଏକଥା ସ୍ପଷ୍ଟ ହୁଏ ଯେ, ବାପୁଜୀ ଓ ନେତାଜୀଙ୍କ ଭିତରେ ଆଦର୍ଶଗତ ମତାନ୍ତର ଥିଲା ସତ, ହେଲେ ତାହା ପରସ୍ପର ଭିତରେ ସୃଷ୍ଟି କରି ପାରି ନଥିଲା ମନାନ୍ତରର ପାଚେରି। ବାପୁ ସୁଭାଷଙ୍କୁ ଖୁବ୍ ଶ୍ରଦ୍ଧା କରୁଥିଲେ ଏବଂ ବାପୁଙ୍କ ପ୍ରତି ସୁଭାଷଙ୍କ ଭିତରେ ଥିଲା ପ୍ରଚୁର ଭକ୍ତି ଓ ସମ୍ମାନ। ବିଶେଷକରି ସୁଭାଷଙ୍କ ଦେଶଭକ୍ତିର ବାପୁ ଥିଲେ ଜଣେ ମୁଗ୍ଧ ପ୍ରଶଂସକ। ତା'ର ଦୃଷ୍ଟାନ୍ତ ହେଉଛି ସିଙ୍ଗାପୁରରୁ ନେତାଜୀଙ୍କ ଦିଲ୍ଲୀ ଚଲୋ ଡାକରା ତାଙ୍କୁ ଏତେ ଶିହରିତ କରିଥିଲା ଯେ, ସେ ତାଙ୍କ ବୀରତ୍ୱର ପ୍ରଶଂସାରେ ଶତମୁଖ ହୋଇ କହିଲେ– ସୁଭାଷ ହେଉଛନ୍ତି ପ୍ୟାଟ୍ରିୟଟ ଅଫ ଦି ପ୍ୟାଟ୍ରିୟଟ୍ସ। ମାତ୍ର ବିଡ଼ମ୍ବନାର ବିଷୟ, ଏହି ଆବେଗସ୍ନାତ ସମ୍ପର୍କକୁ ଅଣଦେଖା କରି ଏବେ ଚାଲିଛି ଦୁଇ ଯୁଗ ପୁରୁଷଙ୍କ ମଧ୍ୟରେ ପାଚେରି ଛିଡ଼ା କରିବାର ସୁଚିନ୍ତିତ ପ୍ରୟାସ। କାରଣ ସ୍ୱାର୍ଥପରତା ଓ ବିଭେଦତାର ଭିତ୍ତି ଉପରେ ଛିଡ଼ା ହୋଇଛି ସାଂପ୍ରତିକ ରାଜନୀତି।

ମୋ: ୬୩୭୧୬୪୨୪୬୪

# ଇୟୁର ଯୁବ ସଭାନେତ୍ରୀ

ବ୍ୟକ୍ତିତ୍ୱ



ରୋବର୍ଟା ମେଟ୍‌ସୋଲା

ଛୋଟିଆ ୟୁରୋପୀୟ ରାଷ୍ଟ୍ର ମାଲ୍‌ଟା। ଆୟତନରେ ବିଶ୍ୱର ୧୦ମ କ୍ଷୁଦ୍ର ଦେଶ। ସମୁଦାୟ ଲୋକସଂଖ୍ୟା ୫,୧୫,୦୦୦ରୁ ଅଧିକ। ସେହି ଦେଶର ୪୩ ବର୍ଷୀୟା ମହିଳା ରୋବର୍ଟା ମେଟ୍‌ସୋଲା ୟୁରୋପୀୟ ସଂଘ (ଇୟୁ) ପାର୍ଲାମେଣ୍ଟର ସଭାପତି ନିର୍ବାଚିତ ହୋଇଛନ୍ତି। ଫଳରେ ସେ ଏହି ପଦବୀ ହାସଲ କରିବାରେ ତୃତୀୟ ମହିଳା ଓ ସର୍ବକନିଷ୍ଠ ସଭାପତି ହୋଇପାରିଥିବାରୁ ତାଙ୍କ ବ୍ୟକ୍ତିତ୍ୱ ଆକର୍ଷଣୀୟ ହୋଇପାରିଛି। ପୂର୍ବରୁ ଫ୍ରାନ୍ସର ମାଜିଷ୍ଟ୍ରେଟ୍ ତଥା ରାଜନେତା ସିମୋନି ଭେଲ୍ ଓ ସେହି ଦେଶର ରାଜନେତା ନିକୋଲେ ଫୋନ୍‌ଟେନ୍ ମହିଳା ଭାବେ ଇୟୁ ପାର୍ଲାମେଣ୍ଟର ସଭାପତି ଆସନ ମଣ୍ଡନ କରିଥିଲେ। ସୂଚନାଯୋଗ୍ୟ, ୧୧ ଜାନୁୟାରୀ ୨୦୨୨ରେ ଡାଭିଡ୍ ସାସୋଲିଙ୍କ ମୃତ୍ୟୁ ପରେ ରୋବର୍ଟା ପାର୍ଲାମେଣ୍ଟର କାର୍ଯ୍ୟକାରୀ ସଭାପତି ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ। ଉଲ୍ଲେଖଯୋଗ୍ୟ ଯେ, ୨୭ ରାଷ୍ଟ୍ର ବିଶିଷ୍ଟ ୟୁରୋପୀୟ ସଂଘର ପାର୍ଲାମେଣ୍ଟର ବ୍ୟବସ୍ଥା ଅନୁଯାୟୀ ସମୁଦାୟ ସଦସ୍ୟଙ୍କ ସଂଖ୍ୟା ୭୦୫ (୭୦୪ ଓ ସଭାପତି)ରୁ ଅଧିକ ହୋଇପାରିବ ନାହିଁ। ପ୍ରତ୍ୟେକ ଦେଶର ଲୋକସଂଖ୍ୟା ଅନୁପାତରେ ସଦସ୍ୟ ସଂଖ୍ୟା ସ୍ଥିର କରାଯାଇଛି। ତେବେ କୌଣସି ରାଷ୍ଟ୍ରରେ ସର୍ବନିମ୍ନ ୬ ଓ ସର୍ବାଧିକ ୯୬ ସଦସ୍ୟରୁ ଅଧିକ ରହିପାରିବେ ନାହିଁ। ୧୮ ଜାନୁୟାରୀରେ ହୋଇଥିବା ନିର୍ବାଚନରେ ରୋବର୍ଟା ୬୧୬ରୁ ୪୫୮ ଭୋଟ୍ ପାଇ ବିଜୟୀ ହୋଇଛନ୍ତି । ତାଙ୍କ କାର୍ଯ୍ୟକାଳ ୨ ବର୍ଷ ୫ ମାସ ପର୍ଯ୍ୟନ୍ତ ରହିବ। ନୂତନ ଭବେ ଦାୟିତ୍ୱ ଗ୍ରହଣ କରିବା ପରେ ସେ କହିଛନ୍ତି, ଲିଙ୍ଗଗତ ସମାନତା ଓ ମହିଳାଙ୍କ ଅଧିକାର ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ସେ ଅଗ୍ରାଧିକାର ଦେବେ।

ରୋବର୍ଟା ମାଲ୍‌ଟାର ଗିଜିରା ସହରରେ ଜନ୍ମ ଗ୍ରହଣ କରିଥିଲେ। ମାତାପିତା ଓ ଦୁଇ ଭଉଣୀଙ୍କ ସହ ସେ ସେହିଠାରେ ବଢ଼ିଥିଲେ। ସ୍ଲିଏମାସ୍ଥିତ ସେଣ୍ଟ୍ ଯୋଶେଫ୍ ସ୍କୁଲରେ ତାଙ୍କର ପ୍ରାଥମିକ ଶିକ୍ଷା ହୋଇଥିଲା। ୨୦୦୩ରେ ସେ ମାଲ୍‌ଟା ବିଶ୍ୱବିଦ୍ୟାଳୟରୁ ଆଇନରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ୨୦୦୪ରେ ବେଲ୍‌ଜିୟମ୍‌ର କଲେଜ ଅଫ୍ ବ୍ରୁଗେସ୍‌ରୁ ସେ ୟୁରୋପିଆନ୍ ଷ୍ଟଡିଜ୍‌ରେ ଡିପ୍ଲୋମା କରିଥିଲେ। ଫିନ୍‌ଲଣ୍ଡ ନାଗରିକ ତଥା ନ୍ୟାଶନାଲ କୋଆଲିସନ୍ ପାର୍ଟି ନେତା ଉକ୍କୋ ମେଟ୍‌ସୋଲାଙ୍କ ସହ ରୋବର୍ଟାଙ୍କ ୧୯୯୯ରେ ଦେଖାହେବା ପରେ ସେମାନଙ୍କ ମଧ୍ୟରେ ସମ୍ପର୍କ ବଢ଼ିଥିଲା। ୨୦୦୫ ଅକ୍ଟୋବରରେ ସେମାନଙ୍କ ବିବାହ ହୋଇଥିଲା। ସେମାନଙ୍କ ୪ ପୁଅ ଅଛନ୍ତି।

ରୋବର୍ଟା ଓ ଉକ୍କୋ ହେଉଛନ୍ତି ପ୍ରଥମ ଦମ୍ପତି, ଯିଏକି ଦୁଇଟି ଭିନ୍ନ ଦେଶରୁ ୨୦୦୯ ୟୁରୋପୀୟ ପାର୍ଲାମେଣ୍ଟ ନିର୍ବାଚନ ଲଢ଼ି ଇତିହାସ ରଚିଥିଲେ। ତେବେ ରୋବର୍ଟାଙ୍କ ରାଜନୈତିକ କ୍ୟାରିୟର ଦେଖିଲେ ସେ ଯୁବାବସ୍ଥାରୁ ରାଜନୀତି ପ୍ରତି ଆକର୍ଷିତ ହୋଇଥିଲେ। ମାଲ୍‌ଟାର ପାର୍ଟିଟ ନାଜ୍‌ଜୋନାଲିଷ୍ଟା (ପିଏନ୍) ତାଙ୍କୁ ପ୍ରଭାବିତ କରିଥିଲା। ଛାତ୍ରାବସ୍ଥାରେ ସେ ଷ୍ଟୁଡେଣ୍ଟି ଡୋମୋକ୍ରିଷ୍ଟଜାନି ମାଲ୍‌ଟିନ୍ (ଏସ୍‌ଡିଏମ୍) ଗଠନ କରି ତାହାର ନେତୃତ୍ୱ ନେଇଥିଲେ। ୟୁରୋପିଆନ୍ ଡେମୋକ୍ରାଟ୍ ଷ୍ଟୁଡେଣ୍ଟସ୍ (ଇଡିଏସ୍)ର ସାଧାରଣ ସମ୍ପାଦକ ହେବା ପୂର୍ବରୁ ସେ ବିଭିନ୍ନ ରାଜନୈତିକ ମଞ୍ଚରେ ପ୍ରତିଭା ପ୍ରଦର୍ଶନ କରି ବିଶିଷ୍ଟ ରାଜନେତାଙ୍କ ଦୃଷ୍ଟିକୁ ଆସିଥିଲେ। ୨୦୦୨ରେ ତାଙ୍କୁ ଯେତେବେଳେ ମାତ୍ର ୨୩ ବର୍ଷ, ସେ ଫ୍ୟୁଚର ଅଫ୍ ୟୁରୋପ୍‌ର ୟୁଥ୍ କନ୍‌ଭେନଶନ ଏକ୍‌ଜିକ୍ୟୁଟିଭ୍ ବୋର୍ଡର ଦୁଇ ଉପସଭାପତିଙ୍କ ମଧ୍ୟରୁ ଅନ୍ୟତମ ଭାବେ ନିର୍ବାଚିତ ହୋଇଥିଲେ। ତା' ପରବର୍ଷ ସେ ଇୟୁ ମେମ୍ବରଶିପ୍ ରେଫେରେଣ୍ଡମ୍‌ରେ ପିଏନ୍ ଲାଗି 'ୟେସ୍ ଭୋଟ୍' ଅଭିଯାନରେ ସକ୍ରିୟ ଭୂମିକା ନେଇଥିଲେ। ଏହି କାର୍ଯ୍ୟରେ ତାଙ୍କୁ ମାଲ୍‌ଟାର ପ୍ରଧାନମନ୍ତ୍ରୀ ସେତେବେଳେ ଉତ୍ସାହିତ କରିଥିଲେ। ୨୦୦୪ରେ ରୋବର୍ଟା ବେଲ୍‌ଜିୟମ ରାଜଧାନୀ ବ୍ରସେଲ୍ସସ୍ଥିତ ୟୁରୋପିଆନ୍ ୟୁନିଅନ୍‌ରେ ମାଲ୍‌ଟାର ସ୍ଥାୟୀ ପ୍ରତିନିଧି ଭାବେ ଯୋଗଦେଇଥିଲେ। ସେଠାରେ ସେ ଆଇନ ଓ ନ୍ୟାୟିକ କାର୍ଯ୍ୟ କରିବାରେ ପ୍ରାୟ ୮ ବର୍ଷ କଟାଇଥିଲେ। ସେହି ସମୟ ହିଁ ତାଙ୍କୁ ଅନ୍ତର୍ଜାତୀୟ ପରିଚିତି ଆଣିଦେଇଥିଲା। ୨୦୦୯ରେ ୟୁରୋପୀୟ ନିର୍ବାଚନରେ ସେ ହାରିଯାଇଥିଲେ ମଧ୍ୟ ମନୋବଳ ଦୁର୍ବଳ କରି ନ ଥିଲେ। ୨୦୧୩ରେ କିନ୍ତୁ ସେ ନିର୍ବାଚନ ଜିତି ୟୁରୋପୀୟ ପାର୍ଲାମେଣ୍ଟରେ ମାଲ୍‌ଟାର ପ୍ରଥମ ମହିଳା ସଦସ୍ୟ ହେବାର ଗୌରବ ହାସଲ କରିଥିଲେ। ପରେ ୨୦୧୯ରେ ନିର୍ବାଚନ ଜିଣିବା ପରେ ରୋବର୍ଟାଙ୍କ ସୂକ୍ଷ୍ମ ବୁଦ୍ଧି ତାଙ୍କୁ ଇୟୁରେ ଏକ ସ୍ୱତନ୍ତ୍ର ଆସନ ଦେବା ଲାଗି ପଥ ଦେଖାଇଥିଲା। ୨୦୨୦ ନଭେମ୍ବରରେ ସେ ଇୟୁର ଉପ-ସଭାପତି ହୋଇଥିଲେ। ଏବେ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରି ମହିଳାଙ୍କ ପାଇଁ ଆଦର୍ଶ ପାଲଟିଯାଇଛନ୍ତି।

**– ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ପେସାରେ ବ୍ୟବସାୟୀ ହେଲେ ବି ପ୍ରାଣୀ ସୁରକ୍ଷା ଅତୁଲ ସରିନଙ୍କ ନିଶା ପାଲଟିଛି। ଅସହାୟ ଗୋରୁ, କୁକୁର, ବିଲେଇ, ଗଧ, ଛେଳି, ଘୁଷୁରି ଓ ବିଭିନ୍ନ ପ୍ରଜାତିର ପକ୍ଷୀଙ୍କୁ ଉଦ୍ଧାର କରୁଛନ୍ତି। ଏବେ ସୁଦ୍ଧା ସେ ୧୫,୦୦୦ ପ୍ରାଣୀଙ୍କୁ ଉଦ୍ଧାର କରିସାରିଛନ୍ତି। ଅତୁଲଙ୍କ ବୟସ ୫୮। ରହୁଛନ୍ତି ଉତ୍ତର ଗୋଆର ସିଓଲିମ୍ ସହରରେ। ସେ 'ୱେଲଫେୟାର ଫର୍ ଆନିମଲ୍ସ' ଏନ୍‌ଜିଓ ଗଠନ କରି ତା' ମାଧ୍ୟମରେ ଏହି ଅଭିଯାନ ଚଳାଉଛନ୍ତି। ୨୦୦୮ରେ ସେ ପ୍ରଥମେ ଏକ ଗାଈକୁ ଉଦ୍ଧାର କରିଥିଲେ ଓ ତା' ନାଁ ଦେଇଥିଲେ ତାରା। ପରେ ଅତୁଲ କେବଳ ୫,୦୦୦ ଗାଈଙ୍କୁ ଉଦ୍ଧାର କରିପାରିଛନ୍ତି। ଉଦ୍ଧାର କରାଯାଇଥିବା ସମସ୍ତ ଜୀବଙ୍କ ଯତ୍ନ ନେବା ଲାଗି ସେ ୧୦ ଜଣ କର୍ମଚାରୀଙ୍କୁ ନିଯୁକ୍ତ କରିଛନ୍ତି। ଏହାବାଦ୍ କେତେଜଣ ସ୍ୱେଚ୍ଛାସେବୀ ବି ତାଙ୍କ ସହ ଏହି କାର୍ଯ୍ୟରେ ସାମିଲ ହୋଇଛନ୍ତି। ପ୍ରାଣୀମାନଙ୍କ ଲାଗି ପ୍ରତି ମାସରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଉଛି। ଏଥିପାଇଁ ସରକାର ମଧ୍ୟ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୩ ଜାନୁୟାରୀ ୧୯୯୭

- ଝାଡ଼ଖଣ୍ଡ ଏମ୍‌ପିଙ୍କ ଉତ୍କୋଚ ମାମଲାରେ ସିବିଆଇ ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ଭଜନଲାଲ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅଜିତ୍ ସିଂହ ଓ ରାମଲଖନ ସିଂ ଯାଦବଙ୍କ ସମେତ ଅନ୍ୟ ୫ଜଣଙ୍କ ବିରୁଦ୍ଧରେ ଶେଷ ଚାର୍ଜସିଟ୍ ଦାଖଲ କରିଛି।
- ଆଜକାଲ ଖବରକାଗଜର କ୍ରୀଡ଼ା ସାମ୍ବାଦିକ ରତନ ଭଟ୍ଟାଚାର୍ଯ୍ୟଙ୍କର ୪୯ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ଭୁଲିଗଲି ମୋର ଛୋଟ ଘରଟିର
ପୁରୁଣା ମାଟି–
ଦୂର ଦିଗନ୍ତ ଧାନ ବିଲେ କେତେ
ଖେଳିଛି ଖେଳ
ମାନି ନାହିଁ ଖରା ବରଷା ପବନ
ପିଚ୍ଛିଳ ବାଟ
ଶଇଶବ ପ୍ରିୟ ବନ୍ଧନ ସବୁ
ଆସିଲି କାଟି !
(ପାସୋରି ଦେଲିରେ ଶିମୁଳିପାଳ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ରାଜନେତାଙ୍କ ଦୋମୁହାଁ ନୀତି

ମହାଶୟ,

କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ କରୋନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ କଟକଣା ଜାରି କରୁଛନ୍ତି ଓ କୋଭିଡ୍ ମାର୍ଗଦର୍ଶିକାକୁ ମାନିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଉଛନ୍ତି। ମାତ୍ର ଅପରପକ୍ଷରେ ରାଜନୈତିକ ସ୍ୱାର୍ଥ ସାଧନ ପାଇଁ ଦିନରେ ସରକାରଙ୍କ ପ୍ରୋତ୍ସାହନରେ ଶାସକ ଦଳମାନଙ୍କ ଦ୍ୱାରା ସାଧାରଣ ସଭା, ରାଲି ଓ ସମାବେଶ ଆୟୋଜନ କରାଯାଉଛି। ବିରୋଧୀ ଦଳଗୁଡ଼ିକ ମଧ୍ୟ କଟକଣା ମାନୁ ନାହାନ୍ତି। ଏଥିରେ ହଜାର ହଜାର ଲୋକଙ୍କର ସମାଗମ ହେଉଛି ଓ କେହି କୋଭିଡ୍ ମାର୍ଗ ଦର୍ଶିକାକୁ ମାନୁ ନାହାନ୍ତି। ସରକାର ଓ ରାଜନେତାଙ୍କର ଏପରି ଦୋମୁହାଁନୀତି ପାଇଁ କରୋନା ସଂକ୍ରମଣ ବୃଦ୍ଧି ପାଇବାର ସମ୍ଭାବନା ଥିବାରୁ ଦେଶର ବୁଦ୍ଧିଜୀବୀ ଏବଂ ସଚେତନ ନାଗରିକମାନେ ଗଭୀର ଚିନ୍ତାପ୍ରକଟ କରୁଛନ୍ତି। ରାଜନୈତିକ ଦଳ ଓ ନେତାଙ୍କ ଏପରି କାର୍ଯ୍ୟ ଗଣତନ୍ତ୍ରର ଗରିମା ନଷ୍ଟ କରିବା ସହ କୋଟି କୋଟି ଲୋକଙ୍କ ପ୍ରତି ବିପଦ ସୃଷ୍ଟି ହେଉଛି। ଏହା ତୁରନ୍ତ ବନ୍ଦ ହେବା ଉଚିତ।

**– ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସରକାରଙ୍କ ସଫଳତା ପହଞ୍ଚାଇ ଆଶୀର୍ବାଦ ଆଣ

ଭୁବନେଶ୍ୱର,୨୨ା୧(ବ୍ୟୁରୋ)

ଜଳସେଚନ, ଶିକ୍ଷା ଭିତ୍ତିଭୂମି, ଶିଳ୍ପ, ଜନଜାତିଙ୍କ କଲ୍ୟାଣ ସବୁ କ୍ଷେତ୍ରରେ ଓଡ଼ିଶା ଅଗ୍ରଣୀ ରାଜ୍ୟ ହୋଇଛି । ମୋ ସରକାର କାର୍ଯ୍ୟକ୍ରମରେ ସାଧାରଣ ଲୋକଙ୍କର ଭାଗୀଦାରି ଆଣିଛି। ଆମେ ସମସ୍ତେ ଜାଣିଛୁ ଓଡ଼ିଶାବାସୀ ବିଜେଡିକୁ ଭଲ ପାଆନ୍ତି । ସବୁ ନିର୍ବାଚନରେ ଆଶୀର୍ବାଦ କରିଆସିଛନ୍ତି । ଆମ ସରକାରଙ୍କ ସଫଳତାକୁ ଲୋକଙ୍କ ପାଖରେ ପହଞ୍ଚାଇ ବହୁଳ ପରିମାଣରେ ଲୋକଙ୍କ ଆଶୀର୍ବାଦ ଆଣିବାକୁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ଦଳୀୟ ଏମ୍‌ପି, ବିଧାୟକ, ପର୍ଯ୍ୟବେକ୍ଷକ ଏବଂ ଜିଲା ସଭାପତିମାନଙ୍କୁ ଭର୍ଚୁଆଲ ଉଦ୍‌ବୋଧନ ଦେଇ ଏହି ପରାମର୍ଶ ଦେଇଛନ୍ତି।

**ଦଳୀୟ କର୍ମକର୍ତ୍ତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ**

**ବିରୋଧୀଙ୍କ ମିଛ ପ୍ରଚାରର ଠିକ୍ ଜବାବ ଦିଅ**

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିରୋଧୀ ଦଳଙ୍କ ପାଖରେ କିଛି ବି ପ୍ରସଙ୍ଗ ନାହିଁ । ସେମାନେ ମିଛ ପ୍ରଚାରକୁ ଅସ୍ତ୍ର କରିବେ । ତେଣୁ ଆପଣମାନେ ସରକାରଙ୍କ ସଫଳତାକୁ ଲୋକଙ୍କ ପାଖରେ ପହଞ୍ଚାନ୍ତୁ । ବିରୋଧୀଙ୍କ ମିଛ ପ୍ରଚାରର ଠିକ୍ ଜବାବ ଦିଅନ୍ତୁ । ଏଥିରେ ମୋର ପୂରା ବିଶ୍ୱାସ ରହିଛି । ମୁଁ ଜାଣିଛି ଆପଣମାନେ ପଞ୍ଚାୟତ ନିର୍ବାଚନରେ ପୂରାପୂରି ସାମିଲ ହୋଇ ଦଳର ପ୍ରାର୍ଥୀଙ୍କ ବିଜୟ ପାଇଁ କାମ କରୁଛନ୍ତି। କୋଭିଡ୍ ମହାମାରୀର ତୃତୀୟ ଲହର ଚାଲିଛି । କୋଭିଡ୍ ନିୟମ ପାଳନ କରିବାକୁ ମୁଖ୍ୟମନ୍ତ୍ରୀ ଦଳୀୟ କର୍ମୀମାନଙ୍କୁ ଅନୁରୋଧ କରିଛନ୍ତି । ଆପଣଙ୍କ ଜୀବନ ମୋ ପାଇଁ ମୂଲ୍ୟବାନ । ଓଡ଼ିଶା ଭାରତବର୍ଷରେ କୋଭିଡ୍ ମୁକାବିଲାରେ ଏକନମ୍ବର ହୋଇଛି । ଲୋକଙ୍କ ଜୀବନ ବଞ୍ଚାଇବାରେ ସକ୍ଷମ ହୋଇଛି । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ମାର୍ଟକାର୍ଡ ଲୋକଙ୍କ ମନରେ ଆଶା ଓ ବିଶ୍ୱାସ ସୃଷ୍ଟି କରିଛି । ବିଜେଡି ସରକାରଙ୍କ ଏଭଳି ଯୁଗାନ୍ତକାରୀ ପଦକ୍ଷେପ ଭାରତରେ ପ୍ରଥମ । ଏହି କଠିନ କୋଭିଡ୍ ମହାମାରୀ ସମୟରେ ମହିଳାମାନଙ୍କୁ ମିଶନ ଶକ୍ତି, ମା'ମାନଙ୍କୁ ପ୍ରାୟ ୧୦,୦୦୦ କୋଟି ଟଙ୍କାର ଋଣ ସହାୟତା ବିନା ସୁଧରେ ବିଜେଡି ସରକାର ଦେଇଛି । ବିଜେଡି ସରକାର ଲକ୍ଷ ଲକ୍ଷ ଭୂମିହୀନ ଚାଷୀଙ୍କ ପାଇଁ ୧୦,୦୦୦ ଟଙ୍କା କାଳିଆ ଯୋଜନାରେ ସହାୟତା ପ୍ରଦାନ କରିଛି । ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ଦଳୀୟ ବିଧାୟକ, ପର୍ଯ୍ୟବେକ୍ଷକ ଏବଂ ଜିଲା ସଭାପତିମାନଙ୍କ ସହିତ ବରିଷ୍ଠ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ଅଭିବାଦନ ପରେ ସଂଗଠନ ସମ୍ପାଦକ ପ୍ରଣବ ଧନ୍ୟବାଦ ଦେଇଥିଲେ ।



ବିଜେଡି ସଭାପତି ନବୀନ ପଟ୍ଟନାୟକ ଶନିବାର ଭର୍ଚୁଆଲରେ କର୍ମୀମାନଙ୍କୁ ଉଦ୍‌ବୋଧିତ କରୁଛନ୍ତି।

# ଦଳ ଛାଡ଼ିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ,୨୨ା୧(ପି.ଟି.)

**ଗୋଆରେ ଭାଜପାକୁ ଝଟକା**


ଲକ୍ଷ୍ମୀକାନ୍ତ ପାରସେକର

ଗୋଆର ପୂର୍ବତନ ମୁଖ୍ୟମନ୍ତ୍ରୀ ମନୋହର ପାରିକରଙ୍କ ପୁଅ ଉତ୍ପଳ ପାରିକର ଭାଜପା ଛାଡ଼ିବାର ଦିନକ ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ନେତା ଲକ୍ଷ୍ମୀକାନ୍ତ ପାରସେକର ଶନିବାର ଦଳରୁ ଇସ୍ତଫା ଦେଇଛନ୍ତି। ବିଧାନସଭା ନିର୍ବାଚନ ଲଢ଼ିବା ଲାଗି ତାଙ୍କୁ ଟିକେଟ ନ ମିଳିବାରୁ ସେ ଭାଜପା ଛାଡ଼ିଛନ୍ତି। ପାର୍‌ସେକର ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବେ ବୋଲି କହିଛନ୍ତି। ୬୫ ବର୍ଷୀୟ ପାରସେକର ଦଳର ଇସ୍ତାହାର କମିଟି ମୁଖ୍ୟ ଥିଲେ। ମାଣ୍ଡ୍ରେମ୍ ଆସନରୁ ପାର୍‌ସେକର ୩ ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ମନୋହର ପାରିକରଙ୍କୁ କେନ୍ଦ୍ରରେ ମନ୍ତ୍ରୀ କରାଯିବାରୁ ୨୦୧୪ ନଭେମ୍ବର ୮ରେ ପାରସେକର ଗୋଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ। ତେବେ ୨୦୧୭ ନିର୍ବାଚନରେ ସେ କଂଗ୍ରେସ ପ୍ରାର୍ଥୀ ଦୟାନନ୍ଦ ସୋପ୍‌ଟେଙ୍କଠାରୁ ହାରିଯାଇଥିଲେ। ୨୦୧୯ରେ ସୋପ୍‌ଟେ ଭାଜପାରେ ଯୋଗଦେଇ ମାଣ୍ଡ୍ରେମ୍ ଆସନରୁ ପୁନର୍ବାର ନିର୍ବାଚିତ ହୋଇଥିଲେ। ଏଥର ମଧ୍ୟ ଉକ୍ତ ଆସନରୁ ସୋପ୍‌ଟେଙ୍କୁ ଭାଜପା ପ୍ରାର୍ଥୀ କରିବାରୁ ପାରସେକର ଦଳ ଛାଡ଼ିବାକୁ ନିଷ୍ପତ୍ତି ନେଇଥିଲେ।

# ପୂର୍ବତନ ବ୍ଲକ ଅଧ୍ୟକ୍ଷାଙ୍କ ନାମାଙ୍କନ ନାକଚ

ଅସ୍ତରଙ୍ଗ,୨୨ା୧(ଡି.ଏନ୍.ଏ.)

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକର ପୂର୍ବତନ ଅଧ୍ୟକ୍ଷା ସସ୍ମିତା ଛାଟୋଇଙ୍କ ନାମାଙ୍କନ ଖାରଜ ହୋଇଯାଇଛି। ସରିପୁର ପଞ୍ଚାୟତରୁ ସମିତି ସଭ୍ୟ ଲାଗି ସେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ତେବେ ଭୁଲ୍ ସତ୍ୟପାଠ ଯୋଗୁ ତାଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଥିବା ଜଣାଯାଇଛି। ଏହାର ପ୍ରତିବାଦରେ ଶନିବାର ସସ୍ମିତାଙ୍କ ସମର୍ଥକମାନେ ବ୍ଲକ ପରିସରରେ ଧାରଣାରେ ବସିବା ସହିତ ନାକଚ ନ କରିବା ପାଇଁ ଅଡ଼ି ବସିଥିଲେ। ଉତ୍ତେଜନା ଆଶଙ୍କା କରି ଘଟଣାସ୍ଥଳରେ ପୁରୀ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ନିମାପଡା ଏସ୍‌ଡିପିଓ, ଅସ୍ତରଙ୍ଗ ଥାନା ଅଧିକାରୀ ବାମଦେବ ନନ୍ଦ ଉପସ୍ଥିତ ଥିଲେ।

ସୂଚନା ଅନୁଯାୟୀ, ସସ୍ମିତା ଅଧ୍ୟକ୍ଷା ଥିବା ସମୟରେ ଲୋକାଲ ଫଣ୍ଡ ଅଡିଟ୍ ଦ୍ୱାରା ୫ଲକ୍ଷ ୧୧ ହଜାର ୭ଶହ ୭୬ ଟଙ୍କା ରିକଭରି ପାଇଁ ୨୦୧୬ରେ ତାଙ୍କ ପାଖକୁ ଏକ ଚିଠି ଆସିଥିଲା। ଉକ୍ତ ଟଙ୍କାକୁ ଅସ୍ତରଙ୍ଗ ପଞ୍ଚାୟତ ସମିତି ତହବିଲ୍‌ରେ ଦାଖଲ ପାଇଁ ତାଙ୍କୁ କୁହାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ତାହା ସେ କରି ନ ଥିଲେ। ତେବେ ଚଳିତ ନିର୍ବାଚନରେ ସମିତି ସଭ୍ୟା ପାଇଁ ନାମାଙ୍କନ ଦାଖଲ କରିବାବେଳେ ସତ୍ୟପାଠରେ ଉକ୍ତ ଘଟଣାକୁ ଉଲ୍ଲେଖ କରି ନ ଥିଲେ। ଏହି ଘଟଣା ସମ୍ପର୍କରେ ଉକ୍ତ ପଞ୍ଚାୟତରୁ ଅନ୍ୟ ଜଣେ ସମିତି ସଭ୍ୟା ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଜ୍ୟୋତ୍ସ୍ନାରାଣୀ ନାୟକ ବ୍ଲକ ନିର୍ବାଚନ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ନିର୍ବାଚନ ଅଧିକାରୀ ତାଙ୍କ ଅଭିଯୋଗକୁ ଆଧାର କରି ଅର୍ଥ ବିଭାଗର ଓଡ଼ିଶା ଲୋକାଲ ଫଣ୍ଡ ଅଡିଟ୍ ମାନୁଆଲ (ଓଏଲ୍‌ଏଫ୍‌ଏ) ଆକ୍ଟ ୧୯୪୮ ଅନୁଯାୟୀ ସସ୍ମିତାଙ୍କ ପ୍ରାର୍ଥୀପତ୍ରକୁ ଭାରପ୍ରାପ୍ତ ବ୍ଲକ ପଞ୍ଚାୟତ ଅଧିକାରୀ ସିଦ୍ଧାର୍ଥ ସ୍ୱାଇଁ, ପୁରୀ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ନାକଚ ହୋଇଥିବା ସମ୍ପର୍କରେ ସୂଚନା ଦେଇଥିଲେ। ଶାନ୍ତି ଶୃଙ୍ଖଳା ସହ ପରିସ୍ଥିତି ନିୟନ୍ତ୍ରଣ କରିବା ପାଇଁ ପୋଲିସ ଫୋର୍ସ ମୁତୟନ କରାଯାଇଛି।


ଅସ୍ତରଙ୍ଗ ବ୍ଲକ ପରିସରରେ ସସ୍ମିତାଙ୍କ ସମର୍ଥକମାନେ ହୋହଲ୍ଲା କରୁଛନ୍ତି।

# ସରପଞ୍ଚ ପାଇଁ କେହି କଲେନି ନାମାଙ୍କନ

**ସଂରକ୍ଷଣ ନେଇ ଅଭିନବ ପ୍ରତିବାଦ**

ରୂପସା,୨୨ା୧ (ଡି.ଏନ.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ ପଦବୀ ଲାଗି କୌଣସି ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିନାହାନ୍ତି। ଏଭଳି ରୋଚକ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ବସ୍ତା ବ୍ଲକର କାଦରାୟାଁ ପଞ୍ଚାୟତରେ। ପ୍ରକାଶ ଯେ, ୧୮ଟି ୱାର୍ଡକୁ ନେଇ ଗଠିତ ଏହି ପଞ୍ଚାୟତରେ ସରପଞ୍ଚ ପଦବୀ ଅନୁସୂଚିତ ଜାତି ପାଇଁ ସଂରକ୍ଷଣ ଥିଲା। ଏଣୁ ପଞ୍ଚାୟତବାସୀ ସଂରକ୍ଷଣ ବଦଳାଇବାକୁ ହାଇକୋର୍ଟ ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ସଂରକ୍ଷଣ ବ୍ୟବସ୍ଥାରେ କୌଣସି ପରିବର୍ତ୍ତନ ନ ହେବାରୁ ଏହାର ପ୍ରତିବାଦ ଜଣାଇ ସରପଞ୍ଚ ପଦବୀ ପାଇଁ ନାମାଙ୍କନ ଦାଖଲ ନ କରିବାକୁ ପଞ୍ଚାୟତବାସୀ ନିଷ୍ପତ୍ତି ନେଇଥିଲେ। ଜଣେ ବି ପ୍ରାର୍ଥୀ ନାମାଙ୍କନ ଦାଖଲ କରିନାହାନ୍ତି। ଅନ୍ୟପଟେ ସମିତିସଭ୍ୟ, ୱାର୍ଡମେମ୍ବର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବେ। କାରଣ ଏହି ପଦବୀ ପାଇଁ ଅନ୍ୟ ପ୍ରାର୍ଥୀ ନାମାଙ୍କନ ଦାଖଲ କରି ନ ଥିବା ଜଣାଯାଇଛି।

# ଅନ୍ଧବିଶ୍ୱାସ: ସରପଞ୍ଚ ପ୍ରାର୍ଥୀ ହେଲେ ଦମ୍ପତି

ସମ୍ବଲପୁର,୨୨ା୧(ବ୍ୟୁରୋ)

ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଏକ ଦମ୍ପତି ରାଜନୀତି କ୍ଷେତ୍ରକୁ ଓହ୍ଲାଇଛନ୍ତି। ଗୋଟିଏ ପଞ୍ଚାୟତର ସରପଞ୍ଚ ଆସନ ଲାଗି ଉଭୟ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏଭଳି ଘଟଣା ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଲିପିଣ୍ଡା ପଞ୍ଚାୟତରେ ଦେଖିବାକୁ ମିଳିଛି। ଲିପିଣ୍ଡା ଗ୍ରାମର ବିଜେଡି ନେତା ପ୍ରଫୁଲ୍ଲ ମିର୍ଦ୍ଧା ଓ ତାଙ୍କ ସ୍ତ୍ରୀ ମୁନମୁନ ମାଝି ଶୁକ୍ରବାର ବ୍ଲକ କାର୍ଯ୍ୟାଳୟରେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଶନିବାର ଯାଞ୍ଚ ପରେ ଉଭୟଙ୍କ ପ୍ରାର୍ଥୀପତ୍ର କାଏମ ରହିଥିବା ଯୁଯୁମୁରା ବିଡିଓ ସୁରଜ ବିଶ୍ୱାଳ କହିଛନ୍ତି।

ଏହି ପଞ୍ଚାୟତରେ ମୋଟ ୪ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେମାନେ ହେଲେ ମିର୍ଦ୍ଧା ଦମ୍ପତି ଏବଂ ଦୁଃଖୀଶ୍ୟାମ ବିଶ୍ୱାଳ ଓ ଅଞ୍ଜଳି ପ୍ରଧାନ। ପ୍ରାର୍ଥୀ ପ୍ରଫୁଲ୍ଲ ମିର୍ଦ୍ଧା ପୂର୍ବରୁ ଲିପିଣ୍ଡା ସରପଞ୍ଚ ରହିଥିଲେ। ଏହା ସହ ବ୍ଲକ ଉପାଧ୍ୟକ୍ଷ ମଧ୍ୟ ରହିଛନ୍ତି। ଏବେ ବିଜେଡିର ଜଣାଶୁଣା ନେତା ଓ ବିଧାୟକ ରୋହିତ ପୂଜାରୀଙ୍କ ବ୍ଲକ ନୋମିନି ଅଛନ୍ତି। ଚଳିତ ପଞ୍ଚାୟତ ନିର୍ବାଚନରେ ଜିଲାପରିଷଦ ପ୍ରାର୍ଥୀ କରିବା ନେଇ ଦଳ ପକ୍ଷରୁ ତାଙ୍କୁ ଚୟନ କରାଯାଇଥିଲା। ହେଲେ ପ୍ରଫୁଲ୍ଲ ନିଜ ଆଡୁ ମନାକରି ସରପଞ୍ଚ ହେବାକୁ ସ୍ଥିର କରିଥିଲେ। ପୂର୍ବରୁ ସରପଞ୍ଚ ଥିବା ସମୟରେ ପ୍ରଫୁଲ୍ଲ ବିବାଦୀୟ ହୋଇପଡିଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଆଧାର କରି ତାଙ୍କ ନାମରେ ପ୍ରାୟ ୮ରୁ ଅଧିକ ଭିଜିଲାନ୍ସ ମାମଲା ହୋଇଥିଲା। କେତେକ ମାମଲା କୋର୍ଟରେ ବିଚାରାଧୀନ ରହିଛି। ପୁରୁଣା ମାମଲାକୁ ନେଇ ଯାଞ୍ଚ ସମୟରେ ଅଡୁଆ ହୋଇପାରେ ଭାବି ପ୍ରଫୁଲ୍ଲ ମୁନମୁନଙ୍କୁ ପ୍ରାର୍ଥୀ କରିଥିବା ଆଲୋଚନା ହେଉଛି। ମୁନମୁନ ମଧ୍ୟ ବିଜେଡି ପକ୍ଷରୁ ଜିଲା ପରିଷଦ ସଭ୍ୟା ଭାବେ ନିର୍ବାଚିତ ହୋଇଥିଲେ। ନାରୀନେତ୍ରୀ ଭାବେ ଅଞ୍ଚଳରେ ଜଣାଶୁଣା। ଗ୍ରାମାଞ୍ଚଳରେ ମହିଳାମାନଙ୍କୁ ନେଇ ସଙ୍ଗଠନ କରିଛନ୍ତି। ଯଦି ଉଭୟଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ ତା'ହେଲେ କିଏ ବାଜି ମାରିବ ସମୟ କହିବ। ଏ ସମ୍ପର୍କରେ ପ୍ରାର୍ଥୀ ପ୍ରଫୁଲ୍ଲ କହିଛନ୍ତି, ସରପଞ୍ଚ ପ୍ରାର୍ଥୀ ଭାବେ ପଞ୍ଚାୟତରେ ୪ଜଣ ନାମାଙ୍କନ ପତ୍ର ଦାଖଲ କଲେ ମୁଁ ବିଜୟୀ ହୋଇପାରିବି ବୋଲି ଜଣେ ପଣ୍ଡିତ କହିଥିଲେ। ତେଣୁ ସ୍ତ୍ରୀ ମୁନମୁନ ନାମାଙ୍କନ ଦାଖଲ କରିଛନ୍ତି। ସ୍ୱାମୀ ସ୍ତ୍ରୀ ଭିତରେ ନିର୍ବାଚନୀ ଲଢେଇ ହେବ ନାହିଁ। ସ୍ତ୍ରୀଙ୍କ ନାମାଙ୍କନ ପତ୍ର ପ୍ରତ୍ୟାହାର କରିଦେବୁ।


ମୁନମୁନ ମାଝି ଓ ପ୍ରଫୁଲ୍ଲ ମିର୍ଦ୍ଧା

# କଂଗ୍ରେସ ପଛୁଆବର୍ଗର ନୂଆ କମିଟି

ଭୁବନେଶ୍ୱର,୨୨ା୧(ବ୍ୟୁରୋ)

ପ୍ରଦେଶ କଂଗ୍ରେସ ପଛୁଆବର୍ଗ ବିଭାଗର ରାଜ୍ୟ କମିଟି ଗଠନ କରାଯାଇଛି। ରାଜ୍ୟ ପଛୁଆବର୍ଗ ବିଭାଗର ଅଧ୍ୟକ୍ଷ ଜ୍ଞାନଦେବ ବେଉରାଙ୍କ ସୁପାରିସକ୍ରମେ କଂଗ୍ରେସର ରାଷ୍ଟ୍ରୀୟ ପଛୁଆବର୍ଗ ଅଧ୍ୟକ୍ଷ ତଥା ଛତିଶଗଡ଼ ସରକାରଙ୍କ ମନ୍ତ୍ରୀ ତାମ୍ରଧୋଜ ସାହୁ କର୍ମୀଙ୍କୁ ବିଭିନ୍ନ ଦାୟିତ୍ୱ ପ୍ରଦାନ କରିଛନ୍ତି। ରାଜ୍ୟ ଉପାଧ୍ୟକ୍ଷ ଭାବେ ବେଣୁଧର ପାତ୍ର, ସୁବାଷ ଚନ୍ଦ୍ର ବିଶ୍ୱାଳ, କ୍ୟାପ୍‌ଟେନ ରାଜନାରାୟଣ ମହାପାତ୍ର, ଡମ୍ବରୁ ବେହେରା, କାଶୀନାଥ ରାଉତ, ଅଜିତ ଜେନା ଓ ବୃନ୍ଦାବନ ସାହୁ ରହିଛନ୍ତି। ସେହିପରି ଆବାହକ ଭାବେ ବିପ୍ରବର ସାହୁ, ଦେବୀ ପ୍ରସାଦ ବାହାଲିଆ, କୈଳାସ ସାହୁ, ସଂଜୟ ରାୟ,ବିଧୁ ଭୂଷଣ ମହାପାତ୍ର, ଶୁଭେନ୍ଦୁ ସାହୁ, ପଦ୍ମନ ବିଶୋଇ, ପ୍ରଶାନ୍ତ ବିଶୋଇ, ଜିତେନ୍ଦ୍ର ସାହୁ, ଜୀବନ ପ୍ରଦୀପ ଦାଶ ଏବଂ ସଂଯୋଜକ ଭାବେ କୈଳାସ ଚନ୍ଦ୍ର ସାହୁ, ତ୍ରିନାଥ ସାହୁ, ବୁଦ୍ଧଦେବ ପ୍ରଧାନ, ଦିଲୀପ ଖୁଣ୍ଟିଆ, ବସନ୍ତ ଜେନା ଓ ସଞ୍ଜୟ ପରିଡ଼ା ରହିଛନ୍ତି। ସାଗର ପରିଡ଼ା ଅଫିସ ସଂଯୋଜକ ରହିଥିଲାବେଳେ ଜିଲା ଅଧ୍ୟକ୍ଷ ଭାବରେ ବାଲେଶ୍ୱର ଜିଲା ଦାୟିତ୍ୱରେ ରବୀନ୍ଦ୍ର ପ୍ରଧାନ, ଭଦ୍ରକ ପାଇଁ ଶ୍ରୀକାନ୍ତ ଜେନା, ମୟୂରଭଞ୍ଜ ପାଇଁ ଦିଲୀପ ନାୟକ, ଝାରସୁଗୁଡ଼ା ପାଇଁ ସୁବ୍ରତ କୁମାର ପ୍ରଧାନ, କେନ୍ଦ୍ରାପଡ଼ା ପାଇଁ ସୁଖଦାନନ୍ଦ ପ୍ରଧାନ, କଟକ ପାଇଁ ଅଶୋକ କୁମାର ସ୍ୱାଇଁ ଓ କଟକସିଟି ଦାୟିତ୍ୱ ସନ୍ତୋଷ ଲେଙ୍କାଙ୍କୁ ଦିଆଯାଇଛି। ସେହିପରି ଅନ୍ୟ ସମସ୍ତ କଂଗ୍ରେସ ସାଙ୍ଗଠନିକ ଜିଲା ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଛି।

# ଇସିଙ୍କୁ ଫେରାଦ ହେଲା ବିଜେଡି

**ପେଟ୍ରୋଲ ପମ୍ପରେ ଭାଜପା ହୋର୍ଡିଂ**

ଭୁବନେଶ୍ୱର,୨୨ା୧(ବ୍ୟୁରୋ)

ପଞ୍ଚାୟତ ନିର୍ବାଚନ ପାଇଁ ରାଜ୍ୟରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବା ବେଳେ ପେଟ୍ରୋଲ ପମ୍ପରେ କେନ୍ଦ୍ର ଭାଜପା ସରକାରଙ୍କ ହୋର୍ଡିଂ ଲାଗିଛି, ଯାହାକୁ ବର୍ତ୍ତମାନ ସୁଦ୍ଧା ହଟାଯାଇନି । ଏହା ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରୁଥିବା ଅଭିଯୋଗ ନେଇ ଶନିବାର ବିଜେଡିର ଏକ ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ କମିଶନରଙ୍କ ନିକଟରେ ଫେରାଦ ହୋଇଛି । ପ୍ରମାଣସ୍ୱରୂପ ରାଜ୍ୟର ବିଭିନ୍ନ ପେଟ୍ରୋଲ ପମ୍ପରେ ଲାଗିଥିବା କେନ୍ଦ୍ର ସରକାରଙ୍କ ଯୋଜନାର ହୋର୍ଡିଂର ଫଟୋ ବିଜେଡି ପ୍ରଦାନ କରିଛି । ଶୀଘ୍ର ହୋର୍ଡିଂ ହଟାଇବାକୁ ଦଳ ପକ୍ଷରୁ ଦାବି କରାଯାଇଛି ।


ରାଜ୍ୟ ନିର୍ବାଚନ କମିଶନଙ୍କୁ ଭେଟୁଛନ୍ତି ବିଜେଡି ପ୍ରତିନିଧି ଦଳ।

# କୋଟିଆ: ପ୍ରାର୍ଥୀପତ୍ର ପ୍ରତ୍ୟାହାର ନେଇ ସର୍ବଦଳୀୟ କମିଟିର ଆଲୋଚନା

କୋରାପୁଟ,୨୨ା୧(ସ୍ୱ.ପ୍ର.)

କୋରାପୁଟ ଜିଲାର ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଜିଲା ପରିଷଦ ଜୋନ -୧ ଅନ୍ତର୍ଗତ କୋଟିଆ ପାଇଁ ସର୍ବଦଳୀୟ ପ୍ରାର୍ଥୀ ମମତା ଜାନିଙ୍କ ସହ ୨ଜଣ ମହିଳା ସ୍ୱାଧୀନ ପ୍ରାର୍ଥୀ ରୂପେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଶନିବାର ପ୍ରାର୍ଥୀପତ୍ର ଯାଞ୍ଚ ସମୟରେ ସ୍ୱାଧୀନ ପ୍ରାର୍ଥୀ ଟିକାଇ ଗେମେଲ ଓ ସବିନା ବୁଡିଆଙ୍କ ସହ ସର୍ବଦଳୀୟ କମିଟିର ସଦସ୍ୟମାନେ କୋରାପୁଟଠାରେ ଆଲୋଚନା କରିଛନ୍ତି। ବିଜେଡି ଜିଲା ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଭାଜପା ଜିଲା ସଭାପତି ସୁମନ୍ତ ପ୍ରଧାନ, କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ, ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗୀ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗୀ, କୋରାପୁଟ ବିଧାୟକ ରଘୁରାମ ପଡାଲ, ପଟ୍ଟାଙ୍ଗୀ ବିଧାୟକ ପ୍ରୀତମ ପାଢୀ ପ୍ରମୁଖ ସ୍ୱାଧୀନ ପ୍ରାର୍ଥୀ ଟିକାଇ ଓ ସବିନାଙ୍କ ସହ ପ୍ରାର୍ଥୀପତ୍ର ପ୍ରତ୍ୟାହାର ନେଇ ଆଲୋଚନା କରିଥିଲେ । ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଆଲୋଚନା ଜାରି ରହିଛି । ରବିବାର ଏହି ଆଲୋଚନାର ସୁଫଳ ମିଳିପାରେ ବୋଲି ଆଶା କରାଯାଉଥିବା ବିଜେଡି ଜିଲା ସଭାପତି ପାଣିଗ୍ରାହୀ କହିଛନ୍ତି।

**ରାଜ୍ୟ ଖବର**

## ସଂକ୍ଷେପରେ

### ଇଞ୍ଜିନିୟରିଂ କଲେଜ ଉପରକୁ ବୋମାମାଡ଼

ଜଟଣୀ,୨୨ା୧(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅନ୍ତର୍ଗତ ତରାବୋଇ ଗ୍ରାମସ୍ଥିତ ଏକ ଘରୋଇ ଇଞ୍ଜିନିୟରିଂ କଲେଜ ଉପରକୁ କେହି ଦୁର୍ବୃତ୍ତ ଦୁଇଟି ବୋମାମାଡ଼ କରିଥିବା ଶନିବାର ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ. ୨୯/୨୨)ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଶୁକ୍ରବାର ବିଳମ୍ବିତ ରାତିରେ କୌଣସି କାରଣକୁ ନେଇ କେହି ଦୁର୍ବୃତ୍ତ ଉକ୍ତ କଲେଜ ଉପରକୁ ବୋମାମାଡ଼ କରିଥିଲେ। ଏକ ବୋମା କଲେଜ ଗେଟ୍ ଉପରେ ମାଡ଼ ହୋଇଥିବା ବେଳେ ଅନ୍ୟ ଏକ ବୋମା କଲେଜ ଭିତରେ ଥିବା ହିଟାଚି ଗାଡ଼ି ଉପରେ ମାଡ଼ ହୋଇଥିଲା। ଫଳରେ ଗାଡ଼ିର କାଚ ଭାଙ୍ଗିରୁଜି ଯାଇଛି। ଶନିବାର ଏନେଇ କଲେଜ କର୍ତ୍ତୃପକ୍ଷଙ୍କ ଅଭିଯୋଗକ୍ରମେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ତେବେ ବୋମାମାଡ଼ର କାରଣ ଅସ୍ପଷ୍ଟ ରହିଛି। ଦାଦା ବଟି କିମ୍ବା ରାଜନୈତିକ କାରଣରୁ ବୋମମାଡ଼ ହୋଇଥାଇପାରେ ବୋଲି ଚର୍ଚ୍ଚା ହେଉଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି।

# ଜେଲକୁ ଫେରିଲେ ମାନବବାଦ ସଙ୍ଗଠନ ମୁଖ୍ୟ ମାନସ

ଖୋର୍ଦ୍ଧା ଅଫିସ,୨୨ା୧

**■ସ୍ତ୍ରୀଙ୍କ ଅସୁସ୍ଥତା ପାଇଁ ଜାମିନରେ ଆସିଥିଲେ**

**■ସତ୍ୟବ୍ରତ ନାୟକ ହତ୍ୟା ମାମଲା**



ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଧୀନ ଅଭିମାନପୁର ଗ୍ରାମର ସତ୍ୟବ୍ରତ ନାୟକ ହତ୍ୟା ମାମଲାରେ ଗିରଫ ହୋଇ ଖୋର୍ଦ୍ଧା ଜେଲ୍‌ରେ ରହିଥିବା ଆତ୍ମଘୋଷିତ ଗୁରୁଜୀ ତଥା ମାନବବାଦ ସଙ୍ଗଠନ(ରାଷ୍ଟ୍ରୀୟ ସାମାଜିକ ନ୍ୟାୟ ମଞ୍ଚ)ର ମୁଖ୍ୟ ମାନସ ଦାସଙ୍କୁ ଗତ ଡିସେମ୍ବରରେ ଉଚ୍ଚ ନ୍ୟାୟାଳୟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ। ସ୍ତ୍ରୀଙ୍କ ଦେହ ଅସୁସ୍ଥ ଥିବାରୁ ୧ମାସ ପାଇଁ ଜଣେ ଜାମିନ୍‌ଦାର, ୪୦ହଜାର ଟଙ୍କା ବଳରେ ସେ ଜାମିନରେ ଆସିଥିଲେ। ଜାମିନ ଅବଧି ସରିବା ପରେ ସେ ଶନିବାର ଖୋର୍ଦ୍ଧା କୋର୍ଟରେ ହାଜର ହୋଇ ଖୋର୍ଦ୍ଧା ସବ୍‌ଜେଲକୁ ଫେରିଛନ୍ତି ବୋଲି ତାଙ୍କ ଓକିଲ ଶରତ ମାନସିଂ କହିଛନ୍ତି।

ସୂଚନା ମୁତାବକ, ଅଗଷ୍ଟ ୨ରେ ସତ୍ୟବ୍ରତଙ୍କୁ ହତ୍ୟା କରାଯାଇଥିଲା। ପ୍ରମାଣ ନଷ୍ଟ ପାଇଁ ତାଙ୍କ ମୃତଦେହକୁ ପୋଡ଼ି ଦିଆଯାଇଥିଲା। ମାନବବାଦ ସଙ୍ଗଠନ ମୁଖ୍ୟ ମାନସଙ୍କ ନିର୍ଦ୍ଦେଶରେ ଏହି ହତ୍ୟାକାଣ୍ଡ ଘଟିଥିବା ନେଇ ଅଗଷ୍ଟ ୩ରେ ସତ୍ୟବ୍ରତଙ୍କ ପୁତୁରା ବସନ୍ତ ନାୟକ ବେଗୁନିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା(ନଂ.୧୪୯/୨୧)ରୁଜୁକରି ୬ଜଣଙ୍କୁ ଗିରଫ କରିଥିଲା। ଏହି ହତ୍ୟାକାଣ୍ଡରେ ମାନସ ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ ନ ଥିଲେ ମଧ୍ୟ ପରୋକ୍ଷରେ ହତ୍ୟା ଷଡ଼ଯନ୍ତ୍ର, ପ୍ରମାଣ ନଷ୍ଟ ପାଇଁ ମୃତଦେହ ପୋଡ଼ି ଏବଂ ବସନ୍ତଙ୍କୁ ଧମକ ଦେବା ଘଟଣାରେ ସମ୍ପୃକ୍ତ ଥିବା ପୋଲିସ ତଦନ୍ତ ସମୟରେ ଜାଣିବାକୁ ପାଇଥିଲା। ପୋଲିସ ଗତ ସେପ୍ଟେମ୍ବର ୨ରେ ମାନସଙ୍କୁ ତାଙ୍କ ଭୁବନେଶ୍ୱରସ୍ଥିତ ବାସଭବନରୁ ଗିରଫ କରିଥିଲା। ସେହିପରି କଡ଼ବ ଗ୍ରାମର ମାଗୁଣି ଏବଂ ଆନନ୍ଦଙ୍କୁ ବନ୍ଦ କୋଠରିରେ ମାନବବାଦ ସଙ୍ଗଠନର କର୍ମକର୍ତ୍ତା ମାଡ଼ ମାରିବା ଘଟଣାରେ ବେଗୁନିଆ ଥାନାରେ ଆଉ ଏକ ମାମଲା (ନଂ.୧୬୬/୨୧) ରୁଜୁ ହୋଇଥିଲା। ଏହି ଘଟଣାରେ ମାନସଙ୍କ ପୁଅ ମନୋରଞ୍ଜନ ସମ୍ପୃକ୍ତ ଥିବା ପ୍ରମାଣ ମିଳିବା ପରେ ପୋଲିସ ତାଙ୍କୁ ମଧ୍ୟ ଗିରଫ କରିଥିଲା। ଅନ୍ୟପକ୍ଷେ ଖୋର୍ଦ୍ଧା ସଦର ଥାନା ଅଧୀନ ନିଜିଗଡ଼ ତାପଙ୍ଗ ଝିଙ୍କିଝାରୀ ଗ୍ରାମର ଶୁଭାଶିଷ ବେହେରା ମାନସଙ୍କ ବିରୋଧରେ ଏକ ହତ୍ୟା ଅଭିଯୋଗ ଆଣିଥିଲେ। ଏନେଇ ସଦର ଥାନାରେ ଏକ ମାମଲା (ନଂ.୧୨୭/୨୧) ରୁଜୁ ହୋଇଥିଲା। ଉଭୟ ମାନସ ଓ ମନୋରଞ୍ଜନ ଖୋର୍ଦ୍ଧା ସବ୍‌ଜେଲ୍‌ରେ ରହିଥିଲେ।

# ଜଣକୁ ହତ୍ୟା କଲେ ମାଓବାଦୀ

**ପୋଲିସ ଇନଫର୍ମର ସନ୍ଦେହ**

ମାଲକାନଗିରି,୨୨ା୧ (ଡି.ଏନ.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ମାଓବାଦୀମାନେ ପୋଲିସ ଇନ୍‌ଫର୍ମର ସନ୍ଦେହରେ ଶନିବାର ଜଣଙ୍କୁ ହତ୍ୟା କରିଛନ୍ତି। ବିଜାପୁର ଜିଲା ଗାଙ୍ଗାଲୁର ଅଞ୍ଚଳରେ ଏପରି ଘଟଣା ଘଟିଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ପରିଚୟ ମିଳିପାରିନାହିଁ। ଡିଆରଜିବାହିନୀ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମାଓବାଦୀମାନେ ଗାଙ୍ଗାଲୁର ଅଞ୍ଚଳରେ ନିଜର ସ୍ଥିତି ଜାହିର କରିବାକୁ ଏପରି କରିଛନ୍ତି। ପୋଲିସକୁ କେହି ସମର୍ଥନ ନ କରିବାକୁ ସମ୍ପୃକ୍ତ ଅଞ୍ଚଳବାସୀଙ୍କୁ ସେମାନେ ଚେତାବନୀ ଦେଇଛନ୍ତି। ଘଟଣା ପରେ ସର୍ଚ୍ଚ ଅପରେଶନକୁ ଜୋରଦାର କରାଯାଇଛି।

# ୯ ଟ୍ରାକ୍ଟର, ୨ ଜେସିବି ଜାଳିଦେଲେ ମାଓବାଦୀ


ମାଓବାଦୀମାନେ ପୋଡ଼ି ଦେଇଥିବା ଗାଡ଼ି।

ମାଲକାନଗିରି/ଏମ୍‌ଭି-୭୯,୨୨ା୧ (ଡି.ଏନ.ଏ.)

**ରାସ୍ତାକାମକୁ ବିରୋଧ**

ମାଲକାନଗିରି ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲା ଚେରିଖୁଣ୍ଟା ଗ୍ରାମରେ ଯବାନଙ୍କ କୋମ୍ବିଂ ଅପରେଶନ ଏବଂ ରାସ୍ତାକାମକୁ ବିରୋଧ କରି ସଶସ୍ତ୍ର ମାଓବାଦୀମାନେ ଶୁକ୍ରବାର ରାତିରେ ୯ଟି ଟ୍ରାକ୍ଟର ସହ ୨ଟି ଜେସିବି ଜାଳିଦେଇଛନ୍ତି। ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ଭାମରାଗଡ଼ ତହସିଲ ଅଞ୍ଚଳରେ ଦୁଇଟି ଗ୍ରାମରେ ହେଉଥିବା ରାସ୍ତାକାମକୁ ବିରୋଧ କରି ଏପରି ଘଟାଇଛନ୍ତି। ରାସ୍ତା କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କୁ ଅଟକ ରଖି ସେମାନେ ଗାଡ଼ିଗୁଡିକରେ ନିଆଁ ଲଗାଇ ଦେଇଥିଲେ। ଖବରପାଇ ପରିସ୍ଥିତି ତଦାରଖ ସହ ସ୍ଥିତି ନିୟନ୍ତ୍ରଣ ପାଇଁ ସୁରକ୍ଷାକର୍ମୀଙ୍କ ଏକ ଟିମ୍ ଘଟଣାସ୍ଥଳକୁ ପଠାଯାଇଛି ବୋଲି ବିଜାପୁର ଏସ୍‌ପି କମଳ ଲୋଚନ କଶ୍ୟପ କହିଛନ୍ତି। ସୂଚନାଯୋଗ୍ୟ ଉକ୍ତ ଅଞ୍ଚଳରେ ସୁରକ୍ଷାକର୍ମୀଙ୍କ ବାରମ୍ବାର କୋମ୍ବିଂ ଅପରେଶନ ଯୋଗୁ ମାଓବାଦୀଙ୍କ ପ୍ରାଦୁର୍ଭାବ କମିବାରେ ଲାଗିଛି। ତେବେ ନିଜ ସ୍ଥିତି ଜାହିର କରିବାକୁ ସେମାନେ ଏପରି ଘଟଣା ଘଟାଇଛନ୍ତି।

# ସଜନାଗଡ଼ ବଡ଼ପୋଲ ପାର୍ଶ୍ୱ ଅତଡ଼ା ଧସିଲା

**ସଜନାଗଡ଼,୨୨।୧(ଡି.ଏନ.ଏ.)**

■ ପଥଚାରୀ ଅସୁରକ୍ଷିତ
■ ଯାତ୍ରୀ ପରିବହନ ବିପଦ ସଙ୍କୁଳ

ବାଲେଶ୍ୱରରୁ ମୟୂରଭଞ୍ଜ ଜିଲାକୁ ସଂଯୋଗ କରୁଥିବା ସେରଗଡ଼ ଭାୟା ନୀଳଗିରି–ଉଦଳା ୧୯ନଂ. ରାଜ୍ୟ ରାଜପଥର ସଜନାଗଡ଼ଠାରେ ଥିବା ବଡ଼ପୋଲ(ଘାଘରା ସେତୁ) ପାର୍ଶ୍ୱରୁ ପୁଣି ମାଟି ଅତଡ଼ା ଧସିଛି। ପୂର୍ତ୍ତ ବିଭାଗ ପକ୍ଷରୁ ସେଠାରେ ଏକ ନୂଆ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ୨ ବର୍ଷ ପୂର୍ବେ ପୋଲ ନିର୍ମାଣ ଲାଗି ଶିଳାନ୍ୟାସ କରାଯାଇଥିଲା। ମାତ୍ର ଠିକାଦାର କାମ ବିଳମ୍ବ କରିବାରୁ ଏହି କାମ ସରିନାହିଁ। ପ୍ରଶାସନିକ ଅଧିକାରୀଙ୍କ ତାଗିଦ ପରେ କିଛି ଦିନ ହେବ କାମ ଚାଲୁ ରହିଛି। ତେବେ ପୁରୁଣା ପୋଲ ପାର୍ଶ୍ୱରେ ଥିବା ମାଟିକୁ ଠିକାଦାର ଜେସିବି ସାହାଯ୍ୟରେ ଅଧିକ ତାଡ଼ି ଦେଇଥିବାରୁ ଏବେ ବଡ଼ପୋଲ ବିପଦ ସଙ୍କୁଳ ପାଲଟିଛି। ଭାରୀଯାନ ଚଳାଚଳ ସମୟରେ ଏହି ପୋଲର ଗୋଟିଏ ପାର୍ଶ୍ୱରୁ ମାଟି ଅତଡ଼ା ଖସିପଡୁଛି। ଶନିବାର ଭୋର ସମୟରେ ମଧ୍ୟ ଅତଡ଼ା ଧସି ପଡ଼ିଥିବା ଦେଖିବାକୁ ମିଳିଛି। ସେହି ସ୍ଥାନରେ ବଡ଼ପୋଲର ଗୋଟିଏ ପାଖର ସୁରକ୍ଷା ବାଡ଼ା ମଧ୍ୟ ଝୁଲି ରହିଛି। ମୟୂରଭଞ୍ଜକୁ ସଂଯୋଗ କରୁଥିବା ଉକ୍ତ ପୋଲରେ ଦୈନିକ ହଜାର ହଜାର ଗାଡ଼ି ଯାତାୟାତ କରୁଥିବା ବେଳେ ଏବେ ଉଭୟ ଗାଡ଼ି ଓ ଯାତ୍ରୀଙ୍କ ଜୀବନ ପ୍ରତି ବିପଦ ବଢ଼ିଛି। ପୂର୍ତ୍ତ ବିଭାଗ ପକ୍ଷରୁ କୌଣସି ବ୍ୟବସ୍ଥା କରା ନ ଗଲେ କେଉଁ ମୁହୂର୍ତ୍ତରେ ଦୁର୍ଘଟଣା ଘଟିବାର ଆଶଙ୍କାକୁ ଏଡ଼ାଇ ଦେଇ ହେବନାହିଁ। ଲୋକଙ୍କ ସୁରକ୍ଷା ଦିଗରେ ପ୍ରଶାସନର ନିରବତାକୁ ଅଞ୍ଚଳବାସୀ ତୀବ୍ର ବିରୋଧ କରୁଛନ୍ତି। କୌଣସି ବଡ଼ ଦୁର୍ଘଟଣା ପୂର୍ବରୁ ପୂର୍ତ୍ତ ବିଭାଗ ଏଥିପ୍ରତି ଗୁରୁତ୍ୱ ଦେଇ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ କନିଷ୍ଠଯନ୍ତ୍ରୀ ଲକ୍ଷ୍ମଣ ସିଂଙ୍କୁ ପଚାରିବାରୁ ଠିକାଦାର ପୁରୁଣା ପୋଲ ପାର୍ଶ୍ୱରୁ ଅଧିକ ମାଟି କାଟିଦେବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ଓ ଲୋକଙ୍କ ସୁରକ୍ଷା ପାଇଁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।


ବଡ଼ପୋଲ ପାର୍ଶ୍ୱରୁ ଖସି ପଡ଼ିଥିବା ମାଟି ଅତଡ଼ା।

## ସଂକ୍ଷେପରେ

### ନିଆଁରେ ପୋଡ଼ି ବୃଦ୍ଧାଙ୍କ ମୃତ୍ୟୁ

**ଢେଙ୍କିକୋଟ/କେନ୍ଦୁଝର, ୨୨।୧ (ଡି.ଏନ.ଏ./ସ୍ୱ.ପ୍ର.):** କେନ୍ଦୁଝର ଜିଲା ଢଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ଡୁମୁରିଆ ପଞ୍ଚାୟତ ବଡ଼ନୂଆଗାଁ ଗ୍ରାମର ସମ୍ଧାରୀ ମୁଣ୍ଡା (୭୫) ଶୁକ୍ରବାର ରାତିରେ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ନିଆଁ ଲଗାଇ ପୁଇଁ ହେଉଥିଲା। ଏହି ସମୟ ରେ ତାଙ୍କ ଲୁଗାରେ ନିଆଁ ଲାଗିଯାଇଥିଲା। ପରିବାର ଲୋକ ତୁରନ୍ତ ତାଙ୍କୁ ପାଟଣା ମେଡିକାଲ ଏବଂ ଅବସ୍ଥା ଗୁରୁତର ହେବାରୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ତାଙ୍କର ମୃତ୍ୟୁ ହୋଇଛି। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ

**ଜଳେଶ୍ୱର,୨୨।୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ୬୦ନଂ. ଜାତୀୟ ରାଜପଥର ଜଳେଶ୍ୱର ନିକଟରେ ଶନିବାର ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଜଳେଶ୍ୱର ବ୍ଲକ ଅଧୀନ ଖାଲିନା ଗ୍ରାମର ଯତିନ୍ଦ୍ର ନାଥ ସିଟ। ପୂର୍ବାହ୍ନରେ ସେ ବାଇକ୍ ଯୋଗେ ଅମର୍ଦ୍ଦାରୋଡ ଯାଉଥିଲା ବେଳେ ସୁବର୍ଣ୍ଣରେଖା ପୋଲ ଉପରେ ପଛପଟୁ ଟ୍ରକ୍‌ଟି ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

### ପଥଚାରୀଙ୍କ ଉପରେ ଚଢ଼ିଗଲା ଟ୍ରକ୍

**କେନ୍ଦୁଝର, ୨୨।୧ (ସ୍ୱ.ପ୍ର.):** କେନ୍ଦୁଝର ସହରର ଗାନ୍ଧୀ ଛକ ଟ୍ରାଫିକରେ ଶନିବାର ସକାଳେ ଜଣେ ପଥଚାରୀଙ୍କ ଉପରେ ଏକ ୧୨ ଚକିଆ ଲୁହାପଥର ବୋଝେଇ ଟ୍ରକ୍ ଚଢି ଯିବାରୁ ପଥଚାରୀ ଜଣକ ଗୁରୁତର ହୋଇଛନ୍ତି। ସେ ହେଲେ କାଠିଆ ମହାକୁଡ଼। ସକାଳ ପ୍ରାୟ ସାଢ଼େ ୧୦ଟାରେ କେନ୍ଦୁଝର ଜେଲ ରୋଡ ନୂଆସାହିରେ ରହୁଥିବା କାଠିଆ ଚାଲି ଚାଲି ଘରକୁ ଯାଉଥିବାବେଳେ ଗାନ୍ଧୀ ଛକ ଟ୍ରାଫିକ ପୋଷ୍ଟ ନିକଟରେ ଏକ ଆଇରନ ବୋଝେଇ ଟ୍ରକ ତାଙ୍କ ଗୋଡ ଉପରେ ଚଢି ଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ପ୍ରଥମେ କେନ୍ଦୁଝର ମୁଖ୍ୟ ଡାକ୍ତରଖାନା ଏବଂ ପରେ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଆହତ ଯୁବକଙ୍କ ଅବସ୍ଥା ସଂକଟାପନ୍ନ ଥିବା ଜଣାପଡିଛି। ଟାଉନ ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରି ତଦନ୍ତ ଜାରି ରଖିଛି।

### ବାଇକ୍ ଧକ୍କାରେ ଆଖି ବୁଜିଲେ ବୃଦ୍ଧ

**ରାସଗୋବିନ୍ଦପୁର, ୨୨।୧ (ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବାରିପଦା -ରାସଗୋବିନ୍ଦପୁର ମୁଖ୍ୟରାସ୍ତାର ଦେଶୋଳ ଖେଳପଡ଼ିଆ ନିକଟରେ ଶନିବାର ରାତିରେ ବାଇକ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଦେଶୋଳ ଗ୍ରାମର ଛୋଟରାୟ ମୁର୍ମୁ। ପୋଲିସ ଦୁର୍ଘଟଣା ଘଟାଇଥିବା ବାଇକ୍ ଜବତ କରିବା ସହ ଏନେଇ ଏକ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ, ରାତି ପ୍ରାୟ ୮ଟା ବେଳେ ଛୋଟରାୟ ଏବଂ ତାଙ୍କ ପଡ଼ୋଶୀ ପିଥ ହେମ୍ବ୍ରମ ରାସଗୋବିନ୍ଦପୁର ହାଟରୁ ଘରକୁ ଫେରୁଥିବା ବେଳେ ଦୁର୍ଘଟଣା ଘଟିଥିଲା। ଏଥିରେ ସେମାନେ ଗୁରୁତର ହୋଇ ରାସ୍ତାରେ ପଡ଼ିରହିଥିଲେ। ସ୍ଥାନୀୟ ଅଗ୍ନିଶମ କର୍ମଚାରୀ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ରାସଗୋବିନ୍ଦପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଛୋଟରାୟଙ୍କୁ ମୃତ ଘୋଷଣା କରିଥିଲେ। ପିଥଙ୍କୁ ପ୍ରାଥମିକ ଚିକିତ୍ସା ପରେ ବାରିପଦା ମେଡିକାଲକୁ ପଠାଯାଇଛି।

### ଘର ସାମ୍ନାରୁ ବୋଲେରୋ ଚୋରି

**ବାଙ୍ଗିରିପୋଷି,୨୨।୧(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଗୋଲାମୁଣ୍ଡାକଟା ଠାରେ ଶୁକ୍ରବାର ବିଳମ୍ବିତ ରାତିରେ ପ୍ରମୋଦ କୁମାର ଗିରିଙ୍କ ଘର ସମ୍ମୁଖରେ ଥିବା ତାଙ୍କ ବୋଲେରୋକୁ କେହି ଦୁର୍ବୃତ୍ତ ଚୋରି କରି ନେଇଥିବା ପ୍ରମୋଦ ଥାନାରେ ଅଭିଯୋଗ କରିଛନ୍ତି। ଶନିବାର ସକାଳେ ଉଠିଲା ବେଳକୁ ଗାଡିଟି ନ ଥିବା ଦେଖି ସେ ଏଣେ ତେଣେ ଖୋଜି ନ ପାଇବାରୁ ଥାନାରେ ଗାଡି ଚୋରି ହୋଇଥିବା ଲିଖିତ ଅଭିଯୋଗ କରିଥିଲେ। ବାଙ୍ଗିରିପୋଷି ପୋଲିସ ଏକ ମାମଲା (ନଂ.୧୭/୨୨) ରୁଜୁ କରି ତଦନ୍ତ ଚଳାଇଛି।

### ବିଦ୍ୟୁତ ସଂସ୍ପର୍ଶରେ ଆସି ଯୁବକ ମୃତ

**ଉଦଳା/କୁଆମରା, ୨୨।୧ (ଡି.ଏନ.ଏ.):** ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଶନିବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କିରକିଚିଆ ଗ୍ରାମର ଦ୍ୱିତୀୟା ଖଣ୍ଡେଇ। ମଧ୍ୟାହ୍ନ ସମୟରେ ବିଦ୍ୟୁତ ତାରରେ ଝୁଲୁଥିବା ସ୍ଥାନୀୟ ଲୋକେ ତାଙ୍କୁ ଦେଖିବାକୁ ପାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରିବାସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## କବି ଗଦାଧରଙ୍କ ଗ୍ରନ୍ଥାବଳୀ ଉନ୍ମୋଚିତ


ଅତିଥିମାନେ ଗ୍ରନ୍ଥାବଳୀ ଉନ୍ମୋଚନ କରୁଛନ୍ତି।

**କେନ୍ଦୁଝର ,୨୨।୧(ଡି.ଏନ.ଏ./ସ୍ୱ.ପ୍ର.)**

ଓଡ଼ିଆ କାବ୍ୟ ସାହିତ୍ୟର ଅନ୍ୟତମ ପ୍ରଥିତଯଶା ସ୍ରଷ୍ଟା ସ୍ୱର୍ଗତ ଗଦାଧର ଦ୍ୱିବେଦୀଙ୍କ ଗ୍ରନ୍ଥାବଳୀ ଉନ୍ମୋଚିତ ହୋଇଯାଇଛି। କେନ୍ଦୁଝରଗଡ଼ସ୍ଥ ସ୍ଥାନୀୟ ଜନାର୍ଦ୍ଦନପୁର ଶାସନସ୍ଥ କବିଙ୍କ ପୈତୃକ ଗୃହ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଯୋଗଦେଇ ଶ୍ରୀରାମଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟର ଦ୍ୱିତୀୟପ୍ରସ୍ତର ପ୍ରଫେସର ଡ. ବବ୍ରୁବାହନ ମହାପାତ୍ର ସ୍ରଷ୍ଟାଙ୍କୁ ବିଶ୍ୱ ସ୍ରଷ୍ଟାଙ୍କ ସହ ତୁଳନା କରି ଐଶ୍ୱରିକ ପ୍ରତିଭାର ଗୁଣଗାନ କରିଥିଲେ। ବିଶିଷ୍ଟ କବି ଦେବାଶିଷ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ କବିଙ୍କ ସୁପୁତ୍ର ଆଡ଼ଭୋକେଟ ରାମନାରାୟଣ ଦ୍ୱିବେଦୀ ନିଜ ପିତାଙ୍କର ସୃଷ୍ଟି କୌଶଳ ସମ୍ପର୍କରେ ଆଲୋକପାତ କରିବା ସହ ବହୁମୁଖୀ ପ୍ରତିଭା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତାଭାବେ ଯୋଗଦେଇ ବିଶିଷ୍ଟ ସମାଲୋଚକ ନିରଞ୍ଜନ ବାରିକ, ସମ୍ମାନିତ ଅତିଥିଭାବେ କବି ଡ. ଚିତ୍ତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ କବିଙ୍କ ବଡ଼ନାତି ଖବରଦାତା ଦୀପକ ମିଶ୍ରଙ୍କ ସମେତ ବହୁ ସାହିତ୍ୟିକ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ୨ ଅଫିସରଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ମାଡ଼ ଘଟଣାର ତଦନ୍ତ

**ବାରିପଦା ଅଫିସ,୨୨।୧**

ମୟୂରଭଞ୍ଜ ଏମ୍‌ପି ତଥା କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ ବ୍ୟାପାର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଦୁଇ ଅଧିକାରୀଙ୍କୁ ମାଡ଼ ମାରିବା ଘଟଣାରେ ବାରିପଦା ଟାଉନ ପୋଲିସ ତଦନ୍ତ ଆରମ୍ଭ କରିଛି। ରାଜ୍ୟ ରାଜସ୍ୱ ଅମଲା ସଂଘ ପକ୍ଷରୁ ଏହି ଘଟଣାକୁ ତୀବ୍ର ନିନ୍ଦା କରାଯାଇଛି। ଏଭଳି ଅଭିଯୋଗକୁ କେନ୍ଦ୍ର ମନ୍ତ୍ରୀ ଟୁଡୁ ଖଣ୍ଡନ କରିଥିବା ବେଳେ କେବଳ ଆଲୋଚନା ପୂର୍ବକ ସେମାନଙ୍କୁ ପଠାଇ ଦିଆଯାଇଛି ବୋଲି କହିଛନ୍ତି। ତେବେ ମନ୍ତ୍ରୀ ଫୋନ ଯୋଗେ ଅଧିକାରୀଙ୍କ ସହ କଥାବାର୍ତ୍ତାର ଅଡିଓ ସୋସିଆଲ ମିଡିଆରେ ଭାଇରଲ ହେବାରେ ଲାଗିଛି।

ପ୍ରକାଶ ଯେ, ଏମ୍‌ପି ପ୍ରତିନିଧିଙ୍କ ହାତପାଣ୍ଠି ବିନିଯୋଗକୁ ନେଇ ସମୀକ୍ଷା କରିବାକୁ ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ (ପ୍ଲାନିଂ) କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ଅଶ୍ୱିନୀ କୁମାର ମଲ୍ଲିକ ଓ ସହକାରୀ ନିର୍ଦ୍ଦେଶକ ଦେବାଶିଷ ମହାପାତ୍ର ଶୁକ୍ରବାର ଅପରାହ୍ନରେ ଫାଇଲ ଧରି ମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଆସିଥିଲେ। କେନ୍ଦ୍ର ମନ୍ତ୍ରୀ ଟୁଡୁ ସେମାନଙ୍କ ଉପରେ ବର୍ଷିବା ସହ ଏକ ଚେୟାରରେ ମାଡ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ନିର୍ବାଚନ ଆଚରଣ ବିଧି ଲାଗୁ ହେବା ସତ୍ତ୍ୱେ ଅଧିକାରୀମାନେ ଫାଇଲ ଧରି ମନ୍ତ୍ରୀଙ୍କ ଅଫିସକୁ ଯିବାରେ ଅମଙ୍ଗ ହେଉଥିବା ଅଡିଓରୁ ଜଣାପଡିଛି । ଏହାକୁ ନେଇ ମନ୍ତ୍ରୀ ଟୁଡୁ ଅଶ୍ୱିନୀଙ୍କୁ କହୁଛନ୍ତି, ଅଫିସକୁ ଆସ ନଚେତ୍ ମୁଁ ଯିବି । ମୁଁ ଗଲା ପରେ ପରିସ୍ଥିତି କ'ଣ ହେବ ତାହା ଜାଣିବ । ଅଧିକାରୀ ଜଣଙ୍କ ଯେତେ ବୁଝାଇବାକୁ ଚେଷ୍ଟା କରୁଥିଲେ ମଧ୍ୟ ମନ୍ତ୍ରୀ ଓଲଟା ତାଗିଦ କରି ମୋତେ ବୁଝାଇବାକୁ ଚେଷ୍ଟା କର ନାହିଁ ବୋଲି ତାଙ୍କୁ କହିଛନ୍ତି। ଦୁଇ ଅଧିକାରୀ ତକତପୁର ସ୍ଥିତ କାର୍ଯ୍ୟାଳୟକୁ ଯାଇଥିଲେ।

## ଉପଜିଲାପାଳଙ୍କ ଦ୍ୱାରସ୍ଥ ହେଲା କୃଷକ ମୋର୍ଚ୍ଚା


ଅଭିଯୋଗ କରିବାକୁ ଆସିଥିବା କୃଷକମୋର୍ଚ୍ଚା କର୍ମକର୍ତ୍ତା।

**ଚମ୍ପୁଆ,୨୨।୧(ଡି.ଏନ.ଏ)**

ମଣ୍ଡିରେ ଧାନ ପଡିରହିବା ଓ ଚାଷୀଙ୍କ ଟୋକନ ଅବଧି ଶେଷ ହେଉଥିବା ବେଳେ ଧାନକିଣାରେ ଟାଳଟୁଳ ନିତୀକୁ ବିରୋଧ କରି ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଚମ୍ପୁଆ ଉପଜିଲାପାଳ ପ୍ରତାପ ପ୍ରିତିମୟଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଚମ୍ପୁଆ ଓ ଭଣ୍ଡା ଲ୍ୟାମ୍ପସ ଅଧୀନରେ ଥିବା ଧାନ ମଣ୍ଡିରେ ଅବ୍ୟବସ୍ଥା ଲାଗିରହିଛି। ଧାନ ମଣ୍ଡିରେ ପଡିରହିଥିବା ଧାନ ପାଇଁ ଚାଷୀ ମଣ୍ଡିରେ ଜଗିରହିଛନ୍ତି। କେତେକ ସ୍ଥାନରେ ଚାଷୀ ଧାନ କୁଇଣ୍ଟାଲ ପିଛା ୧୦୦୦ ଟଙ୍କାରେ ବିକ୍ରି କରିବାକୁ ବାଧ୍ୟ ହେଉଛି। ଅନ୍ୟପକ୍ଷରେ ମିଳିଥିବା ଟୋକନ ଅବଧି ଶେଷ ହେବାକୁ ବସିଲାଣି। ଏଥିପାଇଁ ମୋର୍ଚ୍ଚା ମିଲର ଓ ଲ୍ୟାମ୍ପର କର୍ମଚାରୀଙ୍କୁ ଦାୟୀ କରିବା ସହିତ ସରକାରଙ୍କ ଧାର୍ଯ୍ୟମୂଲ୍ୟ ଚାଷୀ ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାଦ୍ୱାରା ଚାଷୀମାନେ ଦଲାଲଙ୍କ ଦ୍ୱାରା ଶୋଷଣର ଶିକାର ହେଉଛନ୍ତି। ଚାଷୀଙ୍କ ଟୋକନ ଅବଧି ବଢାଇବା ସହିତ ଧାନମଣ୍ଡିରୁ ଧାନ ଉଠାଇ ଚାଷୀଙ୍କୁ ତାଙ୍କ ଅଧିକାର ପ୍ରଦାନ କରାଯାଉ ବୋଲି ଦାବି କରିଛନ୍ତି। ନଚେତ ଆଗକୁ ଆନ୍ଦୋଳନ କରାଯିବ ବୋଲି କୃଷକ ମୋର୍ଚ୍ଚା ପକ୍ଷରୁ ରାଧାକାନ୍ତ ମହାନ୍ତ, ବିଶ୍ୱନାଥ ନନ୍ଦ, ହେମ ବାରିକ ପ୍ରମୁଖ ଚେତାବନୀ ଦିଆଯାଇଛି।

## ଜାଲ୍ ପଟ୍ଟା ଦେଇ ଲକ୍ଷାଧିକ ଟଙ୍କା ଠକେଇ

**ରୂପସା,୨୨।୧( ଡିଏନଏ )**

ନିଜକୁ ତହସିଲ କର୍ମଚାରୀ କହି ନକଲି ଜମି ପଟ୍ଟା ଦେଇ ଲକ୍ଷାଧିକ ଟଙ୍କା ଠକି ନେଇଛନ୍ତି ଜଣେ ଯୁବକ। ଏମିତି ଏକ ଘଟଣା ଦେଖିବାକୁ ମିଳିଛି ବସ୍ତା ଥାନା ଅର୍ନ୍ତଗତ ସଦର ବ୍ଲକ ଅଞ୍ଚଳରେ। ସୂଚନା ଅନୁଯାୟୀ, ବସ୍ତା ଥାନା ଅନ୍ତର୍ଗତ କ୍ଷୀରଙ୍ଗ ଗ୍ରାମର ଉକ୍ତ ଯୁବକ ନିଜକୁ ତହସିଲ କାର୍ଯ୍ୟାଳୟ କର୍ମଚାରୀ ଭାବେ ପରିଚୟ ଦେଇ ସଦର ବ୍ଲକ ଅନ୍ତର୍ଗତ ଏଣ୍ଡ୍ରାଇ, ବେଲଦା, ରାଘବପୁର ଏବଂ ସାର୍ଥା ଗ୍ରାମର ୧୫ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଭୂଦାନ ଯୋଜନାରେ ଜମି ପଟ୍ଟା ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇ ପ୍ରତି ଜମିପଟ୍ଟା ପିଛା ୨୦ ହଜାର ଟଙ୍କା ଲେଖାଏ ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକି କରିନେଇଥିବା ଅଭିଯୋଗ ହୋଇଛି। ପରେ ଲୋକେ ପଟ୍ଟା ପାଇବା ପାଇଁ ବାରମ୍ବାର ଉକ୍ତ ଯୁବକଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଆଉ ଧରାଛୁଆଁ ଦେଉନାହାନ୍ତି। ତେବେ ଗତ କିଛି ମାସ ପୂର୍ବରୁ ଉକ୍ତ ଯୁବକ ଜଣକ ସମସ୍ତଙ୍କୁ ଖଣ୍ଡିଏ ଖଣ୍ଡିଏ ପଟ୍ଟା ଦେଇଥିଲେ। ପଟ୍ଟା ପାଇବା ପରେ ଲୋକେ ଖୁସି ହୋଇ ଯାଇଥିଲେ। ଏହାପରେ ସେମାନଙ୍କର ପିଲାମାନଙ୍କ ପାଠପଢା ପାଇଁ ଜାତିଗତ ପ୍ରମାଣପତ୍ର ବାହାର କରିବା ଲାଗି ଉକ୍ତ ପଟ୍ଟା ନେଇ ତହସିଲ ଅଫିସରେ ଦାଖଲ କରିବା ପରେ ସେଗୁଡ଼ିକ ନକଲି ବୋଲି ଜଣା ପଡ଼ିଥିଲା। ଧାର କରଜ କରି ଟଙ୍କା ଦେଇଥିବା ଗରିବ ଲୋକେ ଜମିପଟ୍ଟା ନକଲି ବୋଲି ଜାଣିବା ପରେ ଏବେ ସେମାନେ ଚିନ୍ତାରେ ପଡ଼ିଛନ୍ତି। ଏନେଇ ସେମାନେ ଟଙ୍କା ଫେରସ୍ତ ପାଇଁ ଉକ୍ତ ଯୁବକଙ୍କ ଘରକୁ ବାରମ୍ବାର ଦୌଡୁଥିଲେ ମଧ୍ୟ ସେ ଲୋକଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଗୁଣ୍ଡା ଲଗେଇ ମାରି ଦେବାର ଧମକ ଦେଉଥିବା ଅଭିଯୋଗ ହୋଇଛି। ଏନେଇ କାଳିଚରଣ ଦାସ, ସନ୍ତୋଷ କୁମାର ସିଂ, ରାଜକିଶୋର ଦାସ ପ୍ରମୁଖ ବସ୍ତା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ ଜାରି ରହିଥିବା ପୋଲିସ ସୂଚନା ଦେଇଛି।

## ପ୍ରାଣୀଧନ ଚିକିତ୍ସା ଶିବିର

**ଭଦ୍ରକ ଅଫିସ, ୨୨।୧**

ଭଦ୍ରକ ଜିଲା ପ୍ରାଣୀ ପାଳନ ଓ ପ୍ରାଣୀଧନ ଚିକିତ୍ସା ବିଭାଗ ମିଳିତ ସହଯୋଗରେ ଆଦାନୀ ଫାଉଣ୍ଡେଶନ ପକ୍ଷରୁ ଦ୍ୱିତୀୟ ପ୍ରାଣୀଧନ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଚାନ୍ଦବାଲି ବ୍ଲକ ଅଧୀନ ଦୋସିଙ୍ଗା ପଞ୍ଚାୟତ ବାଲିସାହି ଗ୍ରାମରେ ଆୟୋଜିତ ଏହି ଶିବିରରେ ୫୭ ପରିବାର ସାମିଲ ହୋଇଥିଲେ। ୩୦୦ରୁ ଉର୍ଦ୍ଧ୍ୱ ପ୍ରାଣୀଙ୍କ ଚିକିତ୍ସା କରାଯାଇଥିଲା। ଏହାବ୍ୟତୀତ ଜାତୀୟ ପ୍ରାଣୀଧନ ଟିକାକରଣ କାର୍ଯ୍ୟକ୍ରମରେ ୯୮ ଗୋରୁଙ୍କୁ ଫାଟୁଆ ରୋଗ ପ୍ରତିଷେଧକ ଟିକା ଦିଆଯାଇଥିଲା। ସ୍ୱାସ୍ଥ୍ୟର ଉନ୍ନତି ପାଇଁ ୨୮୮ ପ୍ରାଣୀଙ୍କୁ ସପ୍ଲିମେଣ୍ଟାରୀ ମିନେରାଲ ମିକ୍ସଚର ଖାଦ୍ୟ ଯୋଗାଇ ଦିଆଯିବା ସହ ନିୟମିତ ଭାବେ କୃମିନାଶକ ଓ ଟିକାକରଣ ପାଇଁ ପଶୁପାଳକମାନଙ୍କୁ ପରାମର୍ଶ ଦିଆଯାଇଥିଲା। ବ୍ଲକ ପ୍ରାଣୀ ଚିକିତ୍ସକ ଚିକିତ୍ସା କରିଥିବା ବେଳେ ଡ. ନିରଞ୍ଜନ ମୁଦୁଲି, କିଶୋର ପଣ୍ଡା, ଜଗଦୀଶ ବେହେରା, ବିରାଜ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

## ଆଧାର କାର୍ଡ ପାଇଁ ହୀନସ୍ତା

**ବୈଶିଙ୍ଗା, ୨୨।୧ (ଡି.ଏନ.ଏ.)**

■ ଦେଢ଼ ଲକ୍ଷ ଲୋକଙ୍କ ଲାଗି ଗୋଟିଏ କେନ୍ଦ୍ର
■ ଶୀତ କାକରରେ ଲମ୍ବାଧାଡ଼ି

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅଞ୍ଚଳର ଲୋକଙ୍କୁ ଆଧାରକାର୍ଡ ପାଇଁ ହୀନସ୍ତା ହେବାକୁ ପଡୁଛି। ନୂଆ ଆଧାର କାର୍ଡ ବନାଇବା କିମ୍ବା ପୁରୁଣା କାର୍ଡରେ ଆବଶ୍ୟକ ସଂଶୋଧନ କରିବା, ବ୍ଲକର ୨୪ ପଞ୍ଚାୟତର ବାସିନ୍ଦାଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ବ୍ଲକର ଦେଢ଼ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କ ଲାଗି ଏକମାତ୍ର ଆଧାର କେନ୍ଦ୍ର ବ୍ଲକ ପରିସରରେ ରହିଛି। ଯଥେଷ୍ଟ ମାନବ ସମ୍ବଳ ଏବଂ ଇଲେକ୍ଟ୍ରୋନିକ୍ସ ଉପକରଣ ନ ଥିବା ଏକ ବେସରକାରୀ ସଂସ୍ଥାକୁ ଏହି ଗୁରୁଦାୟିତ୍ୱ ଦେଇ ପ୍ରଶାସନ ଚୁପ୍ ବସିଥିବା ସାଧାରଣରେ ଅଭିଯୋଗ ହେଉଛି।

ମହାମାରୀ ସଂକ୍ରମଣ କାଳରେ ସକାଳ ୭ଟାରୁ ଆରମ୍ଭ ହୋଇଯାଉଛି ଲମ୍ବା ଲାଇନ। ଅଧିକାଂଶଙ୍କଠାରେ ମାସ୍କ ନାହିଁ କି ସାମାଜିକ ଦୂରତା ବି ଦେଖିବାକୁ ମିଳୁନି। ଭିଡ଼ ମଧ୍ୟରେ ଅନେକ ମହିଳା ସେମାନଙ୍କ ହାତରେ କଅଁଳା ଛୁଆ ଧରି ଠିଆ ହୋଇଥିବା ଦେଖାଯାଉଛି। ଜିଲାରେ ଏବେ ପ୍ରବଳ ଜାଡ଼ ସାଙ୍ଗକୁ ଘନ କୁହୁଡ଼ି ଲାଗି ରହିଥିଲେ ହେଁ ଦୈନିକ ପ୍ରାୟ ଦୁଇଶହ ଲୋକ ଆଧାର କାର୍ଡ ପାଇଁ ଆସୁଛନ୍ତି। ସନ୍ଧ୍ୟାରେ କିଛି ନିରାଶ ହୋଇ ଫେରି ଯାଉଛନ୍ତି। କେବେ କେବେ ରାତି ପର୍ଯ୍ୟନ୍ତ କାମ ଚାଲୁଥିବା ଦେଖିବାକୁ ମିଳୁଛି। ତେବେ ଭୌଗୋଳିକ ଦୃଷ୍ଟିକୋଣରୁ ବ୍ଲକର ଠିକ୍ କେନ୍ଦ୍ରସ୍ଥଳରେ ଏବଂ ବେତନଟୀ ବ୍ଲକଠାରୁ ୧୨ କି.ମି. ଦୂର ବୈଶିଙ୍ଗାଠାରେ ଅନ୍ୟ ଏକ ଆଧାର କେନ୍ଦ୍ର ସ୍ଥାପନ କରାଗଲେ ସୁଦୂର ଅଁଳା, ସଇତପୁର, ଚାଞ୍ଚିପଦା, ରଘୁପୁର, ଆମ୍ବଗଡ଼ିଆ, ପୁରୁଣିଆ, ମଇଁଶାସୋଳ, ଟିକାୟତପୁର, ପଣସିଆ, ଗଡଦେଉଳିଆ ଆଦି ପଞ୍ଚାୟତର ଲକ୍ଷାଧିକ ଜନସାଧାରଣ ଉପକୃତ ହୋଇପାରିବେ ବୋଲି ମତପ୍ରକାଶ ପାଇଛି।

ଏ ସମ୍ପର୍କରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଂଗ୍ରାମ କେଶରୀ ପରିଡ଼ାଙ୍କୁ ପଚାରିବାରୁ ସେ ସମସ୍ୟା ବାବଦରେ ସଚେତନ ଅଛନ୍ତି ଏବଂ ଖୁବ୍‌ଶୀଘ୍ର ଜିଲାପାଳଙ୍କ ନିକଟରେ ଉପସ୍ଥାପନ କରିବେ ବୋଲି କହିଛନ୍ତି।


ଆଧାରକେନ୍ଦ୍ରରେ ଲମ୍ବାଧାଡ଼ିରେ ଠିଆ ହୋଇଛନ୍ତି ଲୋକେ।

### ଘନକୁହୁଡ଼ି ବଳୟରେ ପାଟଣା

**ପାଟଣା,୨୨।୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ଅଞ୍ଚଳରେ ଶନିବାର ଘନ କୁହୁଡି ଆସ୍ତରଣ ଯୋଗୁ ଦିନ ୧୦ଟା ପର୍ଯ୍ୟନ୍ତ ଯାନବାହନ ଚଳାଚଳ ସହ ଗମନାଗମନରେ ବ୍ୟାଘାତ ସୃଷ୍ଟି ହୋଇଛି। କୁହୁଡି ଆସ୍ତରଣରେ ପାଟଣା ଅଞ୍ଚଳର ରାସ୍ତାଘାଟ, କୋଠା, ବୃକ୍ଷ ଢାଙ୍କି ହୋଇଥିବାରୁ ମୁହଁକୁ ମୁହଁ ଦୃଶ୍ୟମାନ ହେଉନାହିଁ। ଫଳରେ ବାଇକ୍, କାର, ଟ୍ରକ୍ ଓ ବସ୍ ଚାଳକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବଡ଼ ବଡ଼ ଗାଡ଼ିଗୁଡ଼ିକ ଇଣ୍ଡିକେଟର ଦେଇ ରାସ୍ତା ଉପରେ ଛିଡା ହୋଇରହିଛନ୍ତି। ଫଳରେ ୪୯ ନମ୍ବର ମୁମ୍ବାଇ କୋଲକାତା ଜାତୀୟ ରାଜପଥରେ ଗାଡି ଚଳାଚଳ କରିପାରିନାହିଁ।

### ସଡ଼କ ଦୁର୍ଘଟଣାରେ ଚାଲିଗଲା ୨ ଜୀବନ

**ବାରିପଦା ଅଫିସ,୨୨।୧**

ମୟୂରଭଞ୍ଜ ଜିଲା ବାରିପଦା–ଚକଶୁଳିଆପଦା ରାସ୍ତାର ଚାନ୍ଦୁଆ ଥାନା ଦେଉଳି ନିକଟ ମଶିଣାକାଠି ଛକରେ ଗୁରୁବାର ରାତିରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ବାଇକ୍ ଚାଳକଙ୍କ ସମେତ ୨ ଯୁବକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ସେମାନେ ହେଲେ ଚୁହାଟ ପଞ୍ଚାୟତ ଜାମଶୋଳା ଗ୍ରାମର ରାଜୁ ହାଁସଦା ଓ ସାଲଖାନ ସୋରେନ। ସୂଚନା ଅନୁଯାୟୀ, ସେମାନେ ବାରିପଦାରୁ ଘରକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ପିକ୍‌ଅପ୍ ଭ୍ୟାନ୍ ଧକ୍କା ଦେଇଥିଲା। ଚାନ୍ଦୁଆ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଏନେଇ ଥାନାରେ ଏକ ଦୁର୍ଘଟଣା ମାମଲା ରୁଜୁ ସହ ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରାଯାଇଛି।

### ନଦୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ଉଦଳା, ୨୨।୧(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଉଦଳା ଥାନା ଶାଳଖୁଣ୍ଟାର ଜଣେ ଯୁବକ ସ୍ଥାନୀୟ ନଦୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ମୃତକ ହେଲେ କାଳିଦାସ ବାସ୍କେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ସମ୍ଭାଗସ୍ତରୀୟ ଗଣିତ ପ୍ରଶ୍ନମଞ୍ଚ

**କେନ୍ଦୁଝର, ୨୨।୧(ଡି.ଏନ.ଏ./ସ୍ୱ.ପ୍ର.)**

ସମ୍ଭାଗସ୍ତରୀୟ ଗଣିତ ପ୍ରଶ୍ନମଞ୍ଚ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କେନ୍ଦୁଝରଗଡଠାରେ ଅନ୍‌ଲାଇନ ମାଧ୍ୟମରେ ଶନିବାର ଅନୁଷ୍ଠିତ ହୋଇଥିଲା। ମୟୂରଭଞ୍ଜ ବିଭାଗ ନିରୀକ୍ଷକ ହରିଶ୍ଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ନିର୍ଣ୍ଣାୟକ ଭାବେ ପୂର୍ବତନ ଚମ୍ପୁଆ ବ୍ଲକ ଶିକ୍ଷାଧିକାରୀ ପ୍ରସନ୍ନ କୁମାର ରଥ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦ୍ୱାରିକାନାଥ ସାହୁ ଓ ବିଦ୍ୟାଳୟ ପରିଚାଳନା ସମିତିର ସହ ସମ୍ପାଦକ ରଞ୍ଜନ ନାୟକ ଯୋଗ ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି ପରିଚୟ ପ୍ରଦାନ କରିଥିଲେ। ସୁଶାନ୍ତ ଗିରି (ସମ୍ଭାଗ ଗଣିତ ପ୍ରମୁଖ) ପରିଚାଳନା କରିଥିଲେ। ବାଲବର୍ଗ ପ୍ରଶ୍ନମଞ୍ଚ ପ୍ରତିଯୋଗିତାରେ ପ୍ରଥମ ସ୍ଥାନରେ କେନ୍ଦୁଝରଗଡ ଶିଶୁମନ୍ଦିରର ଆୟୁଷ୍ମାନ ଜେନା, ସ୍ୱସ୍ତିକ ଦାଶ, ଅଂଶୁମାନ ଶତପଥି ଓ ବାଲବର୍ଗ ପତ୍ରବାଚନରେ ପ୍ରଥମ ସ୍ଥାନରେ ମୟୂରଭଞ୍ଜ ଜିଲାର ରାଇରଙ୍ଗପୁର ଶିଶୁମନ୍ଦିର ଶୁଭସ୍ମିତା ମହାନ୍ତ ମନୋନୀତ ହୋଇଛନ୍ତି। ସେହିପରି କିଶୋର ବର୍ଗ ପ୍ରଶ୍ନମଞ୍ଚରେ ପ୍ରଥମ ସ୍ଥାନରେ ବଡବିଲର ସତ୍ୟନାରାୟଣ ପାଢୀ, ଚିରଞ୍ଜିତ ମହାନ୍ତ, ଶକ୍ତିରଞ୍ଜନ ସାହୁ, କିଶୋର ବର୍ଗ ପତ୍ରବାଚନରେ କେନ୍ଦୁଝରଗଡ ଶିଶୁମନ୍ଦିରର ମୁକେଶ କୁମାର ସାହୁ ପ୍ରଥମ ସ୍ଥାନ ଅଧିକାର କରି ଆସନ୍ତା ୨୭ ଓ ୨୮ ତାରିଖରେ ହେବାକୁ ଥିବା ପ୍ରାନ୍ତସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି।

### ଅବକାରୀ ଚଢ଼ାଉ: ୧୫୦ ଲିଟର ମଦ ଜବତ

**ସଜନାଗଡ଼,୨୨।୧(ଡି.ଏନ.ଏ.)–** ବାଲେଶ୍ୱର ଜିଲା ନୀଳଗିରିସ୍ଥିତ କୁଲଡିହା ଅଭୟାରଣ୍ୟର ପାଦଦେଶରେ ଶନିବାର ଅବକାରୀ ବିଭାଗ ଚଢ଼ାଉ କରି ୨୫୦୦ ଲିଟର ପୋଚ, ୧୫୦ଲିଟର ଦେଶୀ ମଦ ଜବତ କରିଛି। ଚଢ଼ାଉ ସୂଚନା ପାଇ ମଦ ବେପାରୀମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ବାଲେଶ୍ୱର ଅବକାରୀ ଇନିସ୍‌ପେକ୍ଟର ନାରାୟଣ ବେହେରାଙ୍କ ନେତୃତ୍ୱରେ ବାଲେଶ୍ୱର ମୋବାଇଲ ସ୍କ୍ୱାଡ୍, ନୀଳଗିରି ଅବକାରୀ ଓ.ଆଇ.ସି., ଖଇରା ଅବକାରୀ ଓ.ଆଇ.ସି.ଙ୍କ ସମେତ ଅବକାରୀ କର୍ମଚାରୀ ସିଆଡ଼ିମାଳ, ବନ୍ଧସାହି, ବାବନ୍ଧ ଫରେଷ୍ଟ ଏରିଆ ମଧ୍ୟରେ ଚାଲିଥିବା ବେଆଇନ ମଦ ରନ୍ଧା ସ୍ଥାନ ଉପରେ ଚଢ଼ାଉ କରିଥିଲେ।

# OFFICE OF THE COMPETENT AUTORITY OF LAND ACQUISITION CUM TAHASILDAR, ASKA

No.426 Date. 21.01.2022

## PUBLIC NOTICE

In exercise of powers conferred by sub-section (3) of section 3A of the National Highways Act, 1956 (48 of 1956) (hereinafter referred to as the said Act), the Central Government, after being satisfied that for the public purpose, the land, the brief description of which is given in the Schedule below, is required for Widening and strengthening to two lane with paved shoulders from km 296.500 to 336.500(Mundamarai to Ratnapur Section) of NH-59 in the state of ODISHA under NH(O) on EPC Mode under Annual plan 2020-21, hereby declares its intention to acquire such land. Any person interested in the said land may, within twenty-one days from the date of publication of this notification in the Official Gazette, object to the use of such land for the aforesaid purpose under subsection(1) of section 3C of the said Act. Every such objection shall be made to the Competent Authority, namely, Tahasildar, Aska in writing and shall set out the grounds thereof and the Competent Authority shall give the objector an opportunity of being heard, either in person or by a legal practitioner, and may, after hearing all such objections and after making such further enquiry, if any, as the Competent Authority thinks necessary, by order, either allow or disallow the objections. Any order made by the Competent Authority under sub-section (2) of section 3C of the said Act shall be final. The land plans and other details of the land to be acquired under their notification are available and can be inspected by the interested person at the aforesaid office of the Competent Authority.

Competent Authority of Land Acquisition
Cum
Tahasildar, Aska

### MINISTRY OF ROAD TRANSPORT AND HIGHWAYS
### NOTIFICATION

**New Delhi, the 11th November, 2021**

S.O. 4662(E).—In exercise of powers conferred by sub-section (3) of section 3A of the National Highways Act, 1956 (48 of 1956) (hereinafter referred to as the said Act), the Central Government, after being satisfied that for the public purpose, the land, the brief description of which is given in the Schedule below, is required for Widening and strengthening to two lane with paved shoulders from km 296.500 to 336.500(Mundamarai to Ratnapur Section) of NH-59 in the state of ODISHA under NH(O) on EPC Mode under Annual plan 2020-21, hereby declares its intention to acquire such land.

Any person interested in the said land may, within twenty-one days from the date of publication of this notification in the Official Gazette, object to the use of such land for the aforesaid purpose under subsection (1) of section 3C of the said Act.

Every such objection shall be made to the Competent Authority, namely, Tahasildar, Asika in writing and shall set out the grounds thereof and the Competent Authority shall give the objector an opportunity of being heard, either in person or by a legal practitioner, and may, after hearing all such objections and after making such further enquiry, if any, as the Competent Authority thinks necessary, by order, either allow or disallow the objections.

Any order made by the Competent Authority under sub-section (2) of section 3C of the said Act shall be final.

The land plans and other details of the land to be acquired under their notification are available and can be inspected by the interested person at the aforesaid office of the Competent Authority.

### SCHEDULE

**Brief Description of the land to be acquired with or without structure falling within the stretch of land from Km 296.500 to km 336.500 (Mundamarai to Ratnapur Section) of the NH-59 in the district of Ganjam in the State of Odisha**

**State: ODISHA District: GANJAM**

| Sl. No. | Survey/ Plot Number | Type of Land | Nature of Land | Area (in Local Unit) | Area (in Hectare) |
|---|---|---|---|---|---|
| **Taluk: ASIKA** | | | | | |
| **Village: Kalasandhapur** | | | | | |
| 1 | 1229 | Private | AJA | 0.0340000(Hectare) | 0.0340000 |
| 2 | 1230 | Private | RAYATI | 0.1680000(Hectare) | 0.1680000 |
| 3 | 1234 | Private | RAYATI | 0.0050000(Hectare) | 0.0050000 |
| 4 | 1235 | Private | RAYATI | 0.0130000(Hectare) | 0.0130000 |
| 5 | 1236 | Private | RAYATI | 0.0160000(Hectare) | 0.0160000 |
| 6 | 1238 | Private | RAYATI | 0.0080000(Hectare) | 0.0080000 |
| 7 | 1243 | Private | RAYATI | 0.0300000(Hectare) | 0.0300000 |
| 8 | 1244 | Private | RAYATI | 0.0080000(Hectare) | 0.0080000 |
| 9 | 1245 | Private | RAYATI | 0.0640000(Hectare) | 0.0640000 |
| 10 | 1246 | Private | RAYATI | 0.0240000(Hectare) | 0.0240000 |
| 11 | 1255 | Private | RAYATI | 0.0550000(Hectare) | 0.0550000 |
| 12 | 1256 | Private | RAYATI | 0.0240000(Hectare) | 0.0240000 |
| 13 | 1257 | Private | RAYATI | 0.0260000(Hectare) | 0.0260000 |
| 14 | 1260 | Private | RAYATI | 0.0580000(Hectare) | 0.0580000 |
| 15 | 1264 | Private | RAYATI | 0.0910000(Hectare) | 0.0910000 |
| 16 | 1265 | Private | RAYATI | 0.0780000(Hectare) | 0.0780000 |
| 17 | 1279 | Private | RAYATI | 0.0580000(Hectare) | 0.0580000 |
| 18 | 1280 | Private | RAYATI | 0.0240000(Hectare) | 0.0240000 |
| 19 | 1281 | Private | RAYATI | 0.0380000(Hectare) | 0.0380000 |
| 20 | 1284 | Private | RAYATI | 0.0190000(Hectare) | 0.0190000 |
| 21 | 1285 | Private | RAYATI | 0.0170000(Hectare) | 0.0170000 |
| 22 | 1286 | Private | RAYATI | 0.0150000(Hectare) | 0.0150000 |
| 23 | 1287 | Private | RAYATI | 0.0240000(Hectare) | 0.0240000 |
| 24 | 1288 | Private | RAYATI | 0.1020000(Hectare) | 0.1020000 |
| 25 | 1293 | Private | RAYATI | 0.0390000(Hectare) | 0.0390000 |
| 26 | 1294 | Private | RAYATI | 0.0300000(Hectare) | 0.0300000 |
| 27 | 1321 | Private | RAYATI | 0.0040000(Hectare) | 0.0040000 |
| 28 | 1322 | Private | RAYATI | 0.0200000(Hectare) | 0.0200000 |
| 29 | 1323 | Private | RAYATI | 0.1120000(Hectare) | 0.1120000 |
| 30 | 1324 | Private | RAYATI | 0.0110000(Hectare) | 0.0110000 |
| 31 | 1326 | Government | GOCHARA | 0.0300000(Hectare) | 0.0300000 |
| 32 | 1342 | Government | AJA | 0.0150000(Hectare) | 0.0150000 |
| 33 | 1343 | Private | RAYATI | 0.1970000(Hectare) | 0.1970000 |
| 34 | 1344 | Private | RAYATI | 0.0860000(Hectare) | 0.0860000 |
| 35 | 1354 | Government | AJA | 0.0430000(Hectare) | 0.0430000 |
| 36 | 1355 | Private | RAYATI | 0.0830000(Hectare) | 0.0830000 |
| 37 | 1356 | Private | RAYATI | 0.0260000(Hectare) | 0.0260000 |
| 38 | 1357 | Private | RAYATI | 0.0110000(Hectare) | 0.0110000 |
| 39 | 1358 | Private | RAYATI | 0.0110000(Hectare) | 0.0110000 |
| 40 | 1359 | Private | RAYATI | 0.0110000(Hectare) | 0.0110000 |
| 41 | 1360 | Private | RAYATI | 0.0160000(Hectare) | 0.0160000 |
| 42 | 1361 | Private | RAYATI | 0.0190000(Hectare) | 0.0190000 |
| 43 | 1362 | Private | RAYATI | 0.0190000(Hectare) | 0.0190000 |
| 44 | 1363 | Private | RAYATI | 0.0390000(Hectare) | 0.0390000 |
| 45 | 1366 | Private | RAYATI | 0.0240000(Hectare) | 0.0240000 |
| 46 | 1367 | Private | RAYATI | 0.0320000(Hectare) | 0.0320000 |
| 47 | 1369 | Private | RAYATI | 0.0040000(Hectare) | 0.0040000 |
| 48 | 1373 | Private | RAYATI | 0.0120000(Hectare) | 0.0120000 |
| 49 | 1375 | Private | RAYATI | 0.0380000(Hectare) | 0.0380000 |
| 50 | 1376 | Private | RAYATI | 0.0050000(Hectare) | 0.0050000 |
| 51 | 1378 | Private | RAYATI | 0.0220000(Hectare) | 0.0220000 |
| 52 | 1380 | Private | RAYATI | 0.0590000(Hectare) | 0.0590000 |
| 53 | 1386 | Private | RAYATI | 0.0030000(Hectare) | 0.0030000 |
| 54 | 1387 | Private | RAYATI | 0.0270000(Hectare) | 0.0270000 |
| 55 | 1388 | Private | RAYATI | 0.0300000(Hectare) | 0.0300000 |
| 56 | 1389 | Private | RAYATI | 0.0280000(Hectare) | 0.0280000 |
| 57 | 1390 | Private | RAYATI | 0.0150000(Hectare) | 0.0150000 |
| 58 | 1392 | Private | RAYATI | 0.0220000(Hectare) | 0.0220000 |
| 59 | 1393 | Private | RAYATI | 0.0200000(Hectare) | 0.0200000 |
| 60 | 1435 | Private | RAYATI | 0.0450000(Hectare) | 0.0450000 |
| 61 | 1436 | Private | RAYATI | 0.0520000(Hectare) | 0.0520000 |
| 62 | 1437 | Private | RAYATI | 0.0390000(Hectare) | 0.0390000 |
| 63 | 1438 | Private | RAYATI | 0.0230000(Hectare) | 0.0230000 |
| 64 | 1439 | Private | RAYATI | 0.0350000(Hectare) | 0.0350000 |
| 65 | 1440 | Private | RAYATI | 0.0220000(Hectare) | 0.0220000 |
| 66 | 1441 | Private | RAYATI | 0.0590000(Hectare) | 0.0590000 |
| 67 | 1442 | Private | RAYATI | 0.0440000(Hectare) | 0.0440000 |
| 68 | 1443 | Private | RAYATI | 0.0220000(Hectare) | 0.0220000 |
| **Taluk: Dharakote** | | | | | |
| **Village: Bariguda** | | | | | |
| 1 | 255 | Private | RAYATI | 0.0050000(Hectare) | 0.0050000 |
| 2 | 256 | Private | RAYATI | 0.0170000(Hectare) | 0.0170000 |
| 3 | 268 | Private | RAYATI | 0.0220000(Hectare) | 0.0220000 |
| 4 | 269 | Private | RAYATI | 0.0460000(Hectare) | 0.0460000 |
| 5 | 270 | Private | RAYATI | 0.0390000(Hectare) | 0.0390000 |
| 6 | 274 | Private | RAYATI | 0.0540000(Hectare) | 0.0540000 |
| 7 | 275 | Private | RAYATI | 0.0220000(Hectare) | 0.0220000 |
| 8 | 277 | Private | RAYATI | 0.0090000(Hectare) | 0.0090000 |
| 9 | 280 | Private | RAYATI | 0.0050000(Hectare) | 0.0050000 |
| **Village: Bodarasing** | | | | | |
| 1 | 249 | Private | RAYATI | 0.0550000(Hectare) | 0.0550000 |
| 2 | 253 | Government | BDP-1 | 0.0510000(Hectare) | 0.0510000 |
| **Village: Ghasibilli** | | | | | |
| 1 | 111 | Private | RAYATI | 0.0080000(Hectare) | 0.0080000 |
| 2 | 112 | Private | RAYATI | 0.0090000(Hectare) | 0.0090000 |
| 3 | 113 | Private | RAYATI | 0.1540000(Hectare) | 0.1540000 |
| 4 | 114 | Private | RAYATI | 0.0030000(Hectare) | 0.0030000 |
| 5 | 121 | Private | BDP-1 | 0.0020000(Hectare) | 0.0020000 |
| 6 | 122 | Private | BDP-1 | 0.0020000(Hectare) | 0.0020000 |
| 7 | 124 | Private | BDP-1 | 0.0230000(Hectare) | 0.0230000 |
| 8 | 125 | Private | BDP-1 | 0.0150000(Hectare) | 0.0150000 |
| 9 | 126 | Private | RAYATI | 0.0660000(Hectare) | 0.0660000 |
| 10 | 127 | Private | RAYATI | 0.0230000(Hectare) | 0.0230000 |
| 11 | 130 | Government | CANAL ADI | 0.0220000(Hectare) | 0.0220000 |
| 12 | 131 | Private | RAYATI | 0.0260000(Hectare) | 0.0260000 |
| 13 | 132 | Private | RAYATI | 0.0100000(Hectare) | 0.0100000 |
| 14 | 133 | Private | RAYATI | 0.0140000(Hectare) | 0.0140000 |
| 15 | 134 | Private | RAYATI | 0.0090000(Hectare) | 0.0090000 |
| 16 | 135 | Private | RAYATI | 0.0180000(Hectare) | 0.0180000 |
| 17 | 136 | Private | RAYATI | 0.0280000(Hectare) | 0.0280000 |
| 18 | 137 | Private | RAYATI | 0.0420000(Hectare) | 0.0420000 |
| 19 | 138 | Private | RAYATI | 0.0320000(Hectare) | 0.0320000 |
| 20 | 139 | Private | RAYATI | 0.0080000(Hectare) | 0.0080000 |
| 21 | 142 | Private | RAYATI | 0.0500000(Hectare) | 0.0500000 |
| 22 | 143 | Private | RAYATI | 0.0610000(Hectare) | 0.0610000 |
| 23 | 144 | Private | BDP-1 | 0.1400000(Hectare) | 0.1400000 |
| 24 | 145 | Government | ROAD | 0.0190000(Hectare) | 0.0190000 |
| 25 | 146 | Government | CANALADI | 0.0080000(Hectare) | 0.0080000 |
| 26 | 147 | Private | BDP-1 | 0.0010000(Hectare) | 0.0010000 |
| 27 | 20 | Private | RAYATI | 0.0360000(Hectare) | 0.0360000 |
| 28 | 21 | Private | GHARABARI | 0.0030000(Hectare) | 0.0030000 |
| 29 | 31 | Private | RAYATI | 0.0070000(Hectare) | 0.0070000 |
| 30 | 32 | Private | RAYATI | 0.0190000(Hectare) | 0.0190000 |
| 31 | 34 | Private | RAYATI | 0.0260000(Hectare) | 0.0260000 |
| 32 | 35 | Private | RAYATI | 0.0260000(Hectare) | 0.0260000 |
| 33 | 36 | Private | RAYATI | 0.1080000(Hectare) | 0.1080000 |
| 34 | 37 | Private | RAYATI | 0.0250000(Hectare) | 0.0250000 |
| 35 | 39 | Private | RAYATI | 0.0570000(Hectare) | 0.0570000 |
| 36 | 40 | Private | RAYATI | 0.0100000(Hectare) | 0.0100000 |
| 37 | 41 | Private | RAYATI | 0.0480000(Hectare) | 0.0480000 |
| 38 | 42 | Private | RAYATI | 0.0020000(Hectare) | 0.0020000 |
| 39 | 604 | Private | RAYATI | 0.2750000(Hectare) | 0.2750000 |
| 40 | 606 | Private | RAYATI | 0.0880000(Hectare) | 0.0880000 |
| 41 | 607 | Private | RAYATI | 0.0710000(Hectare) | 0.0710000 |
| 42 | 608 | Private | RAYATI | 0.0550000(Hectare) | 0.0550000 |
| 43 | 623 | Private | RAYATI | 0.2960000(Hectare) | 0.2960000 |
| 44 | 624 | Private | RAYATI | 0.0500000(Hectare) | 0.0500000 |
| 45 | 625 | Private | BDP-1 | 0.1480000(Hectare) | 0.1480000 |
| 46 | 64 | Private | RAYATI | 0.1020000(Hectare) | 0.1020000 |
| 47 | 65 | Private | BDP-2 | 0.0060000(Hectare) | 0.0060000 |
| 48 | 66 | Private | BDP-2 | 0.0030000(Hectare) | 0.0030000 |
| 49 | 67 | Private | BDP-2 | 0.0010000(Hectare) | 0.0010000 |
| 50 | 69 | Private | BDP-1 | 0.1050000(Hectare) | 0.1050000 |
| 51 | 70 | Government | CANALADI | 0.0280000(Hectare) | 0.0280000 |
| 52 | 71 | Government | PANI NALA | 0.0270000(Hectare) | 0.0270000 |
| 53 | 72 | Government | CANALADI | 0.0100000(Hectare) | 0.0100000 |
| 54 | 97 | Government | CANAL | 0.0080000(Hectare) | 0.0080000 |
| **Village: Kaithada Ramachandrapur** | | | | | |
| 1 | 1012 | Private | BILA JOLA SACHITA DO PHASALI | 0.0010000(Hectare) | 0.0010000 |
| 2 | 1014 | Private | BILA JOLA SACHITA DO PHASALI | 0.0010000(Hectare) | 0.0010000 |
| 3 | 1015 | Private | BILA JOLA SACHITA DO PHASALI | 0.0120000(Hectare) | 0.0120000 |
| 4 | 1025 | Private | BILA JOLA SACHITA DO PHASALI | 0.0030000(Hectare) | 0.0030000 |
| 5 | 1026 | Private | BILA JOLA SACHITA DO PHASALI | 0.0020000(Hectare) | 0.0020000 |
| 6 | 1027 | Private | BILA JOLA SACHITA DO PHASALI | 0.0050000(Hectare) | 0.0050000 |
| 7 | 1028 | Private | BILA JOLA SACHITA DO PHASALI | 0.0020000(Hectare) | 0.0020000 |
| 8 | 1029 | Private | BILA JOLA SACHITA DO PHASALI | 0.0030000(Hectare) | 0.0030000 |
| 9 | 1030 | Private | BILA JOLA SACHITA DO PHASALI | 0.0050000(Hectare) | 0.0050000 |
| 10 | 1207 | Private | GHARABARI | 0.0050000(Hectare) | 0.0050000 |
| 11 | 1208 | Private | PATITA | 0.0030000(Hectare) | 0.0030000 |
| 12 | 1209 | Private | GHARABARI | 0.0030000(Hectare) | 0.0030000 |
| 13 | 1213 | Private | JALASAYA-4 | 0.0070000(Hectare) | 0.0070000 |
| 14 | 194 | Private | BILA JOLA SACHITA DO PHASALI | 0.0050000(Hectare) | 0.0050000 |
| 15 | 258 | Private | BILA JOLA SACHITA DO PHASALI | 0.0150000(Hectare) | 0.0150000 |
| 16 | 259 | Private | BILA JOLA SACHITA DO PHASALI | 0.0340000(Hectare) | 0.0340000 |
| 17 | 260 | Private | BILA JOLA SACHITA DO PHASALI | 0.0080000(Hectare) | 0.0080000 |
| 18 | 264 | Private | BILA JOLA SACHITA DO PHASALI | 0.0010000(Hectare) | 0.0010000 |
| 19 | 265 | Private | BILA JOLA SACHITA DO PHASALI | 0.0020000(Hectare) | 0.0020000 |
| 20 | 268 | Private | BILA JOLA SACHITA DO PHASALI | 0.0020000(Hectare) | 0.0020000 |
| 21 | 269 | Private | BILA JOLA SACHITA DO PHASALI | 0.0030000(Hectare) | 0.0030000 |
| 22 | 271 | Private | BILA JOLA SACHITA DO PHASALI | 0.0190000(Hectare) | 0.0190000 |
| 23 | 272 | Private | BILA JOLA SACHITA DO PHASALI | 0.0070000(Hectare) | 0.0070000 |
| 24 | 273 | Private | BILA JOLA SACHITA DO PHASALI | 0.0100000(Hectare) | 0.0100000 |
| 25 | 274 | Private | BILA JOLA SACHITA DO PHASALI | 0.0070000(Hectare) | 0.0070000 |
| 26 | 275 | Private | BILA JOLA SACHITA DO PHASALI | 0.0060000(Hectare) | 0.0060000 |
| 27 | 276 | Private | BILA JOLA SACHITA DO PHASALI | 0.0080000(Hectare) | 0.0080000 |
| 28 | 278 | Private | BILA JOLA SACHITA DO PHASALI | 0.0260000(Hectare) | 0.0260000 |
| 29 | 281 | Private | BILA JOLA SACHITA DO PHASALI | 0.0160000(Hectare) | 0.0160000 |
| 30 | 282 | Private | BILA JOLA SACHITA DO PHASALI | 0.0390000(Hectare) | 0.0390000 |
| 31 | 307 | Private | BILA JOLA SACHITA DO PHASALI | 0.0220000(Hectare) | 0.0220000 |
| 32 | 308 | Private | BILA JOLA SACHITA DO PHASALI | 0.0170000(Hectare) | 0.0170000 |
| 33 | 310 | Private | BILA JOLA SACHITA DO PHASALI | 0.0070000(Hectare) | 0.0070000 |
| 34 | 316 | Private | BILA JOLA SACHITA DO PHASALI | 0.0010000(Hectare) | 0.0010000 |
| 35 | 317 | Private | BILA JOLA SACHITA DO PHASALI | 0.0010000(Hectare) | 0.0010000 |
| 36 | 318 | Private | BILA JOLA SACHITA DO PHASALI | 0.0020000(Hectare) | 0.0020000 |
| 37 | 319 | Private | BILA JOLA SACHITA DO PHASALI | 0.0030000(Hectare) | 0.0030000 |
| 38 | 323 | Private | JALASAYA-2 | 0.0010000(Hectare) | 0.0010000 |
| 39 | 324 | Private | JALASAYA-3 | 0.0110000(Hectare) | 0.0110000 |
| 40 | 327/1501 | Private | BILA JOLA SACHITA DO PHASALI | 0.0130000(Hectare) | 0.0130000 |
| 41 | 329 | Private | BAGAYATA 2 | 0.0090000(Hectare) | 0.0090000 |
| 42 | 330 | Private | BILA JOLA SACHITA DO PHASALI | 0.0070000(Hectare) | 0.0070000 |
| 43 | 764 | Private | BILA JOLA SACHITA DO PHASALI | 0.0330000(Hectare) | 0.0330000 |
| 44 | 815 | Private | BILA JALA SECHITA DOPHASALI | 0.0040000(Hectare) | 0.0040000 |
| 45 | 816 | Private | BILA JOLA SACHITA DO PHASALI | 0.0020000(Hectare) | 0.0020000 |
| 46 | 817 | Private | BILA JOLA SACHITA DO PHASALI | 0.0020000(Hectare) | 0.0020000 |
| 47 | 820 | Private | BILA JOLA SACHITA DO PHASALI | 0.0040000(Hectare) | 0.0040000 |
| 48 | 821 | Private | BILA JOLA SACHITA DO PHASALI | 0.0050000(Hectare) | 0.0050000 |
| 49 | 909 | Private | GHARABARI | 0.0010000(Hectare) | 0.0010000 |
| 50 | 909/1500 | Private | GHARABARI | 0.0010000(Hectare) | 0.0010000 |
| 51 | 909/1503 | Private | GHARABARI | 0.0010000(Hectare) | 0.0010000 |
| 52 | 910 | Private | GHARABARI | 0.0010000(Hectare) | 0.0010000 |
| 53 | 911 | Private | GHARABARI | 0.0010000(Hectare) | 0.0010000 |
| 54 | 912 | Private | GHARABARI | 0.0050000(Hectare) | 0.0050000 |
| 55 | 913 | Government | PATITA | 0.0020000(Hectare) | 0.0020000 |
| 56 | 914 | Government | PATITA | 0.0010000(Hectare) | 0.0010000 |
| 57 | 915 | Government | PATITA | 0.0010000(Hectare) | 0.0010000 |
| **Village: Kara Rajendrapur** | | | | | |
| 1 | 24 | Private | RAYATI | 0.0400000(Hectare) | 0.0400000 |
| 2 | 318 | Private | RAYATI | 0.0250000(Hectare) | 0.0250000 |
| 3 | 37 | Private | RAYATI | 0.0190000(Hectare) | 0.0190000 |
| 4 | 39 | Private | RAYATI | 0.0480000(Hectare) | 0.0480000 |
| 5 | 47 | Private | RAYATI | 0.0500000(Hectare) | 0.0500000 |
| **Village: Kusuraba** | | | | | |
| 1 | 189 | Private | RAYATI | 0.0040000(Hectare) | 0.0040000 |
| 2 | 190 | Government | ABADA JOGYA ANABADI | 0.0110000(Hectare) | 0.0110000 |
| 3 | 202 | Government | ABADA JOGYA ANABADI | 0.0010000(Hectare) | 0.0010000 |
| 4 | 203 | Private | RAYATI | 0.0050000(Hectare) | 0.0050000 |
| 5 | 204 | Private | BILA JOLA SACHITA DO PHASALI | 0.0010000(Hectare) | 0.0010000 |
| 6 | 244 | Private | RAYATI | 0.0020000(Hectare) | 0.0020000 |
| 7 | 245 | Private | RAYATI | 0.0150000(Hectare) | 0.0150000 |
| 8 | 247 | Private | RAYATI | 0.0170000(Hectare) | 0.0170000 |
| 9 | 248 | Private | RAYATI | 0.0070000(Hectare) | 0.0070000 |
| 10 | 249 | Private | RAYATI | 0.0050000(Hectare) | 0.0050000 |
| 11 | 266 | Private | RAYATI | 0.0250000(Hectare) | 0.0250000 |
| 12 | 36 | Private | RAYATI | 0.0150000(Hectare) | 0.0150000 |
| 13 | 37 | Private | RAYATI | 0.0230000(Hectare) | 0.0230000 |
| 14 | 44 | Private | RAYATI | 0.0430000(Hectare) | 0.0430000 |
| 15 | 695 | Government | SARBASADHARANA | 0.0040000(Hectare) | 0.0040000 |
| 16 | 696 | Government | ABADA JOGYA ANABADI | 0.0070000(Hectare) | 0.0070000 |
| 17 | 697 | Private | RAYATI | 0.0140000(Hectare) | 0.0140000 |
| 18 | 7 | Government | SARBASADHARANA | 0.0030000(Hectare) | 0.0030000 |
| 19 | 700 | Private | RAYATI | 0.0040000(Hectare) | 0.0040000 |
| 20 | 701 | Private | RAYATI | 0.0010000(Hectare) | 0.0010000 |
| 21 | 705 | Private | RAYATI | 0.0210000(Hectare) | 0.0210000 |
| 22 | 706 | Private | RAYATI | 0.0180000(Hectare) | 0.0180000 |
| 23 | 710 | Private | RAYATI | 0.0320000(Hectare) | 0.0320000 |
| 24 | 711 | Private | RAYATI | 0.0030000(Hectare) | 0.0030000 |
| 25 | 712 | Private | RAYATI | 0.0380000(Hectare) | 0.0380000 |
| 26 | 713 | Private | RAYATI | 0.0010000(Hectare) | 0.0010000 |
| 27 | 714 | Government | SARBASADHARANA | 0.0080000(Hectare) | 0.0080000 |
| 28 | 716 | Private | RAYATI | 0.0180000(Hectare) | 0.0180000 |
| 29 | 717 | Private | RAYATI | 0.0110000(Hectare) | 0.0110000 |
| 30 | 718 | Private | RAYATI | 0.0130000(Hectare) | 0.0130000 |
| 31 | 719 | Government | ABADA JOGYA ANABADI | 0.0020000(Hectare) | 0.0020000 |
| 32 | 781 | Private | RAYATI | 0.0010000(Hectare) | 0.0010000 |
| 33 | 783 | Private | RAYATI | 0.0300000(Hectare) | 0.0300000 |
| 34 | 784 | Private | RAYATI | 0.0260000(Hectare) | 0.0260000 |
| 35 | 790 | Private | RAYATI | 0.0160000(Hectare) | 0.0160000 |
| 36 | 791 | Private | RAYATI | 0.0220000(Hectare) | 0.0220000 |
| 37 | 798 | Private | RAYATI | 0.0400000(Hectare) | 0.0400000 |
| 38 | 799 | Private | RAYATI | 0.0200000(Hectare) | 0.0200000 |
| 39 | 8 | Government | RAKHIT | 0.0100000(Hectare) | 0.0100000 |
| 40 | 800 | Private | RAYATI | 0.0010000(Hectare) | 0.0010000 |
| 41 | 820 | Private | RAYATI | 0.0010000(Hectare) | 0.0010000 |
| 42 | 821 | Private | RAYATI | 0.0280000(Hectare) | 0.0280000 |
| 43 | 822 | Private | RAYATI | 0.0160000(Hectare) | 0.0160000 |
| 44 | 823 | Private | RAYATI | 0.0220000(Hectare) | 0.0220000 |
| 45 | 824 | Private | RAYATI | 0.0140000(Hectare) | 0.0140000 |
| 46 | 825 | Private | RAYATI | 0.0130000(Hectare) | 0.0130000 |
| 47 | 828 | Private | RAYATI | 0.0130000(Hectare) | 0.0130000 |
| 48 | 829 | Government | ABADA JOGYA ANABADI | 0.0050000(Hectare) | 0.0050000 |
| **Village: Padia Damodarapalli** | | | | | |
| 1 | 34 | Private | RAYATI | 0.0990000(Hectare) | 0.0990000 |
| 2 | 35 | Private | RAYATI | 0.1570000(Hectare) | 0.1570000 |
| 3 | 36 | Government | AJA(NA) | 0.0420000(Hectare) | 0.0420000 |
| 4 | 37 | Government | AJA(NA) | 0.0390000(Hectare) | 0.0390000 |
| 5 | 38 | Private | RAYATI | 0.0090000(Hectare) | 0.0090000 |
| 6 | 44 | Private | RAYATI | 0.1880000(Hectare) | 0.1880000 |
| **Village: Saradhapur** | | | | | |
| 1 | 1673 | Government | ABADA JOGYA ANABADI | 0.0170000(Hectare) | 0.0170000 |
| 2 | 1676 | Government | ABADA JOGYA ANABADI | 0.0310000(Hectare) | 0.0310000 |
| 3 | 1678 | Government | ABADA JOGYA ANABADI | 0.0130000(Hectare) | 0.0130000 |
| 4 | 1679 | Government | ABADA JOGYA ANABADI | 0.0080000(Hectare) | 0.0080000 |
| 5 | 1680 | Government | ABADA JOGYA ANABADI | 0.0030000(Hectare) | 0.0030000 |
| 6 | 1681 | Government | ABADA JOGYA ANABADI | 0.0020000(Hectare) | 0.0020000 |
| 7 | 1682 | Government | ABADA JOGYA ANABADI | 0.0010000(Hectare) | 0.0010000 |
| 8 | 1736 | Private | RAYATI | 0.0160000(Hectare) | 0.0160000 |
| 9 | 1741 | Private | RAYATI | 0.0100000(Hectare) | 0.0100000 |
| 10 | 1742 | Private | RAYATI | 0.0010000(Hectare) | 0.0010000 |
| 11 | 1743 | Private | RAYATI | 0.0010000(Hectare) | 0.0010000 |
| 12 | 1744 | Private | RAYATI | 0.0020000(Hectare) | 0.0020000 |
| 13 | 1745 | Private | RAYATI | 0.0220000(Hectare) | 0.0220000 |
| 14 | 1747 | Private | RAYATI | 0.0070000(Hectare) | 0.0070000 |
| 15 | 1748 | Private | RAYATI | 0.0270000(Hectare) | 0.0270000 |
| 16 | 1749 | Private | RAYATI | 0.0140000(Hectare) | 0.0140000 |
| 17 | 1875 | Government | ABADA JOGYA ANABADI | 0.0060000(Hectare) | 0.0060000 |
| **Village: Sundarpalli** | | | | | |
| 1 | 800 | Private | RAYATI | 0.0150000(Hectare) | 0.0150000 |
| 2 | 801 | Private | RAYATI | 0.0200000(Hectare) | 0.0200000 |
| 3 | 805 | Private | RAYATI | 0.0270000(Hectare) | 0.0270000 |
| | | | **Total** | **7.2880** | **7.2880** |

**[F. No. RO/BBSR/11011/59/ORS/2020-21/614/BMPR/2020/3A]**

**RAJESH GUPTA, Director**

## ସଂକ୍ଷେପରେ

### ପାର୍ଲେର ୨ ନୂତନ ଉତ୍ପାଦର ବଜାର ପ୍ରବେଶ

**ଭୁବନେଶ୍ୱର,୨୨।୧:** ପାର୍ଲେ ଏଗ୍ରୋର ନୂତନ କଫି ସ୍ୱାଦଯୁକ୍ତ ପାନୀୟ, ସ୍ମୁଦ କଫି ଫ୍ରାପି ଉତ୍ପାଦର ବଜାର ପ୍ରବେଶ ହୋଇଛି। ବହୁଳ ଆଦୃତ ପାର୍ଲେ ଏଗ୍ରୋ ବ୍ରାଣ୍ଡ୍‌ର ଏହି ବିମୋହକ ପାନୀୟ ସ୍ମୁଦ ଗୋଟିଏ ଛାତ ତଳେ ଗ୍ରାହକଙ୍କୁ ନୂତନ ସ୍ୱାଦ ପ୍ରଦାନ କରିବା ସହିତ ଦୁଗ୍ଧ ବିଭାଗରେ ଏହାର ଅସାଧାରଣ ସଫଳତାକୁ ଆଗକୁ ବଢ଼ାଇବାକୁ ଚାହୁଁଛି। ଏହାର ରାଷ୍ଟ୍ରୀୟ ବ୍ରାଣ୍ଡ୍ ଆମ୍ବାସାଡର ବରୁଣ ଧାୱନଙ୍କ ସହିତ ଏକ ଅଭିଯାନ ମାଧମରେ ଗ୍ରାହକଙ୍କ ନିକଟରେ ପହଞ୍ଚିବାକୁ କମ୍ପାନୀ ଏକ ଟିଭିସି ପ୍ରସ୍ତୁତ କରିଛି। ଏ ସମ୍ପର୍କରେ ମତ ଦେଇ ପାର୍ଲେ ଏଗ୍ରୋର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ତଥା ସିଏମ୍‌ଓ ନାଦିୟା ଚୌହାନ କହିଛନ୍ତି, ସ୍ମୁଦ୍ ଦ୍ୱାରା ନୂତନ ରେକର୍ଡ ସୃଷ୍ଟିକାରୀ ବିକ୍ରି ସହିତ ଭାରତରେ ସ୍ୱାଦଯୁକ୍ତ ଦୁଗ୍ଧ ବର୍ଗରେ ଆମେ ଭିନ୍ନତା ଆଣିଛୁ। ମାତ୍ର ୬ ମାସର ବ୍ୟବଧାନରେ ଏବଂ କେବଳ ଦୁଇଟି ପ୍ରକାର ସହିତ ସ୍ମୁଦ୍ କଫି ଫ୍ରାପି ଆରମ୍ଭ କରାଯାଇଛି।

### ନୋଭୋ ନର୍ଡିସ୍କ ଇଣ୍ଡିଆର ନୂତନ ଉତ୍ପାଦର ଶୁଭାରମ୍ଭ

**ଭୁବନେଶ୍ୱର,୨୨।୧:** ଦେଶର ଅଗ୍ରଣୀ ଷ୍ଟାର୍ଟଅପ୍ ସଂସ୍ଥା ନୋଭୋ ନର୍ଡିସ୍କ ଇଣ୍ଡିଆ ପକ୍ଷରୁ ସର୍ବପ୍ରଥମ ପିଲରେ ପେପ୍ଟାଇଡ ନାମକ ମୌଖିକ ସେମାଗ୍ଲୁଟାଇଡର ଶୁଭାରମ୍ଭ କରିଛି। ସେମାଗ୍ଲୁଟାଇଡର ମୌଖିକ ସୂତ୍ରକୁ ବାସ୍ତବତାରେ ପରିଣତ କରିବା ପାଇଁ ନୋଭୋ ନର୍ଡିସ୍କ ଦୀର୍ଘ ୧୫ବର୍ଷର ନିରନ୍ତର ଅନୁସନ୍ଧାନ, ଉଦ୍ଭାବନ ଏବଂ ବିକାଶ ଦିଗରେ କାର୍ଯ୍ୟ କରିଆସିଛି। ଏହି ବୈଜ୍ଞାନିକ ସଫଳତା ହେତୁ ଏହା ଶ୍ରେଷ୍ଠ ବାୟୋଟେକ ନବସୃଜନ ପାଇଁ ଉଦ୍ୟୋଗରେ ଏକ ସମ୍ମାନଜନକ ପୁରସ୍କାର ଭାବେ ୨୦୨୦ରେ ପ୍ରିକ୍ସଗେଲିୟନ ପୁରସ୍କାର ଲାଭ କରିଛି। ସେହିପରି ୨୦୨୦ରେ ଡ୍ରଗ୍ସ କଣ୍ଟ୍ରୋଲର ଅଫ୍ ଇଣ୍ଡିଆ ଦ୍ୱାରା ମଧ୍ୟ ମୌଖିକ ସେମାଗ୍ଲୁଟାଇଡ ଅନୁମୋଦିତ ହୋଇଛି। ଏହାର ଉନ୍ମୋଚନ ଅବସରରେ ଉଦ୍‌ବୋଧନ ଦେଇ ନୋଭୋ ନର୍ଡିସ୍କ ଇଣ୍ଡିଆର କର୍ପୋରେଟ ଉପାଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ବିକ୍ରାନ୍ତ ଶ୍ରୋତ୍ରିୟ କହିଛନ୍ତି, ଭାରତରେ ମୌଖିକ ସେମାଗ୍ଲୁଟାଇଡ୍ ଆରମ୍ଭ କରି ଆମେ ଅତ୍ୟନ୍ତ ଗର୍ବିତ ଏବଂ ଆନନ୍ଦିତ।

# ବଜେଟ ପୂର୍ବରୁ ସର୍ଭେ ଆକଳନ

**ନୂଆଦିଲ୍ଲୀ,୨୨।୧**

ଚଳିତ ବର୍ଷ(୨୦୨୨-୨୩)ର ବଜେଟ ଖୁବ୍‌ଶୀଘ୍ର ସଂସଦରେ ଉପସ୍ଥାପନ ହେବାକୁ ଯାଉଛି। ଏ ବର୍ଷର ବଜେଟରେ ଭାରତୀୟ ଉତ୍ପାଦକୁ ଅନ୍ତର୍ଜାତୀୟ ସ୍ତରରେ ଆଦୃତ କରାଇବା ପାଇଁ ସରକାରୀ ସ୍ତରରେ ଯୋଜନା କରାଯାଉଛି। ହେଲେ ଗତ କିଛି ମାସ ହେବ ଦେଶ ଦେଶ ମଧ୍ୟରେ ରହିଥିବା ବ୍ୟବସାୟିକ ସମସ୍ୟା ଏହାଦ୍ୱାରା କେତେ ପରିମାଣରେ ସମାଧାନ ହେବ ତାକୁ ନେଇ ମଧ୍ୟ ଚର୍ଚ୍ଚା ଜୋର ଧରିଛି। ସେହିଭଳି ଚଳିତ ବଜେଟ ସହ ଜଡ଼ିତ ଥିବା କେନ୍ଦ୍ର ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀଙ୍କ କହିବା ଅନୁସାରେ, ବିଶ୍ୱ ବାଣିଜ୍ୟ ମାମଲାରେ ଭାରତର କାରବାର ବୃଦ୍ଧି କରିବାକୁ ଚଳିତ ବଜେଟରେ ସରକାର ଗୁରୁତ୍ୱ ଦେଉଥିବା ସେ କହିଛନ୍ତି। ଏହା ସହ କାରବାରରେ ଯେପରି କୌଣସି ପ୍ରତିବନ୍ଧକ ନ ଆସେ ତା' ଉପରେ ମଧ୍ୟ ବିଶେଷ ଧ୍ୟାନ ଦିଆଯାଉଛି। ସୂଚନା ଅନୁସାରେ ଯେଉଁ ଉତ୍ପାଦକ ବିଦେଶରେ ନିଜ ଉତ୍ପାଦ ଉପରେ ଭଲ ମାର୍କେଟିଂ କରିବେ, ସେ ସମସ୍ତ ସାମଗ୍ରୀ ଓ ଉତ୍ପାଦକୁ ସରକାର ସହାୟତା ଯୋଗାଇ ଦେବା ସହ ସେମାନଙ୍କୁ ଏହି କ୍ଷେତ୍ରରେ ଲାଗୁ ଟିକସ ଅଂଶରୁ ମଧ୍ୟ ସ୍ୱଳ୍ପ ରିହାତି ପ୍ରଦାନ କରାଯିବ। କେବଳ ବିଦେଶ ଯାଇ ସେଠାରେ ଷ୍ଟଲ୍ ଲଗାଇବା କ୍ଷେତ୍ରରେ ନୁହେଁ, ଡିଜିଟାଲ ଜରିଆରେ ମଧ୍ୟ କରାଯାଉଥିବା କ୍ୟାମ୍ପେନିଂରେ ଟିକସ ହ୍ରାସ କରାଯିବ ବୋଲି କୁହାଯାଉଛି। ଏହାଛଡ଼ା ଛୋଟ ଏବଂ ମଧ୍ୟମ ଧରଣର ଉଦ୍ୟୋଗୀଙ୍କ ପାଇଁ କେନ୍ଦ୍ର ସରକାର ବଜେଟରେ ଡବଲ ଟ୍ୟାକ୍ସ ଡିଡକ୍ସନ୍ ସ୍କିମ୍ ଆଣିବା ପାଇଁ ବିଚାର କରୁଥିବା ଜଣାପଡ଼ିଛି। ଏହି ସ୍କିମ୍ ଜରିଆରେ ଉଦ୍ୟୋଗୀମାନେ ଇଣ୍ଟରନ୍ୟାଶନାଲ




ମାର୍କେଟିଂ ଖର୍ଚ୍ଚ ଉପରେ ଦୁଇଗୁଣ ଟ୍ୟାକ୍ସ ହ୍ରାସ ସୁବିଧା ପାଇବେ। ଏଥିସହିତ ବିଦେଶରେ ନୂଆ ବଜାର ଖୋଜିବା ଏବଂ ଉତ୍ପାଦରେ ପ୍ରମୋଶନ କରିବା ପାଇଁ ହେଉଥିବା ଖର୍ଚ୍ଚ ଉପରେ ମଧ୍ୟ ଟ୍ୟାକ୍ସ ହ୍ରାସ କରାଯିବା ନେଇ ଆଲୋଚନା ହେଉଥିବା ଜଣାପଡ଼ିଛି। ସେହିଭଳି ଦରଦାମ ବୃଦ୍ଧି ଏବଂ ବେରୋଜଗାରୀକୁ ନେଇ ମଧ୍ୟ ସରକାର ନୂଆ ଯୋଜନା ପ୍ରଣୟନ କରିବା ସମ୍ଭାବନା ରହିଛି। ଭାରତରେ ପ୍ରତି ଦୁଇ ଜଣଙ୍କ ମଧ୍ୟରୁ ଜଣେ ବ୍ୟକ୍ତିଙ୍କୁ ମୋଦି ସରକାରଙ୍କ ଆର୍ଥିକ ନୀତି ପସନ୍ଦ ଆସୁଛି ବୋଲି ଜନମତ ପାଇଥିବା ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ତେବେ ମୋଦି ସରକାରଙ୍କ ଆର୍ଥିକ ନୀତିର ପସନ୍ଦ କରୁଥିବା ଲୋକଙ୍କ ସଂଖ୍ୟା ଗତ ଏକ ବର୍ଷରେ ବ୍ୟାପକ ପରିମାଣରେ ହ୍ରାସ ଘଟିଛି। ବର୍ତ୍ତମାନ ଭାରତର ୫୨% ଜନତା ମୋଦି ସରକାରଙ୍କ ଆର୍ଥିକ ନୀତିରେ ଖୁସି ଅଛନ୍ତି ବୋଲି ଉକ୍ତ ଗଣମାଧ୍ୟମ ସର୍ଭେରୁ ସୂଚନା ମିଳିଛି। ସେହିପରି ଗତ ବର୍ଷ ୬୦% ରୁ ଅଧିକ ଲୋକ ମୋଦି ସରକାରଙ୍କ ଆର୍ଥିକ ନୀତିକୁ ପସନ୍ଦ କରୁଥିଲେ, କିନ୍ତୁ ଏବେ ଆଉ କରୁ ନାହାନ୍ତି। ଫଳରେ ଚଳିତ ଥର ଏହା ହ୍ରାସ ଘଟି ୫୨% କୁ ଖସି ଆସିଛି। ଅପରପକ୍ଷରେ ୧୯% ଲୋକ ଆର୍ଥିକ ମୋର୍ଚ୍ଚାରେ ମୋଦି ସରକାରଙ୍କ ପ୍ରଦର୍ଶନକୁ ହାରାହାରି ଦର୍ଶାଇଥିବାବେଳେ ୨୬ % ଲୋକ ସରକାରଙ୍କ ଆର୍ଥିକ ନୀତିରେ ଖୁସି ନ ଥିବା ସୂଚନା ମିଳିଛି। ପ୍ରଧାନମନ୍ତ୍ରୀ ବଡ଼ ଉଦ୍ୟୋଗପତିଙ୍କୁ ଫାଇଦା ମିଳିଲା ଭଳି ବଜେଟ କରୁଥିବା ୪୮% ଲୋକେ ମତ ଦେଇଛନ୍ତି।

# ରାମ୍‌କୋ ସିମେଣ୍ଟକୁ ସ୍ୱର୍ଣ୍ଣ ପୁରସ୍କାର

**ଭୁବନେଶ୍ୱର,୨୨।୧**

ଦେଶର ଏକ ପ୍ରମୁଖ ସିମେଣ୍ଟ କମ୍ପାନୀ 'ରାମ୍‌କୋ'ର ଆଲାଥିୟୁର ପ୍ଲାଣ୍ଟ ସ୍ୱର୍ଣ୍ଣ ପୁରସ୍କାର ଲାଭ କରିଛି। ଆପେକ୍ସ ଇଣ୍ଡିଆ ପକ୍ଷରୁ ଏହି ପୁରସ୍କାର କମ୍ପାନୀର ବୃତ୍ତିଗତ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା-୨୦୨୧ ଭିତ୍ତିରେ ଉକ୍ତ ପୁରସ୍କାର ପ୍ରଦାନ କରାଯାଇଛି। ପ୍ରତିଯୋଗିତାରେ ୧୨୦ରୁ ଅଧିକ କମ୍ପାନୀ ଅଂଶଗ୍ରହଣ କରିଥିଲେ। ବିଭିନ୍ନ କ୍ଷେତ୍ର ପାଇଁ ସିମେଣ୍ଟ, ଶକ୍ତି , ଇସ୍ପାତ ଏବଂ ଅଟୋମୋବାଇଲ୍ ଭଳି କମ୍ପାନୀ ଏଥିରେ ସାମିଲ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ବିଭିନ୍ନ କମ୍ପାନୀର ଉପସ୍ଥାପନାଗୁଡ଼ିକ ଦେଶର ଦକ୍ଷ ବିଚାରକଙ୍କ ଦ୍ୱାରା ଯାଞ୍ଚ କରାଯାଇଥିଲା। ଏହି ପ୍ୟାନେଲ କମିଟିରେ ପୂର୍ବତନ ନିର୍ଦ୍ଦେଶକ ଏମ୍‌ଓଏଫ୍‌ଇ(ପରିବେଶ ଏବଂ ଜଙ୍ଗଲ ମନ୍ତ୍ରଣାଳୟ) ଡ. ଆର୍.କେ. ସୁରୀ, ଇସ୍ପାତ ପ୍ରାଧିକରଣର ପୂର୍ବତନ ଜେନେରାଲ ମ୍ୟାନେଜର ସୁଭାଷ ଚନ୍ଦ୍ର ଭାସିନ୍ ପ୍ରମୁଖ ମୂଲ୍ୟାୟନ କରିଥିଲେ। ଏହାର ପୁରସ୍କାର ବିତରଣ ଉତ୍ସବ ନିକଟରେ ଗୋଆରେ ଆୟୋଜିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ପ୍ରତିରକ୍ଷା ବିଶେଷଜ୍ଞ ମେଜର ଜେନେରାଲ୍ ପି.କେ.ସାଇଗଲ୍ ଏବଂ କେନ୍ଦ୍ର ସରକାରଙ୍କ ପୂର୍ବତନ ବରିଷ୍ଠ ଶିଳ୍ପ ଅଧିକାରୀ ଏମ୍.ଆର୍. ରାଜପୁତ ପ୍ରମୁଖ ଯୋଗ ଦେଇଥିଲେ।




# ଦେଶର ସର୍ବବୃହତ୍ ଇଲେକ୍‌ଟ୍ରୋନିକ୍ସ ସେଲ୍

**ଭୁବନେଶ୍ୱର,୨୨।୧**

ଚଳିତ ସାଧାରଣତନ୍ତ୍ର ଦିବସକୁ ଆଖି ଆଗରେ ରଖି ରିଲାଏନ୍ସ ଡିଜିଟାଲ୍ ପକ୍ଷରୁ ଦେଶର ସର୍ବବୃହତ୍ ଇଲେକ୍‌ଟ୍ରୋନିକ୍ସ ସେଲ୍ ସମ୍ପର୍କରେ ଘୋଷଣା କରାଯାଇଛି। ଏହା କମ୍ପାନୀର ଡିଜିଟାଲ ଇଣ୍ଡିଆ ସେଲ୍ ଭାବେ ମଧ୍ୟ ପରିଚିତ। ରିଲାଏନ୍ସ ଡିଜିଟାଲ୍ ଷ୍ଟୋର, ମାଇଁ ଜିଓ ଷ୍ଟୋର ସହିତ ଏହାର ୱେବ୍‌ସାଇଟ ଜରିଆରେ ମଧ୍ୟ ଗ୍ରାହକ ସେମାନଙ୍କ ପସନ୍ଦର ସାମଗ୍ରୀ, ଆକର୍ଷଣୀୟ ଅଫର ଓ ଡିସ୍‌କାଉଣ୍ଟର ଲାଭ ଉଠାଇପାରିବେ ବୋଲି କୁହାଯାଉଛି। ଏହାର ସମସ୍ତ ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ ଉପରେ ସର୍ବୋତ୍ତମ ଡିଲ୍ ସହିତ ବିଭିନ୍ନ ବ୍ୟାଙ୍କର କ୍ରେଡିଟ୍ କାର୍ଡ ଉପରେ ୬% ତୁରନ୍ତ ରିହାତି ପ୍ରଦାନ କରୁଛି। ସେହିଭଳି ସିଟି ବ୍ୟାଙ୍କର ଗ୍ରାହକମାନେ ମଧ୍ୟ କ୍ରେଡିଟ୍ କାର୍ଡ, ଡେବିଟ୍ କାର୍ଡ ଓ ଇଏମ୍‌ଆଇ ଟ୍ରାଞ୍ଜାକ୍‌ସନ ଉପରେ ୧୦% ଇନ୍‌ଷ୍ଟାଣ୍ଟ ଡିସ୍‌କାଉଣ୍ଟର ଲାଭ ହାସଲ କରିପାରିବେ। ସେହିପରି




### ଡିଜିଟାଲ ଇଣ୍ଡିଆ ସେଲ୍

ପ୍ରତି ୫୦୦୦ ଟଙ୍କାର କ୍ରୟ ଉପରେ ୧୦୦୦ ଟଙ୍କାର ରିଲାଏନ୍ସ ଡିଜିଟାଲ୍ ଭାଉଚର ଗ୍ରାହକ ପାଇପାରିବେ। ଏହି ଅଫର ୨୬ ଜାନୁୟାରୀ ପର୍ଯ୍ୟନ୍ତ ବୈଧ ରହିଛି। ଏହାର ବ୍ୟାପକ ଶ୍ରେଣୀୟ ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ ଯଥା ଟିଭି, ସ୍ମାର୍ଟଫୋନ, ଲାପ୍‌ଟପ୍, ରେଫ୍ରିଜରେଟର, ୱାଶିଂମେଶିନ୍, ୱିରେବଲ୍ ଏବଂ ହୋମ୍ ଆପ୍ଲିଆନ୍‌ସେସ୍ ଉପରେ ମଧ୍ୟ ଅନେକ ଅଫର ରହିଛି। ଅପରପକ୍ଷରେ ଲାଟେଷ୍ଟ ସ୍ମାର୍ଟଫୋନ୍ ଯଥା ଭିଭୋ, ସାଓମି ଓ ସାମ୍‌ସଙ୍ଗ ଆଦିକୁ ଆକର୍ଷଣୀୟ ମୂଲ୍ୟରେ କ୍ରୟ କରିପାରିବେ ବୋଲି ଷ୍ଟୋର ପକ୍ଷରୁ ସୂଚନା ଦିଆଯାଇଛି। ଗୃହ ଉପକରଣକୁ ଆହୁରି ଅଧିକ ସୁବିଧାଜନକ କରିବା ପାଇଁ ରେଫ୍ରିଜରେଟର, ୱାଶିଂମେଶିନ୍ ଆଦି ଗୃହ ଉପକରଣରେ ଆକର୍ଷଣୀୟ ଅଫର ପ୍ରଦାନ କରାଯାଉଛି। ଇଲେକ୍‌ଟ୍ରୋନିକ୍ସ କ୍ରୟର ଏହି ଅନୁଭୂତିକୁ ସହଜ କରିବା ସାଙ୍ଗକୁ ଫାଇନାନ୍ସ ଓ ଇଏମ୍‌ଆଇର ବିକଳ୍ପ ରହିଛି ବୋଲି ରିଲାଏନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

# ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ନେଟ୍ ଲାଭ ୩୨୫ କୋଟି

**ଭୁବନେଶ୍ୱର,୨୨।୧**

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ତୃତୀୟ ତ୍ରୈମାସିକ ଆର୍ଥିକ ଫଳାଫଳ ପ୍ରକାଶ ପାଇଛି। ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସ ସୁଦ୍ଧା ବ୍ୟାଙ୍କ ୩୨୫ କୋଟି ଟଙ୍କାର ନେଟ୍ ଲାଭ ସଂଗ୍ରହକରି ଶତକଡ଼ା ୧୧୦.୭୦% ଅଭିବୃଦ୍ଧି ହାର ହାସଲ କରିପାରିଛି। ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏ.ଏସ୍. ରାଜୀବ ମୋଟ ସୁଧ ଆୟରେ ବୃଦ୍ଧି, ଖୁଚୁରା, କୃଷି ଏବଂ ଏମ୍‌ଏସ୍‌ଏମ୍‌ଇ ଋଣ ଆଦି ସମସ୍ତ ବ୍ୟବସାୟିକ କ୍ଷେତ୍ରରେ ଅଭିବୃଦ୍ଧି ଘଟିଛି ବୋଲି କହିବା ସହ ସମ୍ପତ୍ତିର ଗୁଣବତ୍ତାରେ ଉନ୍ନତି ପରିଲକ୍ଷିତ ହୋଇଛି ବୋଲି କହିଥିଲେ। ଚଳିତ ଆର୍ଥିକ ବର୍ଷରେ ବ୍ୟାଙ୍କର ମୋଟ୍ ତ୍ରୈମାସିକ ସୁଧ ହାର ୩.୧୧% ରହିଛି ଯାହା ପୂର୍ବ ବର୍ଷ ଏହି ସମୟରେ ୩.୦୬% ଥିଲା। ନେଟ୍ ସୁଧ ଆୟ ୧୬.୯୦% ଅଭିବୃଦ୍ଧି ହାର ହାସଲକରି ୧,୫୨୭ କୋଟି ଟଙ୍କାରେ ପହଞ୍ଚିପାରିଛି।

# ନକଲି ସାମଗ୍ରୀ ନିର୍ମାଣ ଅଭିଯୋଗରେ କମ୍ପାନୀ ସିଲ୍




**ନୂଆଦିଲ୍ଲୀ,୨୧।୧**

ଦିଲ୍ଲୀର ଏକ କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ସ୍ଥାନୀୟ କମିଶନର (ଦିଲ୍ଲୀ କୋର୍ଟ) ଶିଖର କୁଣ୍ଡୁଙ୍କ ଦ୍ୱାରା ଗଣେଶ ଗୌରୀ ଇଣ୍ଡଷ୍ଟ୍ରିଜ୍ (ଗୌରୀ ଆକ୍ୱା ପ୍ଲାଷ୍ଟ) ଉପରେ ଚଢ଼ାଉ କରାଯାଇଥିଲା। ଉକ୍ତ ଇଣ୍ଡଷ୍ଟ୍ରିଜ୍ ଉପରେ ୨୦ତାରିଖରେ ନାଗପୁରର ଲିହିଗାଓଁ, ଭଣ୍ଡାରା ରୋଡ୍‌ର ଏକ ଜଣାଶୁଣା ଟ୍ୟାଙ୍କ୍ ଓ ପାଇପ୍ ସଂସ୍ଥାର ବ୍ରାଣ୍ଡ୍‌ଗୁଡିକୁ ନକଲି ଭାବେ ନିର୍ମାଣ କରାଯାଉଥିବା ଅଭିଯୋଗ ଆଧାରରେ ଏହି ଚଢ଼ାଉ ହୋଇଥିବା ଜଣାପଡ଼ିଛି। ଏହି ଟିମ୍ ସ୍ଥାନୀୟ ଅଧିକାରୀଙ୍କ ସହ ଉକ୍ତ କମ୍ପାନୀ ଉପରେ ଚଢ଼ାଉ ଆରମ୍ଭ କରିଥିଲେ। ଏହି ସମୟରେ ସ୍ଥାନୀୟ କମିଶନର (ଦିଲ୍ଲୀ କୋର୍ଟ) ମଧ୍ୟ ଉପସ୍ଥିତ ରହିଥିଲେ। ହେଲେ ଉକ୍ତ କମ୍ପାନୀର କର୍ମଚାରୀ ଓ ଅଧିକାରୀମାନେ କମିଶନରଙ୍କୁ ଖରାପ ବ୍ୟବହାର କରିଥିଲେ। ସେହିଭଳି କମ୍ପାନୀ ପରିସର ଭିତରକୁ ପ୍ରବେଶ କରିବା ଏବଂ ଆଇନ ଅନୁଯାୟୀ ତାଙ୍କ କର୍ତ୍ତବ୍ୟ ପରିଚାଳନା କରିବାକୁ ଅନୁମତି ଦିଆଯାଇ ନ ଥିଲା।

## ଫୁର୍‌ସତ୍

# ସଂଗ୍ରାମର ଆଲୋକ ଶିଖା



### ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ

**ଭା**ରତର ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିବା ଅନ୍ୟତମ ବିପ୍ଳବୀ ବୀର ସୁରେନ୍ଦ୍ର ସାଏ। ଗଡ଼ଜାତ ଆନ୍ଦୋଳନର ନେତୃତ୍ୱ ନେଇଥିବା ସାଏଙ୍କ ଜନ୍ମ ୨୩ ଜାନୁୟାରୀ ୧୮୦୯ରେ ସମ୍ବଲପୁରର ଖିଣ୍ଡା ଗାଁରେ ହୋଇଥିଲା। ସେ ପିତା ଧର୍ମ ସିଂ ସମ୍ବଲପୁର ରାଜ୍ୟ ଶାସକ ପରିବାରର ବଂଶଧର ଥିଲେ। ସମ୍ବଲପୁରରେ ଜନଜାତିଙ୍କ ଭାଷା ଏବଂ ସଂସ୍କୃତିର ବିକାଶ ପାଇଁ ସାଏଙ୍କ ଅବଦାନ ଉଲ୍ଲେଖନୀୟ ଥିଲା। ଏହାଦ୍ୱାରା ତତ୍‌କାଳୀନ ବ୍ରିଟିଶ୍ ସରକାରଙ୍କ ଲୋଲୁପ ଦୃଷ୍ଟି ତାଙ୍କ ଉପରେ ପଡ଼ିଥିଲା।

୧୮୨୭ରେ ସମ୍ବଲପୁରର ଶାସକ ମହାରାଜ ସାଏଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର କେହି ଉତ୍ତରାଧିକାରୀ ନ ଥିବାରୁ ବ୍ରିଟିଶ୍ ସରକାର ତାଙ୍କ ରାଣୀ ମୋହନ କୁମାରୀଙ୍କୁ ଶାସକ ଭାବରେ ଘୋଷଣା କରିଥିଲେ। ଏହା ସ୍ଥାନୀୟ ନିୟମ ବିରୁଦ୍ଧ ଥିଲା। ସେତେବେଳେ ସେଠାରେ କେବଳ ପୁରୁଷ ଶାସକମାନେ ହିଁ ଶାସନ ଡୋର ଧରିବା ଗ୍ରହଣୀୟ ଥିଲେ। ଫଳସ୍ୱରୂପ ବ୍ରିଟିଶ୍ ସ୍ୱୀକୃତିପ୍ରାପ୍ତ ଶାସକ ଏବଂ ବିରୋଧୀଙ୍କ ମଧ୍ୟରେ ବିବାଦ ବଢ଼ିବାରେ ଲାଗିଲା। ସମ୍ବଲପୁରର ସିଂହାସନ ପାଇଁ ସୁରେନ୍ଦ୍ର ସାଏ ଶାସକ ବଂଶର ଅନ୍ୟତମ ମୁଖ୍ୟ ଦାବିଦାର ଥିଲେ। ରାଣୀ ମୋହନ କୁମାରୀ ଜନପ୍ରିୟ ହୋଇପାରି ନ ଥିଲେ। ତେଣୁ ବ୍ରିଟିଶ୍ ଶାସକ ରାଣୀଙ୍କୁ କ୍ଷମତାରୁ ହଟାଇ ରାଜପରିବାରର ବଂଶଧର ନାରାୟଣ ସିଂଙ୍କୁ ରାଜା ଭାବେ ନିଯୁକ୍ତ କରିଥିଲେ। ଉତ୍ତରାଧିକାରୀ ପାଇଁ ସୁରେନ୍ଦ୍ର ସାଏଙ୍କ ଦାବିକୁ ବ୍ରିଟିଶ୍ ସରକାର ଅଣଦେଖା କରିବାରୁ ବିଦ୍ରୋହ ଆରମ୍ଭ ହୋଇଥିଲା। ସୁରେନ୍ଦ୍ର ସାଏ ଏବଂ ତାଙ୍କ ଘନିଷ୍ଠ ସହଯୋଗୀ ଗୋଣ୍ଡ ଜମିଦାରମାନେ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ୧୮୨୭ ମସିହାରେ ୧୮ ବର୍ଷ ବୟସରେ ବ୍ରିଟିଶ୍‌ଙ୍କ ବିରୋଧରେ ସାଏ ବିଦ୍ରୋହ ଆରମ୍ଭ କରିଥିଲେ। ପ୍ରଥମ ଥର ପାଇଁ ତାଙ୍କୁ ୧୮୪୦ ମସିହାରେ ଗିରଫ କରାଯାଇ ହଜାରିବାଗ୍ ଜେଲ୍‌କୁ ପଠାଯାଇଥିଲା। ତାଙ୍କ ଭାଇ ଉଦୟନ୍ତ ସାଏ ଏବଂ ମାମୁ ବଳରାମ ସିଂଙ୍କୁ ମଧ୍ୟ ହଜାରିବାଗ୍ ଜେଲ୍ ଯିବାକୁ ପଡ଼ିଥିଲା। ସେଠାରେ ବଳରାମ ସିଂଙ୍କର ମୃତ୍ୟୁ ଘଟିଥିଲା।

୧୮୪୯ ମସିହାରେ ରାଜା ନାରାୟଣ ସିଂଙ୍କ ଅନ୍ତେ ଶାସନଭାର ଗ୍ରହଣ କରିବା ଲାଗି କୌଣସି ପୁରୁଷ ଉତ୍ତରାଧିକାରୀ ନ ଥିଲେ। ତେଣୁ ପ୍ରଚଳିତ ଡକ୍ଟରାଇନ ଅଫ୍ ଲାପ୍ସ ଅନୁଯାୟୀ ସମ୍ବଲପୁରର ଶାସନ ବ୍ରିଟିଶ୍ ଶାସକଙ୍କ ହାତକୁ ଚାଲିଯାଇଥିଲା। ୧୮୫୭ରେ ସିପାହି ବିଦ୍ରୋହ ସମୟରେ ବିଦ୍ରୋହୀ ହଜାରିବାଗ୍ ଜେଲ୍‌କୁ ଭାଙ୍ଗି ଦେଇଥିଲେ। ସାଏ ବାହାରକୁ ଆସିଥିଲେ। ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ସମ୍ବଲପୁରରେ ପୁଣି ବ୍ରିଟିଶ୍‌ମାନଙ୍କ ବିରୋଧରେ ସଂଗ୍ରାମ ଜାରି ରହିଲା। ସାଏଙ୍କୁ ତାଙ୍କ ଭାଇ, ପୁଅ, ସମ୍ପର୍କୀୟ ଏବଂ କେତେକ ଜମିଦାର ସମର୍ଥନ ମଧ୍ୟ କରିଥିଲେ। ତେବେ ସାଏ ହଜାରିବାଗ ଜେଲ୍‌ରେ ୧୭ ବର୍ଷ ରହିଥିଲେ। ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସେ ଅସୀରଗଡ଼ ପାହାଡ଼ିଆ ଦୁର୍ଗରେ ପ୍ରାୟ ୧୯ ବର୍ଷ ବନ୍ଦୀ ହୋଇ ରହିଥିଲେ। ତେବେ ବି ସେ ବ୍ରିଟିଶ୍ ସରକାରଙ୍କ ଆଗରେ ମୁଣ୍ଡ ନୁଆଁଇ ନ ଥିଲେ। ୨୮ ଫେବୃୟାରୀ ୧୮୮୪ରେ ଅସୀରଗଡ଼ ଦୁର୍ଗରେ ସାଏଙ୍କ ମୃତ୍ୟୁ ଘଟିଥିଲ। ମାତ୍ର ସାଏଙ୍କ ଦ୍ୱାରା ପ୍ରଜ୍ୱଳିତ ଦେଶପ୍ରେମ ବହ୍ନି ପରବର୍ତ୍ତୀ ସମୟରେ ଦେଶ ସ୍ୱାଧୀନ ପଥକୁ ଆଲୋକିତ କରିଥିଲା। ସେ ପାଲଟିଥିଲେ ସଂଗ୍ରାମୀଙ୍କ ପ୍ରେରଣାର ଉତ୍ସ ତଥା ସ୍ୱାଧୀନତା ପଥର ଆଲୋକ ଶିଖା।

# ଘରେ ପାଳିଥିଲେ ଶହେରୁ ଊର୍ଦ୍ଧ୍ୱ ସାପ



**ୱାଶିଂଟନ୍:** ଅନେକ ଲୋକ ଘରେ ବିଭିନ୍ନ ପ୍ରକାର ଜୀବ ପାଳିଥାନ୍ତି। କିନ୍ତୁ ଘରେ ସାପ ପାଳିବା କଥା କେହି କେବେ ଶୁଣି ନ ଥିବେ। ଆମେରିକାର ମେରିଲାଣ୍ଡର ଜଣେ ୪୯ ବର୍ଷୀୟ ଯୁବକ ନିଜ ଘରେ ସମସ୍ତଙ୍କ ଅଜାଣତରେ ୧୦୦ରୁ ଅଧିକ ସାପ ପାଳିଥିବା ଜଣାପଡ଼ିଛି। ପୋଲିସ ସୂଚନା ଅନୁଯାୟୀ, ଯୁବକ ଜଣଙ୍କ ନିଜ ଘରେ ମରି ପଡିଥିଲେ। ତାଙ୍କର ଜଣେ ପଡୋଶୀ ଏ ନେଇ ପୋଲିସକୁ ସୂଚନା ଦେଇଥିଲେ। ଏହାପରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଉଦ୍ଧାର କଲାବେଳେ ସେ ମୃତ ବୋଲି ଜାଣିବାକୁ ପାଇଥିଲା। ସେହିସମୟରେ ମୃତକଙ୍କ ଘରେ ବହୁତ ସାପ ଦେଖି ପୋଲିସ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ପରେ ସ୍ନେକ ହେଲ୍ପ ଲାଇନ୍‌କୁ ଫୋନ୍ କରି ସାପ ଉଦ୍ଧାର କରାଯାଇଥିଲା। ତେବେ ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ତାଙ୍କର ମୃତ୍ୟୁ କିପରି ହୋଇଛି ଜଣାପଡିବ ବୋଲି ପୋଲିସ କହିଛି।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

## ମନେ ପଡ଼ନ୍ତି

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ମୋହନ ଚରଣ ଦାସ**
ଅରକଙ୍ଗ, ତିର୍ତ୍ତୋଲ, ଜଗତ୍‌ସିଂହପୁର
ଆବିର୍ଭାବ: ୦୩।୧୧।୧୯୪୮
ତିରୋଧାନ: ୦୬।୦୧।୨୦୧୮
ଅଚାନକ ଚାଲି ଯିବାର ଚାରିବର୍ଷ ବିତିଗଲା। ପରିବାର, ଆତ୍ମୀୟସ୍ୱଜନ, ଗାଁ ଭାଇ ସମସ୍ତେ ଅହରହ ତୁମକୁ ଝୁରୁଛନ୍ତି। ତୁମର ଶାନ୍ତ, ସରଳ, ଆତ୍ମୀକ ବ୍ୟବହାର ପାଇଁ ତୁମେ ତୁମର ବନ୍ଧୁମାନଙ୍କ ନିକଟରେ ଅବିସ୍ମରଣୀୟ। ଆମ ପାଇଁ ତୁମର ଯେଉଁ ଅନାବିଳ ସ୍ନେହ, ଶ୍ରଦ୍ଧା, ଭଲପାଇବା ଥିଲା ତାହା ଅତ୍ୟନ୍ତ ନିଆରା ଓ ଅଭୁଲା। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆଜିର ପୁଣ୍ୟ ତିଥିରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ: ତୁମର ଝିଅ: ବିଜି, ରୁନ, ଟିକ, ମାମା ଓ ନାତି, ନାତୁଣୀ, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୨୨୮୮୯

**ଏକାଦଶାହ ଉପଲକ୍ଷେ**



**ଁକୁମୁଦିନୀ ଦେହୁରୀ**
ସିଦ୍ଧେଶ୍ୱର ସାହି, କଟକ
ଆବିର୍ଭାବ: ୦୮।୦୭।୧୯୪୪
ତିରୋଧାନ: ୧୩।୦୧।୨୦୨୨
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ସ୍ୱାମୀ: ରବୀନ୍ଦ୍ର ସାହୁ (ଅବସରପ୍ରାପ୍ତ ଅଧ୍ୟକ୍ଷ, ଷ୍ଟୁଆର୍ଟ କଲେଜ, କଟକ) ଏବଂ ପରିବାରବର୍ଗ।
ଧ-୨୨୯୧୭

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଁଇଂ. ସୁରେନ୍ଦ୍ର ନାଥ ତ୍ରିପାଠୀ**
ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ (ଜଳସେଚନ)
ପ୍ଲଟ୍ ନଂ.- ୧୬ ରତ୍ନାକରବାଗ-୧, ଟଙ୍କପାଣିରୋଡ୍, ଭୁବନେଶ୍ୱର- ୭୫୧୦୧୮
ଆବିର୍ଭାବ: ୨୬।୧୧।୧୯୩୮
ତିରୋଧାନ: ୦୩।୦୨।୨୦୨୧
(ମାଘମାସ କୃଷ୍ଣପକ୍ଷ ଷଷ୍ଠୀତିଥି)
ଆପଣଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ତ୍ୟାଗ, ଦକ୍ଷତା, ଆଦର୍ଶ, ଆଶୀର୍ବାଦ, ଭଲପାଇବା ଆମ୍ଭମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଥାଉ। ଆପଣଙ୍କ ଅନୁପସ୍ଥିତି ଆମ୍ଭେମାନେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଆପଣଙ୍କ ଚିର ଆଶୀର୍ବାଦ ଭିକ୍ଷୁ ହତଭାଗ୍ୟ ପରିବାରବର୍ଗ।
ଧ-୨୨୯୨୩

# ବଦଳିବନି 'ଲାଲ ସିଂ ଚଡ୍ଡା'ର ରିଲିଜ ତାରିଖ




**ମୁମ୍ବାଇ:** ଫିଲ୍ମ 'ଲାଲ ସିଂ ଚଡ୍ଡା' ପାଇଁ ଚର୍ଚ୍ଚାରେ ଅଛନ୍ତି ଅଭିନେତା ଆମିର ଖାନ। ଏହା ଆସନ୍ତା ଏପ୍ରିଲ ୧୪ରେ ସିନେମା ହଲ୍‌ରେ ମୁକ୍ତିଲାଭ କରିବା ନେଇ ଘୋଷଣା ହୋଇଛି। ପୂର୍ବରୁ କରୋନା ପାଇଁ ସିନେମାର ରିଲିଜ ତାରିଖ ଘୁଞ୍ଚିଯିବ ବୋଲି ଚର୍ଚ୍ଚା ହେଉଥିଲା। କିନ୍ତୁ ଏବେ ତାରିଖ ବଦଳିବ ନାହିଁ ବୋଲି ଆମିର କହିଛନ୍ତି। ଏହାସହ ସେହି ଦିନରେ 'କେଜିଏଫ ଚାପ୍ଟର ୨' ମଧ୍ୟ ରିଲିଜ ହେବ। ଗୋଟିଏ ଦିନରେ ଦୁଇଟି ଫିଲ୍ମ ପରଦାକୁ ଆସୁଥିବାରୁ ଦର୍ଶକଙ୍କ ଉତ୍ସାହ ବଢିଯାଇଛି। ଏଥିରେ ଆମିରଙ୍କ ସହିତ କରୀନା କପୁର ନଜର ଆସିବେ।

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ଆଜମ ଖାନ୍
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଗୁଣିଗାରେଡ଼ି, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ସ୍ପେ. ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ
8882703236
9717049785

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
Mudra Finance
Mob. 8987604637
Whatsapp: 8902923601

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

ଆପଣ ଯେ କୌଣସି ଅସୁବିଧାରେ ପଡ଼ି ହଇରାଣ ହେଉଥିଲେ କେବଳ ଗୋଟିଏ ମାତ୍ର Call କରି ଆମଠାରୁ ନିଅନ୍ତୁ ସମ୍ପୂର୍ଣ୍ଣ ସମସ୍ୟାର ୧୦୦% ସମାଧାନ।
ପ୍ରେମବିବାହ, ବେପାରବୃଦ୍ଧି, ସମ୍ମୋହନ, ଗୃହ ସମସ୍ୟା, ସଉତୁଣୀ, ବଶୀକରଣ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଜାଦୁମନ୍ତ୍ର ଇତ୍ୟାଦି
ବାବା ହସନ୍ ଅଲ୍ଲି
ଅଲ ଇଣ୍ଡିଆ ଖୁଲା ଚାଲେଞ୍ଜ ମାତ୍ର ୩ଘଣ୍ଟାରେ ୧୦୦% ସମାଧାନ।
9560789896

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ରାଜନୀତିରେ ଯୁବ କାହିଁକି



**କଥାରେ ଅଛି ଚିହ୍ନା ବ୍ରାହ୍ମଣଙ୍କର ପଇତା ଲୋଡ଼ା ନାହିଁ। ଠିକ୍ ସେମିତି ପୁରୁଖା ରାଜନେତାଙ୍କ ପୁନର୍ବାର ପରିଚୟ ଦେବାର ଆବଶ୍ୟକତା ନାହିଁ। କାରଣ, ଆମେ ଭାବୁ ଚଳିତ ରାଜନୀତିରେ ଯାହାଙ୍କ ମୂଳଦୁଆ ଯେତେ ପୁରୁଣା ତାଙ୍କ ଶାସନ ଓ କାର୍ଯ୍ୟ ସେତେ ମଜଭୁତ। ହେଲେ ଧୀରେ ଧୀରେ ଏ ଧାରାରେ ପରିବର୍ତ୍ତନ ଦେଖିବାକୁ ମିଳୁଛି ଆଉ ରାଜନୀତିରେ ଯୁବପିଢ଼ିଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ମନରେ ଉତ୍ସାହ ଆଉ ସମାଜରେ କିଛି ପରିବର୍ତ୍ତନର ସ୍ପୃହା ନେଇ ଚଳିତବର୍ଷ ପଞ୍ଚାୟତ ନିର୍ବାଚନରେ ନାମାଙ୍କନ କରି ରାଜନୀତି ମଇଦାନରେ ପାଦଥାପିବାକୁ ଯାଉଥିବା କେତେଜଣ ଯୁବପିଢ଼ିଙ୍କୁ ନେଇ ବିଶେଷ ଉପସ୍ଥାପନା...**

## ସରକାରୀ ସୁବିଧା ଲୋକଙ୍କ ନିକଟରେ ପହଞ୍ଚୁ



ଜୟନ୍ତ ପ୍ରଧାନ

**ଜୟନ୍ତ ପ୍ରଧାନ** (ଯୁଯୁମୁରା, ସମ୍ବଲପୁର)– ଜଣେ ମେକାନିକାଲ ଇଞ୍ଜିନିୟର ଭାବେ ନିଜ ଦରମା ଏବଂ କାମକୁ ନେଇ ବେଶ୍ ଖୁସିଥିଲି। ହେଲେ କୋଭିଡ୍ ସମୟରେ ଯେବେ ୱାର୍କ ଫ୍ରମ୍ ହୋମ୍‌ରେ ରହିଲି ଏବଂ ଆଖପାଖ ଅଞ୍ଚଳରେ ଲୋକଙ୍କ ସହାୟତା ପାଇଁ ହାତ ବଢ଼ାଇଲି, ସମାଜର ବାସ୍ତବ ଚିତ୍ର ମୋତେ ବ୍ୟତିବ୍ୟସ୍ତ କରିଥିଲା। ସରକାରୀ ସହାୟତା ଲୋକଙ୍କ ନିକଟରେ ଠିକ୍ ଭାବେ ନ ପହଞ୍ଚିପାରିବା, ସେମାନେ ଅନେକ ସୁବିଧା ସୁଯୋଗରୁ ବଞ୍ଚିତ ହେଉଥିବାର ଦୃଶ୍ୟ ଦେଖି ଏ ସମସ୍ୟାର ସମାଧାନ କରିବାକୁ ମନ ବଳିଲା। କାରଣ, ନିଜର ଉନ୍ନତି କରିବା ସହଜ ହୋଇଥାଏ ହେଲେ ସାମାଜିକ ଉନ୍ନତି ପାଇଁ ଜନସାଧାରଣଙ୍କ ଉନ୍ନତି ହେବା ଦରକାର। ଏଥିପାଇଁ ରାଜନୀତି କ୍ଷେତ୍ରରେ ପାଦଥାପି ଜଣେ ୟୁଥ୍ ଲିଡର ଭାବେ ସଭିଙ୍କ ଅସୁବିଧା ସମୟରେ ଠିଆ ହେବା ଆଉ ଏହାର ସମାଧାନ କରିବାଠୁ ଭଲ ବାଟ ଆଉ କିଛି ନୁହେଁ ବୋଲି ମୋର ମନେ ହେଲା। ତେଣୁ ଚାକିରି ଛାଡ଼ି ପଞ୍ଚାୟତ ଇଲେକ୍ସନ୍‌ରେ ନାମାଙ୍କନ ଦାଖଲ କରିଛି। ସରପଞ୍ଚ ହେବାକୁ ଇଚ୍ଛାଥିଲେ ହେଁ ଏଥର ଆମ ଯୁଯୁମୁରା ପଞ୍ଚାୟତରେ ଏହି ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ଥିବାରୁ ସମିତି ସଭ୍ୟ ପାଇଁ ନାମାଙ୍କନ ପତ୍ର ଦାଖଲ କରିଛି। ଯଦି ଏଥିରେ ଜିତେ, ତେବେ ଯଥାସମ୍ଭବ ଲୋକଙ୍କ ସ୍ୱାର୍ଥକୁ ନେଇ ଆଗକୁ ବଢ଼ିବାକୁ ଚେଷ୍ଟା କରିବି।



ଅଜୟ କୁମାର ପ୍ରଧାନ



ଅମୂଲ୍ୟ କୁମାର ସାହୁ

## ସମସ୍ତଙ୍କୁ ମିଳୁ ସ୍ୱାସ୍ଥ୍ୟ ସୁବିଧା



ଲିପିକା ମାଝି

**ଲିପିକା ମାଝି** (ପାପଡ଼ାହାଣ୍ଡି, ନବରଙ୍ଗପୁର)– ପେସାରେ ଜଣେ ଡାକ୍ତର ହେବାକୁ ପିଲାବେଳୁ ଇଚ୍ଛା ଥିଲା। ସେଥିପାଇଁ ଦନ୍ତ ଚିକିତ୍ସା (ବିଡିଏସ୍)ରେ ୨୦୧୯ରେ ପଢ଼ା ସାରି ଭୁବନେଶ୍ୱରରେ ଏକ ଘରୋଇ କ୍ଲିନିକ୍‌ରେ ରୋଗୀ ସେବା କରୁଛି। ହେଲେ ଏହା ମାତ୍ର ଅଳ୍ପରେ ସୀମିତ ରହିଯାଉଛି ଏବଂ ଆବଶ୍ୟକ ସମୟରେ ଅନେକ ଲୋକ ଏଭଳି ସେବାରୁ ବଞ୍ଚିତ ହେଉଛନ୍ତି। ତେଣୁ ଅଧିକରୁ ଅଧିକ ଲୋକଙ୍କ ପାଖରେ ସ୍ୱାସ୍ଥ୍ୟ ସୁବିଧା ପହଞ୍ଚାଇ ଦେବା ଲକ୍ଷ୍ୟରେ ରାଜନୀତିରେ ପାଦ ଥାପିବାକୁ ନିଷ୍ପତ୍ତି ନେଇଛି। ତେଣୁ ଚଳିତ ପଞ୍ଚାୟତ ନିର୍ବାଚନରେ ପାପଡ଼ାହାଣ୍ଡି ବ୍ଲକ୍ ଜିଲ୍ଲା ପରିଷଦ ଜୋନ୍ ୨ ପାଇଁ କଂଗ୍ରେସରୁ ନାମାଙ୍କନ ଦାଖଲ କରିଛି। ତେବେ ମୋ ବାପା ଭୁଜବଳ ମାଝି ନବରଙ୍ଗପୁର ଜିଲା ଡାବୁଗାଁ ନିର୍ବାଚନମଣ୍ଡଳୀର ପୂର୍ବତନ କଂଗ୍ରେସ ବିଧାୟକ ଥିଲେ। ତାଙ୍କୁ ଦେଖି ପିଲାଦିନୁ ରାଜନୀତିକୁ ଆସିବାକୁ ଅଭିଳାଷ ରହିଛି। ତେଣୁ ଏଥର ଜିତିଲେ ନିଃସ୍ୱାର୍ଥପର ଭାବେ ରାଜନୀତି ସହ ରୋଗୀ ସେବା ଜାରି ରଖିବି ଏବଂ ଅଞ୍ଚଳର ବିକାଶ ସହ ସ୍ୱାସ୍ଥ୍ୟସେବାକୁ ଅଗ୍ରାଧିକାର ଦେବି।



## ଜନସାଧାରଣଙ୍କ ପାଇଁ ସ୍ୱରୋତ୍ତୋଳନ କରିବି

**ଅମୂଲ୍ୟ କୁମାର ସାହୁ** (ପାରାପିଢ଼ି, ନୟାଗଡ଼)– ଯୁବ ସମାଜକୁ ପ୍ରତ୍ୟେକ କ୍ଷେତ୍ରରେ ସଭିଙ୍କ ଉପକାର ପାଇଁ ଆଗେଇ ଆସିବା ଦରକାର ବୋଲି ମୋର ବିଶ୍ୱାସ। ଆଉ ଏଥିପାଇଁ ନିଜେ ସର୍ବଦା ଚେଷ୍ଟା କରି ଆସିଛି। ବର୍ତ୍ତମାନ ନୟାଗଡ଼ ବିଜୁ ଛାତ୍ର ଜନତା ଦଳର ଜିଲା ଉପସଭାପତି ଭାବେ କାର୍ଯ୍ୟ କରୁଛି। ୨୦୧୭ ମସିହାରେ ନୟାଗଡ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ର ସଂସଦ ସଭାପତି ଭାବେ ପ୍ରାର୍ଥୀ ଭାବେ ଅଂଶଗ୍ରହଣ କରିଥିଲେ ସୁଦ୍ଧା ସାଇନ୍ ଏ ଡାଏ ହେବା କାରଣରୁ ଏଥିରୁ ବଞ୍ଚିତ ହୋଇଥିଲି। ପିଲାଟି ଦିନରୁ ଲୋକଙ୍କ ସେବା କରିବାକୁ ମୋର ଆଗ୍ରହ। ତେଣୁ ଜଣେ ଯୁବ ଦଳର ମୁଖ୍ୟ ଭାବେ ସମାଜସେବା କରିବାକୁ ଆଗେଇ ଆସିଛି ଆଉ ନୟାଗଡ଼ ଜିଲା ନୂଆଗାଁ ବ୍ଲକ ପାରାଡିପି ପଞ୍ଚାୟତର ସମିତିସଭ୍ୟ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଛି। ଯୁକ୍ତ ୩ ପାସ୍ କରିବା ପରେ ବର୍ତ୍ତମାନ ଲ' ପଢୁଛି। ଯଦିଓ ମୋ ପାଇଁ ଜୟ ପରାଜୟ ସେପରି କିଛିନାହିଁ, ତଥାପି ଏକ ପଦବୀରେ ରହିଲେ ଏହାର ଗୁରୁତ୍ୱ ସାଧାରଣ ମଣିଷଠାରୁ ଅଧିକ ଥିବାରୁ ନାମାଙ୍କନ କରିଛି। ଜିତେ ଅବା ହାରେ ସର୍ବଦା ଜନସାଧାରଣଙ୍କ ସୁବିଧା ପାଇଁ ସ୍ୱର ଉତ୍ତୋଳନ କରିବି।

## ରାଜନୀତି ନୁହେଁ, ସମାଜସେବା ଲକ୍ଷ୍ୟ

**ଅଜୟ କୁମାର ପ୍ରଧାନ** (ବୀରହରେକୃଷ୍ଣପୁର, ପୁରୀ)– ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ଯୋଡ଼ି ହୋଇ ବିଭିନ୍ନ ସାମାଜିକ ସଚେତନତାମୂଳକ କାର୍ଯ୍ୟକ୍ରମରେ ଆଗଧାଡ଼ିର କର୍ମୀ ଭାବେ ନିଜ ଦାୟିତ୍ୱ ତୁଲାଇ ଆସିଛି। ଏହାବ୍ୟତୀତ ରକ୍ତଦାନ କରିବାଠାରୁ ଆରମ୍ଭ କରି ପରିବେଶ ସୁରକ୍ଷା ନିମନ୍ତେ ବୃକ୍ଷରୋପଣ କରିବା, ଜନସାଧାରଣଙ୍କ ଅସୁବିଧା ସମୟରେ ସହାୟତାର ହାତ ବଢ଼ାଇବାରେ କେବେ ପଛଘୁଞ୍ଚା ଦେଇନି। ରାସ୍ତାରେ ବୁଲୁଥିବା ଅସହାୟ ଲୋକଙ୍କୁ ହେଉ ଅବା ଦୁର୍ଘଟଣା ସମୟରେ ପିଡ଼ିତଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଇ ଚିକିତ୍ସା କରାଇଥାଏ। ପରିଚୟ ନ ଥିବା ଶବଗୁଡ଼ିକର ସ୍ୱର୍ଗଦ୍ୱାରକୁ ନେଇ ସତ୍କାର କରିଥାଏ। ଏସବୁ କାର୍ଯ୍ୟଲାଗି ପୁରୀ ଅଞ୍ଚଳରେ ଜଣେ ସମାଜସେବୀ ଭାବେ ଅନେକଙ୍କ ନିକଟରେ ପରିଚିତ ହୋଇପାରିଛି। ଆଜି ସେମାନଙ୍କ ପ୍ରେରଣା ଆଉ ପରାମର୍ଶରେ ହିଁ ନିର୍ବାଚନ ଲଢ଼ିବାକୁ ରାଜି ହୋଇଛି। ଯଦିଓ ସଭିଏଁ ମୋତେ ଭାବୀ ସରପଞ୍ଚ ଭାବେ ଦେଖିବାକୁ ଚାହୁଁଥିଲେ, ହେଲେ ମହିଳାଙ୍କ ପାଇଁ ଆସନ ସଂରକ୍ଷିତ ଥିବାରୁ ପୁରୀ ଜିଲା ବୀରହରେକୃଷ୍ଣପୁର ପଞ୍ଚାୟତରେ ସମିତି ସଭ୍ୟ ଭାବେ ନାମାଙ୍କନ କରିଛି। ପ୍ରକୃତରେ ରାଜନୀତି ନୁହେଁ ବରଂ ସମାଜସେବା ମୋର ଏକମାତ୍ର ଲକ୍ଷ୍ୟ। ତେଣୁ ଜିତିବା ହାରିବାକୁ ଧ୍ୟାନ ନ ଦେଇ ସବୁବେଳେ ସେବା କାର୍ଯ୍ୟ ଜାରି ରଖିବି।

## ଏ ସପ୍ତାହର ପ୍ରଶ୍ନ

୧– ରୋଜଗାର ମିଶନ....... ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଯାଇଛି ?
୨– କୋଭିଡ୍–୧୯ ଭାକ୍ସିନ୍ ସ୍ମୃତିରେ ଆମ ଦେଶରେ ପ୍ରଚଳିତ ହୋଇଥିବା ପୋଷ୍ଟାଲ୍ ଷ୍ଟାମ୍ପରେ.......... ଭାକ୍ସିନ୍‌ର ଚିତ୍ର ରହିଛି ?
୩– ନୂଆ ପ୍ରଜାତିର ସାପ ହାଇଡ୍ରୋଫିସ୍ ଗ୍ରାସିଲିଶ୍ ..............ଠାରେ ଠାବ କରାଯାଇଛି ?
୪– ଜାଗରୁକ୍ ଭୋଟର କ୍ୟାମ୍ପେନ୍ ଡିଜିଟାଲ୍ ପ୍ଲାଟଫର୍ମ...........ରେ ଆରମ୍ଭ କରାଯାଇଛି ?
୫– ନ୍ୟାଶନାଲ୍ ଆଚିଭ୍‌ମେଣ୍ଟ ସର୍ଭେ ..........ବର୍ଷରେ ଥରେ କରାଯାଇଥାଏ ?

## ଗତ ଥରର ଉତ୍ତର

୧ ଉତ୍ତର ପ୍ରଦେଶ
୨ ପ୍ରଧାନମନ୍ତ୍ରୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ
୩ ନ୍ୟାଶନାଲ୍ ସ୍କିଲ୍ ଡେଭେଲପ୍‌ମେଣ୍ଟ କର୍ପୋରେଶନ୍
୪ ଇଣ୍ଡୋ–ପାସିଫିକ୍ ଦେଶ
୫ ମଣିପୁରସ୍ଥିତ କେଇବୁଲ୍ ଲାମ୍‌ଜାଓ ନ୍ୟାଶନାଲ୍ ପାର୍କ

## ଉତ୍ତରଦାତା



କେ. ସୁନୀଲ କୁମାର ରାଓ, ଗଞ୍ଜାମ



ଧନଞ୍ଜୟ ମହାରଣା, ଯାଜପୁର



ଜି. ଅଙ୍କିତ୍ ରାଓ, ବ୍ରହ୍ମପୁର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ଲୋକପ୍ରିୟ ୱାଇଲ୍ଡ ଲାଇଫ୍ ଫଟୋଗ୍ରାଫର–୨୦୨୧



ଜାଭିଅର୍ ଅର୍ଟେଗା

୧– ଜାଭିଅର୍ ଅର୍ଟେଗା.................. ସ୍ପେନ୍
୨– ଚିନ୍ ଲିଅଙ୍ଗ୍ ଟିଓ.................. ସିଙ୍ଗାପୁର
୩– ପିଟର୍ ବାମ୍ବୋସେକ୍.................. ଚେକ୍ ରିପବ୍ଲିକ୍
୪– ନିକୋଲାସ୍ ସାମାରାସ୍.................. ଗ୍ରୀସ୍
୫– ୟଙ୍ଗ୍ ସେନ୍ ଉ.................. ତାଇୱାନ୍
୬– ଆଣ୍ଡି ଲର୍ଣ୍ଣର୍.................. ଆମେରିକା
୭– ମିକ୍ୱେଲ୍ ଆଞ୍ଜେଲ୍ ଆର୍ଟସ୍ ଇଲାନା.................. ସ୍ପେନ୍
୮– ଆର୍ନଫିନ୍ ଜୋହାନସେନ୍.................. ନରୱେ
୯– ଟ୍ରେସି ଲଣ୍ଡ.................. ୟୁନାଇଟେଡ୍ କିଙ୍ଗଡମ୍
୧୦– ଜୋ ଭାନ୍ ରୋସେମ୍.................. ବେଲ୍‌ଜିଅମ୍

## ଯୁବ ପ୍ରତିଭା

# ମିରର୍ ରାଇଟିଂରେ ପାରଙ୍ଗମ ମୁସ୍କାନ୍

**ଭ**ଲ ପାଠପଢ଼ିବା, ଚିତ୍ରାଙ୍କନ, ତର୍କ ପ୍ରତିଯୋଗିତା ସବୁଥିରେ ସେ ଆଗୁଆ। ତଥାପି କିଛି ଭିନ୍ନ କରି ନିଜର ପରିଚୟ ଗଢ଼ିବାକୁ ସେ ସର୍ବଦା ଉଦ୍ୟମରତ। ଆଉ ଦୃଢ଼ ମନୋବଳ ଏବଂ ପ୍ରଚେଷ୍ଟା ଦ୍ୱାରା ଆଜି ସେ ନା କେବଳ ନିଜ ଲକ୍ଷ୍ୟ ହାସଲ କରିବାରେ ସଫଳ ହୋଇପାରିଛନ୍ତି ବରଂ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ସେ ହେଉଛନ୍ତି, ଜଟଣୀ ବ୍ଲକ ତରାବୋଇ ଗ୍ରାମର ମା' ସଞ୍ଜିତା ବାନୋ ଏବଂ ବାପା ଶେଖ୍ ସମ୍‌ସେରଙ୍କ ଝିଅ ମୁସ୍କାନ୍ ତେହସିନ। ସେ ଜଣେ ମେଧାବୀ ଛାତ୍ରୀ ହେବା ସହ ଦୁଇ ହାତରେ କଲମ ଧରି ଏକ ସମୟରେ ନିର୍ଭୁଲ ଭାବେ ୨ଟି ଭାଷାରେ ସୁନ୍ଦର ଭାବେ ଲେଖିପାରନ୍ତି। ଦର୍ପଣ ଛବି (ମିରର ରାଇଟିଂ)ରେ ଓଲଟା ଅକ୍ଷର ଲେଖିବାରେ ମୁସ୍କାନ ବେଶ୍ ପାରଙ୍ଗମ। ଓଡ଼ିଆ, ଇଂଲିଶ୍, ହିନ୍ଦୀ, ସଂସ୍କୃତ ଏବଂ ଉର୍ଦ୍ଦୁ ଭାଷାରେ ଲେଖି ନିଜ ପାରଦର୍ଶିତାର ପରିଚୟ ଦେଇଛନ୍ତି। ଜାତୀୟ ସଙ୍ଗୀତକୁ ସେ ୫ଟି ଭାଷାରେ ଉଭୟ ହାତରେ ଏବଂ ମିରର ରାଇଟିଂ (ଦର୍ପଣରେ ଓଲଟା ଲେଖା) ଲେଖି ଏବେ ଇଣ୍ଡିଆ ବୁକ୍ ଅଫ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି। ତାଙ୍କର ଏହି ନିଆରା ପ୍ରତିଭା ସମ୍ପର୍କିତ ଖବର ପ୍ରଚାରିତ ହେବା ପରେ ମୁସ୍କାନ୍‌ଙ୍କୁ କଲେଜରେ ଅଧାପିକା, ଅଧାପକ, ସହପାଠୀ, ପରିବାର ଏବଂ ବନ୍ଧୁବର୍ଗଙ୍କ ନିକଟରୁ ପ୍ରଶଂସା ଓ ଶୁଭେଚ୍ଛାର ସୁଅ ଛୁଟୁଛି। ବର୍ତ୍ତମାନ ମୁସ୍କାନ୍ ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତ ତିନି ପଦାର୍ଥ ବିଜ୍ଞାନ ଶେଷବର୍ଷର ଛାତ୍ରୀ। ସେ କୁହନ୍ତି, 'ଲକ୍‌ଡାଉନ ସମୟରେ କଲେଜ ବନ୍ଦ ହୋଇଗଲା। ଦୁଇ ହାତରେ କଲମ ଧରି ଲେଖିବା ଆରମ୍ଭ କରିଥିଲି। ଘରେ ପାଠପଢ଼ା ସହ ମୋର ଏହି ଅଭ୍ୟାସ ଜାରି ରଖିଥିଲି। ଏବେ ଏହା ମୋର ଅଭ୍ୟାସରେ ପରିଣତ ହୋଇଯାଇଛି। ଏକା ସମୟରେ ଦୁଇ ହାତରେ କଲମ ଧରି ଦୁଇଟି ଭାଷାରେ ଯେକୌଣସି ବିଷୟକୁ ଲେଖିପାରୁଛି। ମୋର ଏହି କଳା ସମ୍ପର୍କରେ ଜାଣିବା ପରେ ଆଗକୁ ବଢ଼ିବା ଲାଗି ମା'ବାପା ପ୍ରେରଣା ଦେଇଥିଲେ।' ତରାବୋଇଠାରୁ ଖୋର୍ଦ୍ଧା ପ୍ରାୟ ୧୫ କିମି ସାଇକଲ ଚଢ଼ି କଲେଜ ଯାଉଥିବା ମୁସ୍କାନ୍ ଦୃଢ଼ ଇଚ୍ଛା ଶକ୍ତି ବଳରେ ସଫଳତା ହାସଲ କରିବା ସହ ଭବିଷ୍ୟତରେ ଗିନିଜ୍ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇବାକୁ ଲକ୍ଷ୍ୟ ରଖିଛନ୍ତି।

– ପ୍ରଭାତ ପାଣିଗ୍ରାହୀ




## ଜାଣନ୍ତୁ ଦୁନିଆ

# ଗଣତନ୍ତ୍ର ଦିବସ: କେଉଁଠି, କେମିତି

**ଗଣତନ୍ତ୍ର ଦିବସରେ ଦେଶର ଅସ୍ମିତାକୁ ସ୍ମରଣ କରାଯାଇ ଦେଶ ପାଇଁ ବଳିଦାନ ଦେଇଥିବା ପୂର୍ବସୁରୀଙ୍କୁ ସମ୍ମାନ ଜଣାଯାଏ। ହେଲେ, ବିଶ୍ୱର ବିଭିନ୍ନ ସ୍ଥାନରେ ଏହି ଦିବସକୁ ଭିନ୍ନ ଭିନ୍ନ ପ୍ରକାରେ ପାଳନ କରାଯାଏ। ତେବେ କେଉଁ ସ୍ଥାନରେ ଏହାକୁ କେମିତି ପାଳନ କରାଯାଏ, ଜାଣନ୍ତୁ ସେ ସମ୍ପର୍କରେ...**

**ଇଟାଲୀ**– ଏଠାରେ ପ୍ରତିବର୍ଷ ୨ ଜୁନ୍‌ରେ 'ଗଣତନ୍ତ୍ର ଦିବସ' ବା 'ଫେଷ୍ଟା ଡେଲା ରିପବ୍ଲିକା' ପାଳନ କରାଯାଏ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏହା ଗଣତାନ୍ତ୍ରିକ ରାଷ୍ଟ୍ର ରୂପେ ଘୋଷିତ ହୋଇଥିଲା। ରାଜଧାନୀ ରୋମ୍‌ଠାରେ ଏହି ଦିବସ ପାଳନ ଲାଗି ଧୁମ୍‌ଧାମ୍‌ରେ ଆୟୋଜନ କରାଯାଏ। ରାଷ୍ଟ୍ରପତିଙ୍କ ବଗିଚା 'ପାଲାଜୋ ଡେଲ୍ କ୍ୟୁରିନାଲେ' ଜନସାଧାରଣଙ୍କ ପାଇଁ କେବଳ ଏହି ଦିନ ଉପରବେଳା ଖୋଲାଯାଏ, ଯେଉଁଠି ଲୋକମାନେ ବିଭିନ୍ନ ପ୍ରକାରର ମ୍ୟୁଜିକ୍ ଲଗାଇ ନିଜର ପାରମ୍ପରିକ ବେଶପୋଷାକରେ ନୃତ୍ୟ କରିଥା'ନ୍ତି।



**ମାଳଦ୍ୱୀପ**– ୧୯୬୮ ମସିହାଠାରୁ ପ୍ରତିବର୍ଷ ଏଠାର ଅଧିବାସୀମାନେ ୧୧ ନଭେମ୍ବରକୁ ଗଣତନ୍ତ୍ର ଦିବସ ରୂପେ ପାଳନ କରି ଆସୁଛନ୍ତି। ଏହି ଦିନ ଛୋଟ ପିଲାମାନେ ସମାନ ଭାବେ ସଜାଇ ହୋଇ ଗଳି କନ୍ଦି ବୁଲି ପ୍ୟାରେଡ଼ କରିଥା'ନ୍ତି। ଏହି ଦିନରେ ଏମାନେ ସେଠାର ଏକ ନଡ଼ିଆ ଜାତୀୟ ଖାଦ୍ୟ 'ହୁନି ହାକୁରୁ ଫୋଲି', ସ୍ୱିଟ ରାଇସ୍ ଭାବେ 'ବୋଡ଼ିବାଇ' ଏବଂ ମାଛର ଏକ ଡିସ୍ 'ମାସ୍‌ରୋଶି' କରି ଖାଇଥା'ନ୍ତି ଓ ଅନ୍ୟମାନଙ୍କୁ ମଧ୍ୟ ଖୁଆଇଥା'ନ୍ତି।

**ତୁର୍କୀ**–୨୯ ଅକ୍ଟୋବରକୁ ଏମାନେ ଗଣତନ୍ତ୍ର ଦିବସ ରୂପେ ପାଳନ କରିଥା'ନ୍ତି। ୧୯୨୩ ମସିହା ଏହି ଦିନରେ ତୁର୍କୀର ସମ୍ବିଧାନ ପ୍ରଣୟନ ହୋଇଥିଲା ଓ ତୁର୍କୀ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ରୂପେ ପରିଗଣିତ ହେଲା। ଦିନଟିକୁ ଭଲରେ ସେଲିବ୍ରେଟ୍ କରିବା ପାଇଁ ତା'ର ପୂର୍ବଦିନରୁ ପ୍ରସ୍ତୁତି ଆରମ୍ଭ ହୋଇଯାଏ। ଏହି ଦିନ ସ୍କୁଲ୍, କଲେଜ୍, ସରକାରୀ କାର୍ଯ୍ୟାଳୟଗୁଡ଼ିକ ବନ୍ଦ ଥାଏ। ଦେଶର ପ୍ରତି ସହରକୁ ବାଣ ଓ ଲାଇଟ୍‌ରେ ସଜାଯାଏ ଏବଂ ସନ୍ଧ୍ୟାରେ ଲାଇଟ୍ ଶୋ'ର ବ୍ୟବସ୍ଥା କରାଯାଏ। ଏଠାର ଲୋକମାନେ ସାରାଦିନ ନିଜକୁ ପାରମ୍ପରିକ ବେଶରେ ସଜାଇ ନାଚଗୀତରେ ମସ୍‌ଗୁଲ ହୋଇଥାଆନ୍ତି।



**ତାଇୱାନ୍**– ରିପବ୍ଲିକ୍ ଅଫ୍ ଚାଇନା ବା ତାଇୱାନର ଅଧିବାସୀମାନେ ୧୦ ଅକ୍ଟୋବରକୁ ଏଠାର ଗଣତନ୍ତ୍ର ଦିବସ ଭାବେ ମାନିଥା'ନ୍ତି। ଏହାକୁ 'ଡବଲ୍ ଟେନ୍ ଡେ' ମଧ୍ୟ କୁହାଯାଏ। ଏହି ଦିନ ଦେଶର ମୁଖ୍ୟ (ଇଣ୍ଟେରିମ୍ ପ୍ରେସିଡେଣ୍ଟ) ଲୋକଙ୍କ ନିମିତ୍ତ ଅଭିଭାଷଣ ଦେଇଥା'ନ୍ତି। ମିଲିଟାରୀ ପ୍ୟାରେଡ଼, ରାଲି ସହ ସବୁ ପ୍ରଫେସନ୍‌ର ଲୋକମାନେ ବ୍ୟାଣ୍ଡ ବଜାଇ ଏହି ଦିନଟିକୁ ଅତିବାହିତ କରିଥା'ନ୍ତି।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଭାରତ-ଦକ୍ଷିଣ ଆଫ୍ରିକା ଅନ୍ତିମ ଦିନିକିଆ ଆଜି

**କେପ୍ ଟାଉନ,୨୨ା୧**

ସ୍ଥାନୀୟ ନ୍ୟୁଲାଣ୍ଡ୍ସ ଗ୍ରାଉଣ୍ଡରେ ଭାରତ ଓ ଘରୋଇ ଦକ୍ଷିଣ ଆଫ୍ରିକା ମଧ୍ୟରେ ରବିବାର ତୃତୀୟ ତଥା ଅନ୍ତିମ ଦିନିକିଆ କ୍ରିକେଟ ମ୍ୟାଚ୍ ଖେଳାଯିବ। ପ୍ରଥମ ଦୁଇଟି ଦିନିକିଆ ମ୍ୟାଚ୍‌ରେ ପରାସ୍ତ ହୋଇ ଭାରତ ୨-୦ରେ ପଛରେ ପଡିଥିବା ବେଳେ ଦକ୍ଷିଣ ଆଫ୍ରିକା ଆଗୁଆ ସିରିଜ ହାତେଇ ନେଇସାରିଛି। ତେଣୁ ଏହି ମ୍ୟାଚ୍ ଜିତି ଭାରତ ସାନ୍ତ୍ୱନାମୂଳକ ବିଜୟ ହାସଲ କରିବା ସହ ହ୍ୱାଇଟ୍‌ୱାଶ ଏଡାଇବା ଲକ୍ଷ୍ୟରେ ରହିଛି। ଅନ୍ୟପଟେ ଦକ୍ଷିଣ ଆଫ୍ରିକା ୩-୦ରେ ବିଜୟୀ ହୋଇ ସିରିଜ କ୍ଲିନ୍‌ସୁଇପ୍ କରିବାକୁ ପ୍ରୟାସ କରିବ।


ଲୋକେଶ ରାହୁଲ

ଭାରତୀୟ ଦଳରେ ଥିବା ଏକାଧିକ ସମସ୍ୟା ପଦାରେ ପଡିଛି। ଆଧୁନିକ ସୀମିତ ଓଭର କ୍ରିକେଟ ସହିତ ଭାରତୀୟ ଦଳ ଖାପ୍ ଖୁଆଇ ପାରି ନ ଥିବା ସ୍ପଷ୍ଟ ହୋଇଛି। ମିଡିଲ ଓଭରରେ ବ୍ୟାଟରମାନେ ମୁମେଣ୍ଟମକୁ ବଜାୟ ରଖିବାରେ ବିଫଳ ହୋଇଛନ୍ତି। ସେହିପରି ବୋଲିଂରେ କେବଳ ଯଶପ୍ରୀତ ବୁମ୍‌ରାଙ୍କୁ ବାଦ୍ ଦେଲେ ଅନ୍ୟ ବୋଲରମାନେ କ୍ଲବସ୍ତରର ପ୍ରଦର୍ଶନ କରୁଥିବା ଲକ୍ଷ୍ୟ କରାଯାଇଛି। ବୋଲରମାନେ ବ୍ରେକ୍ ଥ୍ରୁ ଦେବାରେ ବିଫଳ ହୋଇଛନ୍ତି। ଦୁଇଟି ମ୍ୟାଚ୍‌ରେ ଭାରତ ମୋଟ ୭ ଉଇକେଟ ଅକ୍ତିଆର କରିଛି। ପ୍ରଥମ ଦିନିକିଆରେ ଘରୋଇ ଦଳ ପ୍ରଥମେ ବ୍ୟାଟିଂ କରି ୪ ଓ ଦ୍ୱିତୀୟରେ ଚେଜ୍ କରି ୩ ଉଇକେଟ ହରାଇଥିଲା। ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଓ ଦ୍ରୁତ ବୋଲର ଭୁବନେଶ୍ୱର କୁମାର ଦକ୍ଷିଣ ଆଫ୍ରିକା ଯୁବ ବ୍ୟାଟ୍ସମ୍ୟାନ ରାସି ଭାନ ଡେର ଡୁସେନ ଓ ଜାନେମନ ମଲନଙ୍କ ଆଗରେ ନିହାତି ମାମୁଲି ମନେ ହେଉଥିଲେ। ଓପନର କ୍ୱିଣ୍ଟନ ଡିକକ୍ ମଧ୍ୟ ଅତି ସହଜରେ ଭାରତୀୟ ବୋଲରଙ୍କୁ ସାମ୍ନା କରି ରନ ସଂଗ୍ରହ କରିଥିଲେ। ଅଶ୍ୱିନ ଓ ଭୁବନେଶ୍ୱର ଫ୍ଲପ୍ ସାବ୍ୟସ୍ତ ହୋଇଛନ୍ତି। କୋଚ୍ ରାହୁଲ ଦ୍ରାବିଡ୍ ମଧ୍ୟ ଚିନ୍ତିତ ଥିବେ। ତୃତୀୟ ମ୍ୟାଚ୍‌ରେ ଜୟନ୍ତ ଯାଦବ ଓ ଦୀପକ ଚହରଙ୍କୁ ଖେଳାଯିବାର ଆବଶ୍ୟକତା ରହିଛି। ବୋଲାଣ୍ଡ ପାର୍କରେ ଖେଳାଯାଇଥିବା ପ୍ରଥମ ଦୁଇଟି ମ୍ୟାଚ୍‌ରେ ବଲ ସେତେଟା ପେସ୍ କିମ୍ବା ବାଉନ୍ସ ନ ଥିଲା। ଏହା ଘରୋଇ ପରିବେଶର ପିଚ୍ ଭଳି ମନେ ହେଉଥିଲେ ମଧ୍ୟ ଭାରତୀୟ ଖେଳାଳିମାନେ ବିଫଳ ହୋଇଥିଲା।

ତେବେ ନ୍ୟୁଲାଣ୍ଡ୍ସରେ ବଲ୍ ଅଧିକ ପେସ୍ ଓ ବାଉନ୍ସ ହେବ। ତେଣୁ ଭାରତୀୟ ଖେଳାଳି ଏହି ପିଚ୍ ଉପରେ ସଂଘର୍ଷ କରିବ। ଅଧିନାୟକ ଭାବେ ଲୋକେଶ ରାହୁଲଙ୍କ ପାଇଁ ଏହି ଗସ୍ତ ଦୁଃସ୍ୱପ୍ନ ସାବ୍ୟସ୍ତ ହୋଇଛି। ତେବେ ପ୍ରଥମ ଟେଷ୍ଟରେ ତାଙ୍କର ଶତକ ବଳରେ ଭାରତ ବିଜୟୀ ହୋଇଥିଲା। ସେ ଭବିଷ୍ୟତର ଅଧିନାୟକ ବିବେଚିତ ହେଉଛନ୍ତି। ତେବେ ଏହି ସିରିଜରେ ତାଙ୍କ ନେତୃତ୍ୱର ପରାକାଷ୍ଠା ଦେଖିବାକୁ ମିଳିନାହିଁ। ତେଣୁ ତାଙ୍କର ଏ ଦିଗରେ ଆହୁରି ଅଧିକ କାର୍ଯ୍ୟ କରିବାକୁ ହେବ। ଏହାକୁ ବାଦ୍ ଦେଲେ ରାହୁଲଙ୍କ ବ୍ୟାଟିଂ ଶୈଳୀ ବେଶ୍ ପୁରୁଣା ମନେ ହେଉଛି। ଆଧୁନିକ ଦିନିକିଆରେ ତାଙ୍କ ବ୍ୟାଟିଂ ଖାପ୍ ଖୁଆଇ ପାରୁନାହିଁ। ପୁଣି ସେ ଷ୍ଟ୍ରାଇକ୍ ରୋଟେଟ କରିବାରେ ମଧ୍ୟ ବିଫଳ ହୋଇଛନ୍ତି। ଯାହାଫଳରେ ମିଡ୍‌ଲ ଅର୍ଡର ବ୍ୟାଟର ଉପରେ ଚାପ ବୃଦ୍ଧି ପାଉଛି।

ରୋହିତ ଶର୍ମା ପ୍ରତ୍ୟାବର୍ତ୍ତନ କଲେ ରାହୁଲ ଟପ୍ ଅର୍ଡରରେ ସ୍ଥାନ ହରାଇବେ। କାରଣ ରୋହିତ ଓ ଶିଖର ଧାୱନ ଇନିଂସ ଓପନ କରିବେ। ଅଧିନାୟକ ଭାବେ ରାହୁଲଙ୍କ ନିକଟରେ କୋହଲିଙ୍କ ଏନର୍ଜି ଦେଖିବାକୁ ମିଳୁନାହିଁ। ପୁଣି ଅଧିନାୟକ ପଦରୁ ହଟିବା ପରେ କୋହଲିଙ୍କଠାରେ ସେଭଳି ଜୋଶ୍ ଦେଖିବାକୁ ମିଳୁନାହିଁ। ଯଦିଓ ସେ ପ୍ରଥମ ଦିନିକିଆରେ ୫୧ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଛନ୍ତି। ସେ ନିଜର ରୁଟିନ୍ ଜାରି ରଖିଥିଲେ ମଧ୍ୟ ପୂର୍ବପରି ସେତେଟା ଉତ୍ସାହର ସହିତ ଜଡିତ ହୋଇପାରୁ ନାହାନ୍ତି। ଅଧିନାୟକ ଭାବେ ରାହୁଲ ଯୁବ ଖେଳାଳିମାନଙ୍କୁ ଉତ୍ସାହିତ କରିବାରେ ସଫଳ ହୋଇନାହାନ୍ତି। ତେଣୁ ରାହୁଲଙ୍କ ସାମ୍ନାରେ ଏକାଧିକ ଚ୍ୟାଲେଞ୍ଜ ରହିଛି।

**ମ୍ୟାଚ୍ ଆରମ୍ଭ: ଅପରାହ୍ନ ୨ଟା**
**ସ୍ଥାନ: ନ୍ୟୁଲାଣ୍ଡ୍ସ, କେପ୍‌ଟାଉନ**
**ସିଧା ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**

# ଚତୁର୍ଥ ରାଉଣ୍ଡରେ ହାଲେପ୍, କର୍ନେଟ

**ମେଲବୋର୍ନ,୨୨ା୧**

ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଶନିବାର ଷଷ୍ଠ ଦିବସରେ ପହଞ୍ଚିଛି। ମହିଳା ଓ ପୁରୁଷ ସିଙ୍ଗଲ୍ସରେ ସିଡେଡ୍ ଖେଳାଳିମାନେ ଅଗ୍ରଗତି କରିଛନ୍ତି। ମହିଳା ସିଙ୍ଗଲ୍ସରେ ଶନିବାର ରୋମାନିଆର ସିମୋନା ହାଲେପ୍, ପୋଲାଣ୍ଡର ଇଗା ସ୍ୱିଟେକ, ଇସ୍ତୋନିଆର କାଇଆ କାନେପି, ବେଲାରୁଷର ଅରିନା ସାବାଲେଙ୍କା, ବେଲ୍‌ଜିୟମର ଏଲିସ ମେର୍ଟେନ୍ସ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୧୪ତମ ସିଡ୍ ହାଲେପ୍ ୯୮ ତମ ର‍୍ୟାଙ୍କର ଡଙ୍କା କୋଭିନିକଙ୍କୁ ୬-୨, ୬-୧ ସେଟ୍‌ରେ ଅତି ସହଜରେ ହରାଇ ଅଗ୍ରଗତି କରିଛନ୍ତି। ଦୁଇଥର ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଥିବା ହାଲେପ୍ ଏଥିସହ କ୍ରମାଗତ ପଞ୍ଚମଥର ପାଇଁ ଅଷ୍ଟ୍ରେଲିଆନ ଓପନ ଚତୁର୍ଥ ରାଉଣ୍ଡକୁ ଉଠିଛନ୍ତି। ହାଲେପ୍ ପୂର୍ବରୁ ୨୦୧୮ରେ ଫ୍ରେଞ୍ଚ ଓପନ୍ , ୨୦୧୯ରେ ୱିମ୍ବଲଡନ ଟାଇଟଲ ହାସଲ କରିଥିଲେ। ସେ ମଧ୍ୟ ୨୦୧୮ ଅଷ୍ଟ୍ରେଲିଆନ ଓପନ ଫାଇନାଲରେ ପ୍ରବେଶ କରିଥିଲେ ଓ କାରୋଲିନ୍ ଓଜ୍ନିଆକିଙ୍କଠାରୁ ପରାସ୍ତ ହୋଇଥିଲେ। ହାଲେପ୍ ଏବେ ଅଲିଜ କର୍ନେଟଙ୍କୁ ଭେଟିବେ। କର୍ନେଟ ଅନ୍ୟ ଏକ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ୪-୬, ୬-୪, ୬-୨ସେଟ୍‌ରେ ବିଶ୍ୱର ୨୯ ନମ୍ବର ଖେଳାଳି ତମରା ଜିଡାନ୍‌ସେକଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ୨୦୦୯ ପରେ କର୍ନେଟ ପ୍ରଥମଥର ପାଇଁ ଅଷ୍ଟ୍ରେଲିଆନ ଓପନ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ୨୭ତମ ସିଡ୍ ଆମେରିକାର ଡାନିଏଲ କଲିନ୍ସ ୪-୬, ୬-୪, ୭-୫ ସେଟ୍‌ରେ ୧୯ ବର୍ଷୀୟା କ୍ଲାରା ଟାଉସନଙ୍କୁ ପରାସ୍ତ କରି ଚତୁର୍ଥ ରାଉଣ୍ଡକୁ ଉଠିଛନ୍ତି। କଲିନ୍ସ ଏବେ ୧୯ ନମ୍ବର ଖେଳାଳି ଏଲିସ ମେର୍ଟେନ୍ସଙ୍କୁ ଭେଟିବେ। ମେର୍ଟେନ୍ସ ୬-୨, ୬-୨ ସେଟ୍‌ରେ ଝାଙ୍ଗ ଶୁଆଇଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ସେହିପରି ସାବାଲେଙ୍କା ୪-୬, ୬-୩, ୬-୧ ସେଟ୍‌ରେ ମାର୍କେଟା ଭୋଣ୍ଡ୍ରୋଉସୋଭଙ୍କୁ ହରାଇ ଚତୁର୍ଥ ରାଉଣ୍ଡକୁ ଉଠିଛନ୍ତି।

**ଅଷ୍ଟ୍ରେଲିଆନ ଓପନ୍ ଟେନିସ**


ସିମୋନା ହାଲେପ୍

### ପୁରୁଷ ସିଙ୍ଗଲ୍ସ: ଚତୁର୍ଥ ରାଉଣ୍ଡରେ ସିତ୍‌ସିପାସ୍, ସିଲିକ୍

ଅଷ୍ଟ୍ରେଲିଆନ ଓପନ୍ ପୁରୁଷ ସିଙ୍ଗଲ୍ସ ଇଭେଣ୍ଟର ଚତୁର୍ଥ ରାଉଣ୍ଡରେ ଚତୁର୍ଥ ସିଡ୍ ଷ୍ଟିଫାନୋସ ସିତ୍‌ସିପାସ୍ ଓ ଟେଲର ଫ୍ରିଜ୍ ମୁହାଁମୁହିଁ ହେବେ। ବେନୋଇଟ୍ ପାଇରେଙ୍କୁ ୬-୩, ୭-୫, ୬-୭ ସେଟ୍‌ରେ ପରାସ୍ତ କରି ସିତ୍‌ସିପାସ୍ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ୨୦ତମ ସିଡ୍ ଫ୍ରିଜ୍ ୬-୦, ୩-୬, ୩-୬, ୬-୪, ୬-୩ ସେଟ୍‌ରେ ବିଶ୍ୱର ୧୫ ନମ୍ବର ଖେଳାଳି ରୋବେର୍ଟୋ ବତିସ୍ତା ଅଗୁଟଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ସେହିପରି ଅନ୍ୟଏକ ତୃତୀୟ ରାଉଣ୍ଡ ମୁକାବିଲାରେ ୨୭ତମ ସିଡ୍ ମାରିନ ସିଲିକ୍ ୭-୫, ୭-୬, ୩-୬, ୬-୩ ସେଟ୍‌ରେ ପଞ୍ଚମ ସିଡ୍ ରୁଷିଆର ଆନ୍ଦ୍ରେ ରୁବ୍‌ଲେଭଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।

# ମାର୍ଚ୍ଚ ଶେଷ ସପ୍ତାହରୁ ଆଇପିଏଲ୍

**ନୂଆଦିଲ୍ଲୀ, ୨୨ା୧ (ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୨୦୨୨ ସଂସ୍କରଣ ଆସନ୍ତା ମାର୍ଚ୍ଚ ଶେଷ ସପ୍ତାହରେ ଆରମ୍ଭ ହୋଇ ମେ ମାସ ଶେଷ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହା ଶନିବାର ଏବିଷୟରେ ସୂଚନା ଦେଇଛନ୍ତି। ଏହି ବ୍ୟୟବହୁଳ ମେଗା ଟି୨୦ ଇଭେଣ୍ଟ ଯଥା ସମ୍ଭବ ଦେଶରେ ଆୟୋଜନ ପାଇଁ ଯୋଜନା ଚାଲିଛି। ଖବର ଅନୁସାରେ ଆଇପିଏଲ ମାର୍ଚ୍ଚ ୨୭ରୁ କରିବା ଲାଗି ସ୍ଥିର ହୋଇଛି। ଅଧିକାଂଶ ଟିମ୍ ମାଲିକ ଟୁର୍ନାମେଣ୍ଟକୁ ଭାରତରେ କରିବା ଲାଗି ଇଚ୍ଛା ପ୍ରକାଶ କରିଛନ୍ତି। ଦେଶର କୋଭିଡ୍ ପରିସ୍ଥିତି ଜଟିଳ ହେଲେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଓ ଦକ୍ଷିଣ ଆଫ୍ରିକାକୁ ବିକଳ୍ପ ଭାବେ ରଖାଯାଇଛି। ଖେଳାଳିମାନଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା କ୍ଷେତ୍ରରେ କୌଣସି ପ୍ରକାର ସାଲିସ କରାଯିବ ନାହିଁ ବୋଲି ଶାହା କହିଛନ୍ତି। ମେଗା ଆଇପିଏଲ ନିଲାମି ଫେବୃୟାରୀ ୧୨ ଓ ୧୩ ରେ ହେବ। ଏହା ପୂର୍ବରୁ ଭେନ୍ୟୁ ଚୂଡ଼ାନ୍ତ କରାଯିବ। ଭାରତରେ ଯଦି ଆୟୋଜନ ହୁଏ ଏଥିପାଇଁ ମୁମ୍ବାଇ ଓ ପୁଣେକୁ ବଛାଯାଇଛି। ଅହମଦାବାଦରେ ଫାଇନାଲ ଖେଳାଯିବ।

ଶନିବାର ବୈଠକରେ ଫ୍ରାଞ୍ଚାଇଜ୍‌ମାଲିକମାନେ ବିଶେଷ କରି ସେମାନଙ୍କ ପସନ୍ଦ ଭେନ୍ୟୁ ସମ୍ପର୍କରେ ପ୍ରସ୍ତାବ ରଖିଥିଲେ। କରୋନାର ତୃତୀୟ ଲହର ଶୀର୍ଷରେ ପହଞ୍ଚି ନିମ୍ନଗାମୀ ହେଉଥିବାରୁ ଆଇପିଏଲ୍‌କୁ ଭାରତରେ କରିବା ଲାଗି ଅଧିକାଂଶ ମାଲିକ ଇଚ୍ଛାପ୍ରକାଶ କରିଥିଲେ। ମୁମ୍ବାଇରେ ତିନୋଟି ଗ୍ରାଉଣ୍ଡ ରହିଛି। ପୁଣେ ଗ୍ରାଉଣ୍ଡ ସହର ବାହାରେ ଜାତୀୟ ରାଜପଥ କଡ଼ରେ ଅବସ୍ଥିତ। ଆଇପିଏଲ୍‌କୁ ୱାଙ୍ଖେଡେ, ବ୍ରାବୋର୍ନ ଓ ଡିୱାଇ ପାଟିଲ ଷ୍ଟାଡିୟମ (ନବି ମୁମ୍ବାଇ) ଓ ଗାହୁଞ୍ଜେ ଷ୍ଟାଡିୟମରେ ଆୟୋଜନ କରାଯାଇପାରେ। ଏହାଦ୍ୱାରା ଖେଳାଳିମାନଙ୍କୁ ବିମାନ ଯାତ୍ରା କରିବାକୁ ପଡ଼ିବ ନାହିଁ। ପୁନଶ୍ଚ ସେମାନଙ୍କୁ ଗୋଟିଏ ବବଲରୁ ଅନ୍ୟ ଏକ ବବଲକୁ ସ୍ଥାନାନ୍ତର ହେବାକୁ ପଡ଼ିବ ନାହିଁ। ସେମାନଙ୍କୁ ଗୋଟିଏ ସହରର ବବଲରେ ରହିବାକୁ ହେବ।

# ମିକ୍ସଡ ଡବଲ୍ସରେ ହାରିଲେ ବୋପାନ୍ନା

**ମେଲବୋର୍ନ,୨୨ା୧:** ଅଭିଜ୍ଞ ଭାରତୀୟ ଟେନିସ ତାରକା ରୋହାନ ବୋପାନ୍ନା ଅଷ୍ଟ୍ରେଲିଆନ ଓପନ୍ ମିକ୍ସଡ ଡବଲ୍ସ ଇଭେଣ୍ଟରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ସେ ଓ ତାଙ୍କ କ୍ରୋଏସିଆ ପାର୍ଟନର ଦରିଜା ଜୁରାକ୍ ସ୍ରେଇବର ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇଛନ୍ତି। ଏହି ଇଣ୍ଡୋ-କ୍ରୋଏସିଆ ଯୋଡ଼ି ଏକ ଘଣ୍ଟା ୩ ମିନିଟ୍‌ରେ କାଜାଖସ୍ତାନ ଓ ୟୁକ୍ରେନର ଆନ୍ଦ୍ରେ ଗୋଲୁବେଭ୍ ଓ ଲିଉଡମିଲା କିଚେନୋକଙ୍କଠାରୁ ଶନିବାର ୬-୧, ୪-୬, ୯-୧୧ରେ ପରାସ୍ତ ହୋଇଛନ୍ତି। ପ୍ରଥମ ସେଟ୍‌ରେ ବିଜୟୀ ହୋଇଥିଲେ ମଧ୍ୟ ବୋପାନ୍ନା ଓ ଦରିଜା ମୁମେଣ୍ଟମ ବଜାୟ ରଖି ପାରି ନ ଥିଲେ। ଅପରପକ୍ଷରେ ମହିଳା ତାରକା ସାନିଆ ମିର୍ଜା ମିକ୍ସଡ ଡବଲ୍ସ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସାନିଆ ଓ ତାଙ୍କ ଆମେରିକୀୟ ପାର୍ଟନର ରାଜୀବ ରାମ ପ୍ରଥମ ରାଉଣ୍ଡରେ ଆଲେକଜାଣ୍ଡ୍ରା କ୍ରୁନିକ ଓ ନିକୋଲା କାକିକଙ୍କୁ ହରାଇ ଅଗ୍ରଗତି କରିଥିଲେ। ଏକମାତ୍ର ଭାରତୀୟ ଭାବେ ସାନିଆ ବର୍ଷର ଏହି ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ଅଭିଯାନ ଜାରି ରଖିଛନ୍ତି।

# ପରେଶ ପଟେଲଙ୍କ ଅବସର

**ଭୁବନେଶ୍ୱର,୨୨ା୧ (ସ୍ପୋର୍ଟ୍ସ ବ୍ୟୁରୋ)**



ରାଜ୍ୟର ଜଣାଶୁଣା କ୍ରିକେଟର ପରେଶ ପଟେଲ ଶନିବାର ଅବସର ଘୋଷଣା କରିଛନ୍ତି। ଓଡ଼ିଶା ପାଇଁ ଜାତୀୟସ୍ତରରେ ଘରୋଇ କ୍ରିକେଟ ଖେଳିଥିବା ପରେଶ ସବୁ ଫର୍ମାଟରୁ ଅବସର ନେଇଛନ୍ତି। ରଣଜୀ ଟ୍ରଫିରେ ସେ ଓଡ଼ିଶା ପାଇଁ ପ୍ରତିନିଧିତ୍ୱ କରିଥିଲେ। ସେ ମଧ୍ୟ ପୂର୍ବାଞ୍ଚଳ ତରଫରୁ ଦେଓଧର ଟ୍ରଫି ଖେଳିଛନ୍ତି। ଇଣ୍ଡିଆ ରେଡ୍ ଦଳ ତରଫରୁ ପ୍ରତିନିଧିତ୍ୱ କରି ସେ ଚ୍ୟାଲେଞ୍ଜର ଟ୍ରଫି ଖେଳି ସଫଳତା ହାସଲ କରିଥିଲେ। ଏହି ଅବସରରେ ସେ ନିଜ କ୍ଲବ ରାମେଶ୍ୱର ସ୍ପୋର୍ଟିଂ, ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଓ ଇଣ୍ଡିଆନ ଅଏଲକୁ କ୍ୟାରିୟରରେ ପୂର୍ଣ୍ଣ ସମର୍ଥନ ଦେଇଥିବାରୁ କୃତଜ୍ଞତା ଜଣାଇଛନ୍ତି। ଅବସର ନେବା ପରେ ସେ କୋଚିଂରେ ମନୋନିବେଶ କରିବେ। ଜୁନିୟର କ୍ରିକେଟରଙ୍କୁ ପ୍ରଶିକ୍ଷଣ ଦେବେ। ପ୍ରତିଭା ଚିହ୍ନଟ ଓ ବିକାଶ ପାଇଁ ପ୍ରଯତ୍ନ କରିବେ ବୋଲି ପରେଶ କହିଛନ୍ତି।

ବାମହାତୀ ବ୍ୟାଟ୍ସମ୍ୟାନ୍ ବ୍ୟତୀତ ଜଣେ ବାମହାତୀ ସ୍ପିନର ଭାବେ ବେଶ୍ ସଫଳତା ଅର୍ଜନ କରିଥିଲେ। ୨୦୦୫ ନଭେମ୍ବର ୨୩ରେ ମାର୍ଗାଓରେ ଗୋଆ ବିପକ୍ଷରେ ପ୍ରଥମ ଶ୍ରେଣୀ କ୍ରିକେଟରେ ପଦାର୍ପଣ କରିଥିଲେ। ସେହିପରି ୨୦୦୯ ନଭେମ୍ବର ୩ରେ ସେ ଅହମଦାବାଦରେ ଗୁଜରାଟ ବିପକ୍ଷରେ କ୍ୟାରିୟରର ଶେଷ ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିଥିଲେ। ୨୦ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳି ସେ ୩୩ଟି ଇନିଂସରେ ୨୩.୫୧ ରନ ହାରରେ ୭୭୬ ରନ ସଂଗ୍ରହ କରିଥିଲେ। ଏଥିରେ ଗୋଟିଏ ଅର୍ଦ୍ଧଶତକ ସାମିଲ ରହିଛି। ୫ଟି କ୍ୟାଚ୍ ନେଇଥିବା ବେଳେ ତାଙ୍କ ସର୍ବାଧିକ ସ୍କୋର ୯୫ରନ ରହିଛି। ସେହିପରି ସେ ୩୬ଟି ଲିଷ୍ଟ ଏ ମ୍ୟାଚ୍ ଖେଳି ୩୫ଟି ଇନିଂସରେ ୩୨.୦୯ ହାରରେ ୧୦୫୯ ରନ ସଂଗ୍ରହ କରିଛନ୍ତି।





